Saturday, June 04, 2016
11:55 AM

ISSN-0971-8397

# ଯୋଜନା

ଏପ୍ରିଲ୍-୨୦୧୬ ବିକାଶମୂଳକ ମାସିକ ପତ୍ରିକା ୨୨/-ଟଙ୍କା



## ବିକାଶର ଦିଗ୍‌ବଳୟରେ ଉତ୍ତର ପୂର୍ବାଞ୍ଚଳ


ସାମଗ୍ରିକ ଅଭିବୃଦ୍ଧି ଓ ଶାନ୍ତି : ଆଞ୍ଚଳିକ ଅର୍ଥନୀତିର ଚାବିକାଠି
ସଂଜୟ ହାଜାରିକା

ଉତ୍ତର-ପୂର୍ବାଞ୍ଚଳରେ ଶିକ୍ଷା ଓ ନିଯୁକ୍ତି
ନାଟାଲି ୱେଷ୍ଟ୍ ଖାରକରଙ୍ଗର

ଉତ୍ତର ପୂର୍ବାଞ୍ଚଳର ବିକାଶ : ସ୍ୱାସ୍ଥ୍ୟ ଓ ଲିଙ୍ଗଗତ ଦୃଷ୍ଟିକୋଣ
ଅରୁଣା ଭଟ୍ଟାଚାର୍ଯ୍ୟ

ଫୋକସ୍
ଉତ୍ତର ପୂର୍ବାଞ୍ଚଳରେ କୃଷି : ପରିବେଶ ଅନୁକୂଳ ଅମଳ ଜରିଆରେ ବିକାଶ ଓ ସମୃଦ୍ଧି
ନିରେନ୍ଦ୍ର ଦେବ

ବିଶେଷ ପ୍ରବନ୍ଧ
ଉତ୍ତର ପୂର୍ବାଞ୍ଚଳରେ ଜନଜାତି ବିକାଶ
ଏନ୍.ସି. ସାକ୍ସେନା

# ବିକାଶର ରୋଡ୍ ମ୍ୟାପ୍

**ସିକ୍କିମ୍‌ର ଗାଂଗ୍‌ଟକ୍‌ଠାରେ, ଜାତୀୟ ଜୈବ କୃଷି ଗବେଷଣା ସଂସ୍ଥାନ**

ନିକଟ ଅତୀତରେ ସିକ୍କିମ୍‌ର ଗାଂଗ୍‌ଟକ୍‌ଠାରେ ଜାତୀୟ ଜୈବ କୃଷି ଗବେଷଣା ସଂସ୍ଥାନ ପ୍ରତିଷ୍ଠା ହୋଇଛି । ଏହି ରାଜ୍ୟକୁ ମଧ୍ୟ ଦେଶର ପ୍ରଥମ ଜୈବ ରାଜ୍ୟ ଭାବେ ଘୋଷଣା କରାଯାଇଛି । ଏହି ସଂସ୍ଥା ଦ୍ୱାରା ଜୈବ କୃଷି ସମ୍ପର୍କିତ ଜ୍ଞାନକୌଶଳ ପ୍ରଦାନ କରାଯିବ, ଯଦ୍ୱାରା ଉତ୍ତର-ପୂର୍ବାଞ୍ଚଳ ସମେତ ସମଗ୍ର ଦେଶ ଉପକୃତ ହେବ । ଜୈବ କୃଷି କ୍ଷେତ୍ରରେ ବିଭିନ୍ନ ଗବେଷଣା ଦ୍ୱାରା ଉତ୍ପାଦକତା ବୃଦ୍ଧି, ସମ୍ବଳର ଦକ୍ଷ ଉପଯୋଗ, ଆର୍ଥିକ ଓ ପରିବେଶ ଦୃଷ୍ଟିରୁ ଧାରଣକ୍ଷମ କୃଷି ପଦ୍ଧତି ଆଦି ଉପରେ ଧ୍ୟାନ ଦିଆଯିବ । ଏହି ସଂସ୍ଥା ଆଉ ମଧ୍ୟ ଜୈବକୃଷି ସମ୍ପର୍କିତ ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବ ।

**ଅଧିକ ୬୧ଟି ଜିଲ୍ଲାରେ ବେଟୀ ବଚାଓ, ବେଟୀ ପଢ଼ାଓ କାର୍ଯ୍ୟକ୍ରମ**

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ବେଟୀ ବଚାଓ, ବେଟୀ ପଢ଼ାଓ ଯୋଜନାକୁ ଦେଶର ୧୧ଟି ରାଜ୍ୟର ୬୧ଟି ଜିଲ୍ଲାକୁ ସଂପ୍ରସାରିତ କରାଯାଇଛି । ଏଥିମଧ୍ୟରୁ ଗୁଜରାଟରେ ୪ଟି, ହରିଆଣାରେ ୮ଟି, ହିମାଚଳ ପ୍ରଦେଶରେ ୨ଟି, ଜମ୍ମୁ ଓ କାଶ୍ମୀରରେ ୧୦ଟି, ମଧ୍ୟପ୍ରଦେଶରେ ୨ଟି, ମହାରାଷ୍ଟ୍ରରେ ୬ଟି, ଦିଲ୍ଲୀରେ ୨ଟି, ପଞ୍ଜାବରେ ୧୦ଟି, ରାଜସ୍ଥାନରେ ୪ଟି, ଉତ୍ତର ପ୍ରଦେଶରେ ୧୧ଟି ଏବଂ ଉତ୍ତରାଖଣ୍ଡରେ ୩ଟି ଜିଲ୍ଲା ସାମିଲ ଅଛନ୍ତି । ହରିଆଣାର ପାନିପଥ୍‌ଠାରେ ୨୦୧୫ ମସିହା ଜାନୁଆରୀ ୨୨ ତାରିଖ ଦିନ ବେଟୀ ବଚାଓ- ବେଟୀ ପଢ଼ାଓ ଯୋଜନାର ଶୁଭାରମ୍ଭ ହୋଇଥିଲା । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ– ଏହିପରି ତିନୋଟି ମନ୍ତ୍ରଣାଳୟର ସମ୍ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୧୦୦ଟି ଜିଲ୍ଲାକୁ ବଛାଯାଇଥିଲା ।

**ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୧୦ଲକ୍ଷ ଲୋକ ପଞ୍ଜିକୃତ**

କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନସ୍ଥ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୧୦ଲକ୍ଷ ଲୋକ ପଂଜିକୃତ ହୋଇସାରିଛନ୍ତି । ଜାତୀୟ କୌଶଳ ବିକାଶ ନିଗମ ଦ୍ୱାରା ୧୦୧୨ ଟି ପ୍ରଶିକ୍ଷଣ ସଂସ୍ଥା ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ପଂଜିକୃତ ହୋଇଥିବା ୧୦ଲକ୍ଷ ୨୮ ହଜାର, ୬୭୧ ଜଣଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ସେମାନଙ୍କ ପ୍ରଶିକ୍ଷଣ ନେଇସାରିଛନ୍ତି । ଦେଶର ସମସ୍ତ ୨୯ଟିଯାକ ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳର ୫୯୬ଟି ଜିଲ୍ଲା ଏବଂ ୫୩୧ଟି ନିର୍ବାଚନ ମଣ୍ଡଳୀରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ୫୬୬ଟି ବିଭିନ୍ନ ନିଯୁକ୍ତି ସମ୍ପର୍କିତ ତାଲିମ୍ ପାଇଁ ପାଠ୍ୟକ୍ରମ ନିର୍ଦ୍ଧାରିତ ହୋଇଛି । ଏହା ଦ୍ୱାରା ସଂପୃକ୍ତ କର୍ମଚାରୀଙ୍କୁ କୌଶଳଯୁକ୍ତ କରି ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାର ଯୋଜନା ରହିଛି । ଏହି ଯୋଜନା ଅଧୀନରେ ସବୁଠାରୁ ଅଧିକ ପଂଜିକୃତ ବ୍ୟକ୍ତି ଉତ୍ତରପ୍ରଦେଶ ଓ ତାମିଲନାଡୁ ଭଳି ରାଜ୍ୟର ହୋଇଥିବା ବେଳେ, ନିଯୁକ୍ତି କ୍ଷେତ୍ର ମଧ୍ୟରେ ଅଧିକ ପଂଜିକରଣ ଲୋଜିଷ୍ଟିକ୍ସ, କୃଷି, ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ପାଇଁ ହୋଇଛି ।

**ଲିଗୋ-ଇଣ୍ଡିଆ ବୃହତ୍ତ ବିଜ୍ଞାନ ପ୍ରସ୍ତାବ**

ମାଧ୍ୟାକର୍ଷଣ ତରଙ୍ଗ ଉପରେ ଗବେଷଣା ପାଇଁ ଉଦ୍ଦିଷ୍ଟ 'ଲିଗୋ' (LIGO) ଇଣ୍ଡିଆ ବୃହତ ବିଜ୍ଞାନ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି । ଖଓଏଙ୍ଗ ହେଉଛି 'ଲାଜର୍ ଇଣ୍ଟରଫେରୋମିଟର ଗ୍ରାଭିଟେସନାଲ୍ ୱେଭ୍ ଅବଜରଭେଟୋରୀ'ର ସଂକ୍ଷିପ୍ତ ରୂପ । ପରମାଣୁ ଶକ୍ତି ବିଭାଗ ଓ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବ୍ରହ୍ମାଣ୍ଡର କେତେକ ରହସ୍ୟ ଉପରେ ଅଧିକ ଜ୍ଞାନ ହାସଲ କରିବା । ଏହି ପ୍ରକଳ୍ପ ଅଧୀନରେ ଭାରତରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ସଂପନ୍ନ ଏକ ମାଧ୍ୟାକର୍ଷଣ ତରଙ୍ଗ ଅବଜରଭେଟୋରୀ ପ୍ରତିଷ୍ଠା କରାଯିବ ।

# ଯୋଜନା

ତ୍ରୟୋବିଂଶ ବର୍ଷ : ସପ୍ତମସଂଖ୍ୟା : ଅପ୍ରେଲ୍ ୨୦୧୬

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | **ସଂପାଦକୀୟ** | | ୪ |
| ୨ | ସାମଗ୍ରୀକ ଅଭିବୃଦ୍ଧି ଓ ଶାନ୍ତି: ଆଞ୍ଚଳିକ ଅର୍ଥନିତୀର ଚାବିକାଠି | ସଂଜୟ ହାଜାରିକା | ୫ |
| ୩. | ଉତ୍ତର-ପୂର୍ବାଞ୍ଚଳରେ ଶିକ୍ଷା ଓ ନିଯୁକ୍ତି | ନାଟାଲି ଓ୍ୱେଷ୍ଟ ଖାରକରଙ୍ଗର | ୮ |
| ୪. | ଉତ୍ତର-ପୂର୍ବାଞ୍ଚଳର ସମସ୍ୟା | ଡଃ ଅରୁଣା ଭଟ୍ଟାଚାର୍ଯ୍ୟ | ୧୧ |
| ୫. | ଉତ୍ତର ପୂର୍ବାଞ୍ଚଳରେ କୃଷି | ନିରେନ୍ଦ୍ର ଦେବ | ୧୪ |
| ୬. | ଉତ୍ତର-ପୂର୍ବ ଭାରତରେ ଜନଜାତି ବିକାଶ | ଏନ୍.ସି. ସାକ୍‌ସେନା | ୧୭ |
| ୭. | ମେଘାଳୟରେ ସ୍ୱୟଂଶାସିତ ଜିଲ୍ଲା ପରିଷଦ | ଡ. ଚିନ୍ତାମଣି ରାଉତ | ୨୩ |
| ୮. | ଉତ୍ତର-ପୂର୍ବାଂଚଳ : ବିଶ୍ୱ ପର୍ଯ୍ୟଟନ ପାଇଁ ଏକ ଅନାବିଷ୍କୃତ ସ୍ୱର୍ଗ | ସୌରଭ କୁମାର ଦିକ୍ଷୀତ୍ | ୨୫ |
| ୯. | ଉତ୍ତର-ପୂର୍ବାଂଚଳରେ ଜୈବ ବିବିଧତା | ଡ. ଅରୁପ କୁମାର ମିଶ୍ର | ୨୯ |
| ୧୦. | ଉତ୍ତର-ପୂର୍ବାଞ୍ଚଳରେ ଭିତ୍ତିଭୂମି ଦୃଶ୍ୟପଟ | ଡକ୍ଟର କୃଷ୍ଣ ଦେବ | ୩୨ |
| ୧୧. | ଉତ୍ତର-ପୂର୍ବାଞ୍ଚଳରେ ଜଳପଥ | ଡକ୍ଟର ବିଶ୍ୱପତି ତ୍ରିବେଦୀ | ୩୬ |
| ୧୨. | **ଉତ୍ତର-ପୂର୍ବାଞ୍ଚଳରେ ଶକ୍ତି ଉତ୍ପାଦନ: ସୁଯୋଗ ଓ ଆହ୍ୱାନ** | କେ. ରାମନାଥନ | ୩୯ |
| ୧୩. | ଆପଣ ଜାଣନ୍ତି କି? | | ୪୩ |
| ୧୪. | ଓଡ଼ିଶାରେ ନଦୀ ସଂଯୋଗୀ କରଣ ଓ ଜଳ ସେଚନ | ବରେନ୍ଦ୍ର କୃଷ୍ଣ ଧଳ | ୪୪ |
| ୧୫. | ଓଡ଼ିଶାର ମାଟି ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ | ଡଃ ଅନ୍ତର୍ଯ୍ୟାମୀ ମିଶ୍ର | ୪୯ |
| ୧୬. | ସାଂପ୍ରତିକୀ | | ୫୩ |



ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ
ସଂପାଦକ (ସମନ୍ୱୟ) : ଜୟ ସିଂହ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା
ପ୍ରଚ୍ଛଦପଟ ଶିଳ୍ପୀ : ଜି. ପି. ଧୋପେ



*Editor*

**YOJANA (ODIA)**

C/O : Assistant Director, (News)

Regional News Unit,

All India Radio,

Cantonment Road,

Cuttack-753001

Phone : 9437073438

Website : www.publicationsdivision.nic.in

Email : odiayojana@gmail.com

Subscription & Business Queries :

pdjucir@yahoo.co.in

Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ପ୍ରଗତି ପଥେ ଉତ୍ତର-ପୂର୍ବାଞ୍ଚଳ

**ଉ**ତ୍ତର-ପୂର୍ବାଞ୍ଚଳର ସାତୋଟି ରାଜ୍ୟ - ଆସାମ, ତ୍ରିପୁରା, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଅରୁଣାଚଳପ୍ରଦେଶ , ମଣିପୁର । ସିକ୍କିମ୍ ହେଉଛି ଏ ଅଞ୍ଚଳର ସଦ୍ୟତମ ସଦସ୍ୟ । ଏମାନଙ୍କୁ ଆଦରରେ କୁହାଯାଏ 'ସାତ ଭଉଣୀ'- କାରଣ ଏ ସମସ୍ତଙ୍କ ମଧ୍ୟରେ ରହିଛି ସାଂସ୍କୃତିକ ଓ ଆଞ୍ଚଳିକ ସମତା ଓ ଏକତା । ଏମିତି ମଧ୍ୟ, ରାଜନୈତିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ମଧ୍ୟ ଏମାନଙ୍କର ଏକ ବିଶେଷ ଗୁରୁତ୍ୱ ରହିଛି । ଏହି ଅଞ୍ଚଳ ସହିତ ତିନୋଟି ଆନ୍ତର୍ଜାତୀୟ ସୀମାରେଖା ରହିଛି - ମ୍ୟାନ୍‌ମାର୍, ବାଂଲାଦେଶ ଓ ବିଶ୍ୱ-ଶକ୍ତି ହେବାର ସମ୍ଭାବନା ବହନ କରୁଥିବା ଚୀନ୍ । ଏହି କାରଣ ଯୋଗୁଁ ଏ ଅଞ୍ଚଳର ବିକାଶ ଅତ୍ୟାବଶ୍ୟକ ।

ଏହି ସାତଟିଯାକ ରାଜ୍ୟର ଅନ୍ତର୍ନିହିତ ସମାନତା ସତ୍ତ୍ୱେ, ଜାତି, ସଂସ୍କୃତି, ଭାଷା ଓ ଭୂଗୋଳ ଦୃଷ୍ଟିରୁ ଏମାନେ ପ୍ରତ୍ୟେକ ଅନ୍ୟଠାରୁ ପୃଥକ୍ । ଅର୍ଥାତ୍, ଜଣେ ପଂଜାବୀଠାରୁ ଜଣେ ବିହାରୀ ଯେମିତି ଅଲଗା, ଠିକ୍ ସେମିତି ଜଣେ ନାଗାଠାରୁ ଜଣେ ଆସାମୀ କିମ୍ବା ଜଣେ ବୋଡ଼ୋଠାରୁ ଜଣେ ଗାରୋ ମଧ୍ୟ ସେମିତି ପୃଥକ୍ । ତେବେ, ଏ ଅଂଚଳର ଅଧିକାଂଶ ହେଉଛନ୍ତି ଆଦିବାସୀ- ଯେଉଁମାନଙ୍କଠାରେ ରହିଛି ଯୁଗଯୁଗ ଧରି ଓହ୍ଲେଇ ଆସିଥିବା ସେମାନଙ୍କ ନିଜସ୍ୱ ସଂସ୍କୃତି ।

ନିଜର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ-ବିବିଧତା ଯୋଗୁଁ, ଏହି ଅଂଚଳ ହେଉଛି ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ । ଆସାମର ଜାତୀୟ ଉଦ୍ୟାନ ହେଉ କିମ୍ବା ମେଘାଳୟ (ମେଘର ସ୍ଥାନ)ର ଜଳପ୍ରପାତ ଓ ହ୍ରଦ; କାଂଚନଜଂଗାର ବରଫାବୃତ ଗିରିଶୃଙ୍ଗ ହେଉ ବା ସିକ୍କିମ୍‌ର ବୌଦ୍ଧମଠ– ଏଗୁଡ଼ିକ ହେଉଛନ୍ତି ଏହି ଅଂଚଳର ପ୍ରାକୃତିକ ପ୍ରାଚୁର୍ଯ୍ୟ ଓ ସାଂସ୍କୃତିକ ବୈଭବର ଗୋଟିଏ ଗୋଟିଏ ଉଦ୍‌ଭାସିତ ଉଦାହରଣ । ଏ ଅଂଚଳର ନୃତ୍ୟରେ ରହିଛି ମାଦକତା, ହସ୍ତତନ୍ତ ଓ ହସ୍ତଶିଳ୍ପରେ ରହିଛି ବିଶ୍ୱ-ମନ ଜିଣିବାର ମହକ । ଏ ଅଂଚଳ ଏକ ସୁନ୍ଦର ଉଦ୍ୟାନ ।

ତେବେ, ଏହି ଉଦ୍ୟାନରେ ଛପି ବୁଲୁଛି ଏକ ବିଷଧର ସର୍ପ- ଉଗ୍ରବାଦ ରୂପରେ । ଏହା ଯୋଗୁଁ ହିଁ ଏ ଅଂଚଳର ବିକାଶ ଆଜି ବାଧାପ୍ରାପ୍ତ- ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ । ଫଳତଃ, ଏ ଅଞ୍ଚଳର ଯୁବପିଢ଼ୀ ଉଭୟ ଶିକ୍ଷା ଓ ରୋଜଗାର ପାଇଁ ଅନ୍ୟତ୍ର ଠିକଣା ଖୋଜିବାକୁ ବାଧ୍ୟ । ଏ ଅଂଚଳର ଅନ୍ୟତମ ଦୁଃଖ ହେଉଛି ନିଶାଦ୍ରବ୍ୟ । ଯୁବାବର୍ଗ ହୁଅନ୍ତୁ ବା ବୟସ୍କ– ସମସ୍ତେ ଏହାର ଶିକାର । ଏଠାରେ କୃଷିକୁ ପ୍ରାଧାନ୍ୟ ଦିଆଯାଏ- ଚା, ଅଦା, ଫଳ ଓ ପନିପରିବା କ୍ଷେତ୍ରରେ ଏ ଅଂଚଳ ବେଶ୍ ଆଗୁଆ । ଉଦ୍ୟାନକୃଷି ପାଇଁ ଏ ଅଞ୍ଚଳ ବେଶ୍ ବିଖ୍ୟାତ । ଅନ୍ୟ ପକ୍ଷରେ, କୃଷିର ଆଧୁନିକ ପ୍ରଣାଳୀର ଅଭାବ ଯୋଗୁଁ, ଏ ଅଂଚଳର ଚାଷୀକୁ, ତା' ଶ୍ରମ ଅନୁରୂପ ପାରିଶ୍ରମିକ ମିଳେ ନାହିଁ । ବନ୍ୟା ହେଉଛି ଆଉ ଏକ ଶତ୍ରୁ । ବର୍ଷା-ବିହ୍ୱଳିତ ବ୍ରହ୍ମପୁତ୍ରର ବ୍ରହ୍ମ-ଚାପୁଡ଼ା ସହ ଏ ଅଂଚଳ ବେଶ୍ ପରିଚିତ । ଏ ଅଂଚଳର ପ୍ରମୁଖ ସଂଯୋଗ ପଥ ହେଉଛି ସିଲିଗୁରି କରିଡର- ତା' ପୁଣି ବିଦେଶୀ-ବେଷ୍ଟନୀ ଭିତରେ । ଏହି ସବୁ ସମସ୍ୟାଗୁଡ଼ିକର ସମାଧାନ, ପ୍ରାଥମିକତାର ସହ କରିବାକୁ ପଡ଼ିବ । ତେବେ ଯାଇ, ଦେଶର ଅନ୍ୟ ଅଂଚଳ ସହିତ ଏ ଅଂଚଳ ମଧ୍ୟ ସମକକ୍ଷ ହୋଇପାରିବ । ଏ ଅଂଚଳର ଜନସାଧାରଣ ମଧ୍ୟ ଉନ୍ନତିର ସ୍ୱାଦ ଚାଖିପାରିବେ-ଲାଭାନ୍ୱିତ ହୋଇପାରିବେ । ●

# ସାମଗ୍ରୀକ ଅଭିବୃଦ୍ଧି ଓ ଶାନ୍ତି
# ଆଞ୍ଚଳିକ ଅର୍ଥନିତୀର ଚାବିକାଠି

ସଂଜୟ ହାଜାରିକା

ଆଂଚଳିକ ଅର୍ଥନୀତିର ପୂର୍ବାଭିମୁଖୀ ହେବା କ୍ଷେତ୍ରରେ ବାଂଲାଦେଶ ସହିତ ରାଜନୈତିକ ଓ ବାଣିଜ୍ୟ ସମ୍ପର୍କ ସ୍ଥାପନ ବେଶ୍ ଗୁରୁତ୍ୱ ବହନ କରେ । ଏହାଦ୍ୱାରା, ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆରେ ଦେଶର ଉତର ପୂର୍ବାଂଚଳ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ଯାହାକି ଢ଼ାକା ଓ ଗୌହାଟୀଠାରେ ପ୍ରଧାନମନ୍ତ୍ରୀ ଏବଂ ତା'ପୂର୍ବରୁ ଅନ୍ୟ ନେତୃବୃନ୍ଦଙ୍କ ଘୋଷଣା ଅନୁରୂପ । ଏହାର ଅର୍ଥ ହେଉଛି ଦେଶର 'ପୂର୍ବମୁଖୀ ଆଭିମୁଖ୍ୟ' ନୁହଁ, ବରଂ ଦକ୍ଷିଣ ପଶ୍ଚିମମୁଖୀ ଆଭିମୁଖ୍ୟ । କାରଣ 'ପୂର୍ବ'ରେ ରହିଛି ସାମରିକ ଶାସନ ବ୍ୟବସ୍ଥାରୁ ମୁକୁଳି ଆସି ଗଣତନ୍ତ୍ରକୁ ଆପଣେଇଥିବା ଏକ ଅନିଶ୍ଚିତ 'ମ୍ୟାନ୍‌ମାର' ।

୧୯୯୦ ଦଶକ ପ୍ରାରମ୍ଭରୁ ଭାରତ 'ପୂର୍ବମୁଖୀ' ଆଭିମୁଖ୍ୟ ପ୍ରଦର୍ଶନ କରିଆସିଛି । ଏହି ନୀତିକୁ ନେଇ ଅନେକ ଆଲୋଚନା-ପର୍ଯ୍ୟାଲୋଚନା, ସଭା-ସମ୍ମିଳନୀ ଆଦି ଅନୁଷ୍ଠିତ ହୋଇଥିଲେ ମଧ୍ୟ, ଏ ପର୍ଯ୍ୟନ୍ତ ଏ ଦିଗରେ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇପାରିନାହିଁ । ତେବେ, ଆଞ୍ଚଳିକ ଅର୍ଥନୀତିର ପୂର୍ବାଭିମୁଖୀ ହେବା କ୍ଷେତ୍ରରେ ବାଂଲାଦେଶ ସହିତ ରାଜନୈତିକ ଓ ବାଣିଜ୍ୟ ସମ୍ପର୍କ ସ୍ଥାପନ ବେଶ୍ ଗୁରୁତ୍ୱ ବହନ କରେ । ଏହାଦ୍ୱାରା, ଦକ୍ଷିଣ ଓ ଦକ୍ଷିଣପୂର୍ବ ଏସିଆରେ ଦେଶର ଉତ୍ତର ପୂର୍ବାଞ୍ଚଳ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ଯାହାକି ଢ଼ାକା ଓ ଗୌହାଟୀଠାରେ ପ୍ରଧାନମନ୍ତ୍ରୀ ଏବଂ ତା'ପୂର୍ବରୁ ଅନ୍ୟ ନେତୃବୃନ୍ଦଙ୍କ ଘୋଷଣା ଅନୁରୂପ । ଏହାର ଅର୍ଥ ଦେଶର 'ପୂର୍ବମୁଖୀ ଆଭିମୁଖ୍ୟ' ନୁହଁ, ବରଂ ଦକ୍ଷିଣ ପଶ୍ଚିମମୁଖୀ ଆଭିମୁଖ୍ୟ । କାରଣ 'ପୂର୍ବ'ରେ ରହିଛି ସାମରିକ ଶାସନ ବ୍ୟବସ୍ଥାରୁ ମୁକୁଳି ଆସି ଗଣତନ୍ତ୍ରକୁ ଆପଣେଇଥିବା ଏକ ଅନିଶ୍ଚିତ 'ମ୍ୟାନ୍‌ମାର' ।

ତ୍ରିପୁରାରେ ବ୍ୟବସାୟିକ ବାତାବରଣ ତିଆରି ହେବାରେ ଲାଗିଛି । ରାଜଧାନୀ ଅଗରତାଲାରେ ପରିଦୃଶ୍ୟ ବାଂଲାଦେଶୀ ବ୍ୟବସାୟିକ ପ୍ରତିନିଧି ମଣ୍ଡଳ, ଏହି କଥା ପ୍ରମାଣିତ କରେ । ତ୍ରିପୁରାର ଅପେକ୍ଷାକୃତ ଉତ୍ତମ ପ୍ରଶାସନିକ ପ୍ରଦର୍ଶନ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ଉଗ୍ରବାଦ ସମାପ୍ତ ହୋଇସାରିଛି । ଏହାସହିତ ତ୍ରିପୁରା ସରକାର ୨୦୦୫ରେ ଉଠାଇ ସାରିଛନ୍ତି ସଶସ୍ତ୍ର ବଳ ବିଶେଷ କ୍ଷମତା ଅଧିନିୟମ ଓ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ଅଧିନିୟମ । ବର୍ତ୍ତମାନ ସେଠାରେ ଶାନ୍ତି ବିରାଜମାନ । ବାଂଲାଦେଶ ସରକାର ବାଗ୍‌ଡୋଗ୍ରାଠାରେ ଦୂତାବାସ ସୁବିଧା ଉପଲବ୍ଧ କରାଉଛନ୍ତି, ଯଦ୍ୱାରା ଦାର୍ଜିଲିଂ ଭଳି ସ୍ଥାନକୁ ଆସୁଥିବା ପର୍ଯ୍ୟଟନମାନଙ୍କୁ ଆଉ ବୁଲେଇବଙ୍କେଇ କଲିକତା ଦେଇ ଆସିବାକୁ ପଡିବ ନାହିଁ । ଏହା ଏକ କ୍ଷୁଦ୍ର ପଦକ୍ଷେପ, ମାତ୍ର ପ୍ରଗତିଶୀଳ ମଧ୍ୟ । କାରଣ, ଅତୀତରେ, ବାଂଲାଦେଶ ଯିବା ପାଇଁ ଆବଶ୍ୟକ ସରକାରୀ ଅନୁମତି ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ନିକଟତମ ବାଂଲାଦେଶୀ କନସୁଲାର କାର୍ଯ୍ୟାଳୟ କୋଲକତା ଓ ଅଗରତାଲାରେ ରହିଛି । ତେଣୁ, ଭିସା ପାଇଁ ଆବଶ୍ୟକ ପଡୁଥିଲା ଦୁଇଦିନ ଅଯଥା ସମୟ । ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡୁଥିଲା । ସେହିଭଳି ବାଂଲାଦେଶୀ ନାଗରିକଙ୍କୁ ମଧ୍ୟ ଅନୁରୂପ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା (ଏହା ଅବୈଧ ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ ନୁହଁ) । କେତେଗୁଡ଼ିଏ ଦଶନ୍ଧିପରେ ଯାଇ ସିଲ୍‌ହେଟ୍ ଓ ଗୌହାଟୀଠାରେ କନ୍‌ସୁଲାର କାର୍ଯ୍ୟାଳୟ ଖୋଲିବାର ସମ୍ଭାବନା ଦେଖାଦେଇଛି ।

ଏସବୁ ସତ୍ତ୍ୱେ ମଧ୍ୟ, ଦେଶର 'ପୂର୍ବାଭିମୁଖୀ' ଆଭିମୁଖ୍ୟର କାର୍ଯ୍ୟକାରୀତା କ୍ଷେତ୍ରରେ ଅନେକ ଆହ୍ୱାନ ରହିଛି । ଏହି ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ଜରୁରୀ ।

ପ୍ରଥମଟି ହେଉଛି, ଯେଉଁ ଅଞ୍ଚଳରେ ଦୀର୍ଘ ୬୦ବର୍ଷ ଧରି ଉଗ୍ରବାଦ ଓ ସଂଘର୍ଷ ଲାଗି ରହିଥିଲା, ସେହି ଅଞ୍ଚଳରୁ 'ଅସ୍ଥିରତା'ର କଳଙ୍କ ପୋଛିଦେବା ଆଦୌ ସହଜ ନୁହେଁ । ସରକାରଙ୍କ ସତତ ପ୍ରଚେଷ୍ଟା ସତ୍ତ୍ୱେ, ଏହି ଅଞ୍ଚଳ ପ୍ରତି ପୁଞ୍ଜିନିବେଶକାରୀଙ୍କ ଅନାଗ୍ରହର ଏହା ହେଉଛି ଏକ ପ୍ରମୁଖ କାରଣ । ଏ ଅଞ୍ଚଳ ପ୍ରତି କେନ୍ଦ୍ରର ଆଭିମୁଖ୍ୟ ମଧ୍ୟ ସୁରକ୍ଷା ବିଷୟ ଉପରେ ପର୍ଯ୍ୟବସିତ । ଫଳତଃ, ଏ ଅଞ୍ଚଳରେ ଅବହେଳିତ ହେବାର ଏକ ଭାବନା ଦାନା ବାନ୍ଧିବା ସହିତ ବିଶ୍ୱାସକୁ ନେଇ ଏକ ନିଅଣ୍ଟିଆ ପରିସ୍ଥିତି ମଧ୍ୟ ରହିଛି । ଏଭଳି ପରିସ୍ଥିତି ପୁଣି ଦୃଢ଼ୀଭୂତ ହେଉଛି, ସୁରକ୍ଷା କର୍ମୀ ଓ ସଶସ୍ତ୍ର ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କ ଦ୍ୱାରା କରାଯାଉଥିବା ମାନବ ଅଧିକାର ଉଲ୍ଲଂଘନ ଭଳି ଘଟଣାଦ୍ୱାରା ।

'ଦକ୍ଷିଣ-ପୂର୍ବ ଏସିଆ ସହିତ ଯୋଗାଯୋଗ ବୃଦ୍ଧି କରିବା କଥା କହିବାକୁ ସହଜ । କିନ୍ତୁ ଯେଉଁଠି ସୀମା ସହିତ ସୁରକ୍ଷା ପ୍ରଶ୍ନ ମଧ୍ୟ ଜଡ଼ିତ ଅଛି, ସେଠି ଏହାର ସମ୍ଭାବନାକୁ ସତ୍ୟରେ କେମିତି ପରିବର୍ତ୍ତିତ କରାଯାଇପାରିବ ?'- ୨୦୧୪ ମସିହାରେ ସିଲଂ ଟାଇମ୍ସର ସମ୍ପାଦକ ପାଟ୍ରିସିଆ ମୁଖିମ ଏହିଭଳି ମନ୍ତବ୍ୟ ଦେଇଥିଲେ । ତେଣୁ ଦେଶର ପୂର୍ବାଭିମୂଖୀ ନୀତି, ମୂଳତଃ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଭଳି ଉପକୂଳ ରାଜ୍ୟଗୁଡ଼ିକୁ ସୁହାଇଛି । କାରଣ, ଆନ୍ତର୍ଜାତିକ ବାଣିଜ୍ୟ ସ୍ଥଳତଃ ସମୁଦ୍ରପଥ ଦେଇ ହୋଇଥାଏ ।

ବାଣିଜ୍ୟ ପାଇଁ ଉତ୍ତର-ପୂର୍ବାଞ୍ଚଳରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ । ଏଥିପାଇଁ ଆବଶ୍ୟକ ଜମି ମଧ୍ୟ ସହଜରେ ଉପଲବ୍ଧ ହୁଏନାହିଁ ବିଭିନ୍ନ ପାରମ୍ପରିକ, ରାଜନୈତିକ ଓ ସାମାଜିକ କାରଣରୁ । ଏତଦ୍‌ବ୍ୟତୀତ ଉତ୍ତମ ପ୍ରଦର୍ଶନ କରୁଥିବା ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ଅପେକ୍ଷା ଉତ୍ତର-ପୂର୍ବାଞ୍ଚଳ, ବିକାଶ କ୍ଷେତ୍ରରେ ବହୁ ପଛରେ । ତେଣୁ, ବଙ୍ଗୋପସାଗର ସହିତ ଏ ଅଞ୍ଚଳର ଯୋଗାଯୋଗ ବଢ଼ାଇବାକୁ ପଡିବ । ବାଂଲାଦେଶର ଆଖାଉରା ଦେଇ ଅଗରତାଲାରୁ ଚିଟାଗଙ୍ଗ ବନ୍ଦର ସହିତ ରେଳ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଏହା କରାଯାଇପାରିବ । ଏ ଦିଗରେ ପ୍ରଗତି ଖୁବ୍ ମନ୍ଥର, ଅନ୍ତତଃ ଦୀର୍ଘ ଦୁଇ ଦଶନ୍ଧିର ଆଲୋଚନା ପରେ ମଧ୍ୟ । ଏଭଳି ବ୍ୟବସ୍ଥା ଦ୍ୱାରା ଉତ୍ତର-ପୂର୍ବାଞ୍ଚଳର ବସ୍ତୁ ପାଇଁ ବାଂଲାଦେଶରେ ଏବଂ ବାଂଲାଦେଶର ଉତ୍ପାଦ ପାଇଁ ଭାରତରେ ବଜାର ଉପଲବ୍ଧ ହୋଇପାରିବ ।

ଜାତୀୟ ବାଉଁଶ ମିଶନ୍ ଆକଳନ ଅନୁଯାୟୀ, ଏଠାରେ ବାର୍ଷିକ ୬୦ନିୟୁତ ଟନ୍ ବାଉଁଶ ଅମଳ କରାଯାଇପାରିବ । ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ କର୍ମନିଯୁକ୍ତି ମଧ୍ୟ ପାଇପାରିବେ । ତଥାପି ଏ ଦିଗରେ ଗମ୍ଭୀର ପ୍ରୟାସର ଅଭାବ ରହିଛି । ଏ ଅଞ୍ଚଳ ଏବେ ମଧ୍ୟ ଅଧିକାଂଶ ଜିନିଷ ଆମଦାନୀ କରୁଛି - ରେଜର୍‌ଠାରୁ ଆରମ୍ଭ କରି ପେନ୍‌ସିଲ, ମାଛ, ଖାଦ୍ୟଶସ୍ୟ, କାର୍ ଓ ଟିଭି ସେଟ୍ ପର୍ଯ୍ୟନ୍ତ । ଏହା ଏବେ ମଧ୍ୟ କେବଳ ଏକ ବଜାର ହୋଇ ରହିଛି ସିନା, ଉତ୍ପାଦନ କେନ୍ଦ୍ର ହୋଇପାରିନାହିଁ । ଯଦିଓ ଏହି ଅଞ୍ଚଳରୁ ଫଳ, ପନିପରିବା ଏବଂ ଏପରିକି ଗାଇଗୋରୁ ମଧ୍ୟ, ବାଂଲାଦେଶ ଓ ମ୍ୟାନ୍‌ମାର୍‌କୁ ରପ୍ତାନି କରାଯାଏ, ତଥାପି, ଏହି ଦ୍ରବ୍ୟଗୁଡ଼ିକୁ ମୂଲ୍ୟଯୁକ୍ତ କରିବା ପାଇଁ

ଜାତୀୟ ବାଉଁଶ ମିଶନ୍ ଆକଳନ ଅନୁଯାୟୀ, ଏଠାରେ ବାର୍ଷିକ ୬୦ନିୟୁତ ଟନ୍ ବାଉଁଶ ଅମଳ କରାଯାଇପାରିବ । ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ କର୍ମନିଯୁକ୍ତି ମଧ୍ୟ ପାଇପାରିବେ । ତଥାପି ଏ ଦିଗରେ ଗମ୍ଭୀର ପ୍ରୟାସର ଅଭାବ ରହିଛି । ଏ ଅଞ୍ଚଳ ଏବେ ମଧ୍ୟ ଅଧିକାଂଶ ଜିନିଷ ଆମଦାନୀ କରୁଛି - ରେଜର୍‌ଠାରୁ ଆରମ୍ଭ କରି ପେନ୍‌ସିଲ, ମାଛ, ଖାଦ୍ୟଶସ୍ୟ, କାର୍ ଓ ଟିଭି ସେଟ୍ ପର୍ଯ୍ୟନ୍ତ । ଏହା ଏବେ ମଧ୍ୟ କେବଳ ଏକ ବଜାର ହୋଇ ରହିଛି ସିନା, ଉତ୍ପାଦନ କେନ୍ଦ୍ର ହୋଇପାରିନାହିଁ ।

ଏଠି କୌଣସି ପ୍ରକ୍ରିୟାକରଣ ଶିଳ୍ପ ନାହିଁ । ଏ ଅଞ୍ଚଳର ମାନବ ବିକାଶ ସୂଚକାଙ୍କ ମଧ୍ୟ ଉଦ୍‌ବେଗଜନକ । ସରକାରୀ ତଥ୍ୟରୁ ଜଣାପଡେ ଯେ, ଆସାମରେ ଜନନୀ ମୃତ୍ୟୁ ହାର ଅତି ଚିନ୍ତାଜନକ । ଏହି ହାର ୩୦୦ ହୋଇଥିବାବେଳେ, ଏହା ଉତ୍ତରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶ ଠାରୁ ମଧ୍ୟ ଅଧିକ । ୨୦୦୪-୦୫ରେ ଏହି ହାର ୪୯୦ ଥିବାବେଳେ, ଏବେ ସେଥିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଛି । ତେବେ ଏଭଳି ମାନବବିକାଶ ସୂଚକାଙ୍କ ଗୁଡ଼ିକରେ ଉନ୍ନତି ନଆସିଲେ, ସମାଜରେ ମଣିଷର ସମ୍ମାନ ଓ ସମାନତା ବଜାୟ ନରହିଲେ, କୌଣସି ପ୍ରକାରର ନୀତି ବା ଆଭିମୁଖ୍ୟ ଫଳପ୍ରଦ ହୋଇପାରିବ ନାହିଁ ।

ଅନ୍ୟଏକ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନ । ଏଥିଯୋଗୁଁ ଉତ୍ତର-ପୂର୍ବାଞ୍ଚଳରୁ ଦେଶର ଅନ୍ୟସ୍ଥାନକୁ ଲୋକେ ପଳାୟନ କରୁଛନ୍ତି । ବନ୍ୟା ଦ୍ୱାରା, ପ୍ରାୟ ପ୍ରତ୍ୟେକବର୍ଷ, ବ୍ରହ୍ମପୁର ଉପତ୍ୟକା ପ୍ରଭାବିତ

**ଦେଶର 'ପୂର୍ବାଭିମୁଖୀ' ନୀତି, ପ୍ରଶଂସନୀୟ । କିନ୍ତୁ, ଜଳପଥ ପରିବହନ ସଂକ୍ରାନ୍ତୀୟ ଏକ ନୀତି ବିନା, ଏହି ନୀତିର କାର୍ଯ୍ୟକାରୀତା ଆଶାନୁରୂପ ହୋଇପାରିବ ନାହିଁ । କାରଣ ଏହାଦ୍ୱାରା ନଦୀପଥ ଦେଇ ମାଲ୍ ପରିବହନ ହୋଇପାରିଲେ ଉତ୍ତର-ପୂର୍ବାଞ୍ଚଳ ଲାଭାନ୍ୱିତ ହେବ । ଏ ଅଞ୍ଚଳର ରାସ୍ତାଘାଟ ଓ ରେଳପଥ ବର୍ଷକୁ ପ୍ରାୟତଃ ୩ରୁ ୫ ମାସ ପର୍ଯ୍ୟନ୍ତ ଅଧିକ ଜଳ ଦ୍ୱାରା ପ୍ରଭାବିତ ହୁଅନ୍ତି । ଅବଶ୍ୟ, ପରିବହନ ମନ୍ତ୍ରଣାଳୟ ତରଫରୁ ଏହି ଅଞ୍ଚଳରେ ଜଳପଥ ପରିବହନକୁ ଗୁରୁତ୍ୱ ଦିଆଯାଉଛି । ଅନ୍ୟପକ୍ଷରେ ଏଭଳି ବ୍ୟବସ୍ଥା, ନଦୀପାର୍ଶ୍ୱ ଜନଜୀବନ ଓ ଜଳଚର ପ୍ରାଣୀଙ୍କୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି ।**

ହୁଏ । ନିକଟ ଅତୀତରେ ଏଭଳି ଏକ ବନ୍ୟା ଯୋଗୁଁ, ୩୫୦ଟି ବନ୍ଧ ଭୁଷୁଡି ପଡିଥିଲା । ତେବେ ଏହି ସମସ୍ୟା ଓ ତା'ର ସମାଧାନ ପ୍ରତି ସମୁଚିତ ଧ୍ୟାନ ଦିଆଯାଇ ନାହିଁ ।

ଦେଶର 'ପୂର୍ବାଭିମୁଖୀ' ନୀତି, ପ୍ରଶଂସନୀୟ । କିନ୍ତୁ, ଜଳପଥ ପରିବହନ ସଂକ୍ରାନ୍ତୀୟ ଏକ ନୀତି ବିନା, ଏହି ନୀତିର କାର୍ଯ୍ୟକାରୀତା ଆଶାନୁରୂପ ହୋଇପାରିବ ନାହିଁ । କାରଣ ଏହାଦ୍ୱାରା ନଦୀପଥ ଦେଇ ମାଲ୍ ପରିବହନ ହୋଇପାରିଲେ ଉତ୍ତର-ପୂର୍ବାଞ୍ଚଳ ଲାଭାନ୍ୱିତ ହେବ । ଏ ଅଞ୍ଚଳର ରାସ୍ତାଘାଟ ଓ ରେଳପଥ ବର୍ଷକୁ ପ୍ରାୟତଃ ୩ରୁ ୫ ମାସ ପର୍ଯ୍ୟନ୍ତ ଅଧିକ ଜଳ ଦ୍ୱାରା ପ୍ରଭାବିତ ହୁଅନ୍ତି । ଅବଶ୍ୟ, ପରିବହନ ମନ୍ତ୍ରଣାଳୟ ତରଫରୁ ଏହି ଅଞ୍ଚଳରେ ଜଳପଥ ପରିବହନକୁ ଗୁରୁତ୍ୱ ଦିଆଯାଉଛି । ଅନ୍ୟପକ୍ଷରେ ଏଭଳି ବ୍ୟବସ୍ଥା, ନଦୀପାର୍ଶ୍ୱ ଜନଜୀବନ ଓ ଜଳଚର ପ୍ରାଣୀଙ୍କୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି । ଏ ଅଞ୍ଚଳରେ ଜଳପଥ ପରିବହନକୁ ତ୍ୱରାନ୍ୱିତ କରିବାକୁ ହେଲେ, ନଦୀଗୁଡ଼ିକୁ ନେଇ ଅନେକ ଭିତ୍ତିଭୂମି ସୃଷ୍ଟି କରିବାକୁ ହେବ । ଫଳତଃ, ସଂପୃକ୍ତ ଅଞ୍ଚଳର କୃଷି, ଜଳଚର ଜଗତ ଏବଂ ଏହାଉପରେ ନିର୍ଭରଶୀଳ ଜନତା ଏବଂ ଜୀବନଧାରଣ ମଧ୍ୟ ପ୍ରତିକୂଳ ଭାବେ ପ୍ରଭାବିତ ହୋଇପାରେ । ଆଉ ମାତ୍ର ୪୦୦ରୁ କମ୍ସଂଖ୍ୟକ ବିରଳ ଡଲ୍ଫିନ୍ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି ।

ତେବେ, ଏହାବ୍ୟତୀତ ଅନ୍ୟକେତେକ କ୍ଷେତ୍ର ରହିଛି, ଯାହାପ୍ରତି ଧ୍ୟାନ ଦିଆଯିବା ଉଚିତ୍ । ବିଶେଷଭାବେ ଦକ୍ଷିଣ-ପୂର୍ବ ଏସିଆ ଓ ଉତ୍ତର ପୂର୍ବାଞ୍ଚଳର ଉଚ୍ଚ ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ହସ୍ତତନ୍ତ କ୍ଷେତ୍ର ମଧ୍ୟରେ ପାରସ୍ପାରିକ ସମ୍ପର୍କ ଓ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରାଯିବା ଉଚିତ୍ । ଏହାଦ୍ୱାରା ଉଭୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ସୁ-ସମ୍ପର୍କ ଓ ସମନ୍ୱୟ ବଢ଼ିପାରିବ, ଯାହା ବିକାଶର ଧାରାକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବ ।

ଏତଦ୍‌ବ୍ୟତୀତ, ଏହି ଅଞ୍ଚଳରେ ଚାଲିଥିବା ଜାତିଗତ ସଂଘର୍ଷ ହ୍ରାସ ଦିଗରେ ପଦକ୍ଷେପ ନିଆଯିବା ବାଞ୍ଛନୀୟ । କାରଣ ଶାନ୍ତି ପ୍ରତିଷ୍ଠା ହେଲେ ଯାଇ, ଉଭୟ ନିବେଶକ ଓ ପର୍ଯ୍ୟଟକ ଆକୃଷ୍ଟ ହେବେ । ଏଥିପାଇଁ ସଂକଳ୍ପ ନେବାର ଆବଶ୍ୟକତା ରହିଛି । ତେବେ ଯାଇ ଏ ଅଞ୍ଚଳର ଯୁବପିଢ଼ୀଙ୍କ ଶାନ୍ତି, ସମ୍ମାନ ଓ ନ୍ୟାୟ ପ୍ରତି ଥିବା ଅଭିଳାଷ ପୂରଣ ହେବା ସହିତ, ସେମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସମୃଦ୍ଧ ଭବିଷ୍ୟତ ସ୍ଥାପନ କରାଯାଇପାରିବ । ●

**ଲେଖକ ଜାମିଆ ମିଲିଆ ଇସ୍ଲାମିଆ ସ୍ଥିତ ଉତ୍ତରପୂର୍ବାଞ୍ଚଳ ଅଧ୍ୟୟନ ଏବଂ ନିତି ଗବେଷଣା କେନ୍ଦ୍ରରେ ନିର୍ଦ୍ଦେଶକ ଏବଂ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ।**

# ଉତ୍ତର-ପୂର୍ବାଞ୍ଚଳରେ ଶିକ୍ଷା ଓ ନିଯୁକ୍ତି

ନାଟାଲି ୱେଷ୍ଟ ଖାରକରଙ୍ଗର

> **୨୦୧୧-୧୨ର ଜାତୀୟ ସର୍ଭେ ତଥ୍ୟ ଅନୁସାରେ ଉତର-ପୂର୍ବାଂଚଳର ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଅନୁପାତ ଥିଲା ୫୦.୦୫ ଶତାଂଶ । କେବଳ ପୋଥି ବିଦ୍ୟା ଉପରେ ଗୁରୁତ୍ୱ ଫଳରେ ଏହି ଅଂଚଳର ଛାତ୍ରଛାତ୍ରୀମାନେ ବୈଷୟିକ ଏବଂ ବାସ୍ତବ ଶିକ୍ଷାରେ ପାରଙ୍ଗମ ହେଉନଥିବାରୁ ସେମାନଙ୍କର ନିଯୁକ୍ତି ସୁଯୋଗ ସଂକୁଚିତ ହେଉଛି । ସାଧାରଣ ସ୍କୁଲ କଲେଜରୁ ଶିକ୍ଷାଲାଭ କରି ଡିଗ୍ରୀ ଡିପ୍ଲୋମା ହାସଲ କରିଥିବା ଏହି ଅଂଚଳର ଛାତ୍ରଛାତ୍ରୀ ନିଜର ଯୋଗ୍ୟତା ଅନୁସାରେ ଚାକିରି ପାଉନାହାନ୍ତି କିମ୍ୱା ବେକାର ରହୁଛନ୍ତି ।**

**ଉ**ତ୍ତରପୂର୍ବର ଆଠଟି ରାଜ୍ୟର ସାକ୍ଷରତା ହାର ୭୭.୭୬ ଶତାଂଶ । ୨୦୧୧ ମାର୍ଚ୍ଚ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁସାରେ ଏହି ହାର ଜାତୀୟ ହାର (୭୪.୦୪%) ଠାରୁ ମଧ୍ୟ ଅଧିକ । ଉଚ୍ଚତର ସାକ୍ଷରତା ହାର ସତ୍ତ୍ୱେ ଉତ୍ତର-ପୂର୍ବାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଅସଂଗଠିତ ଏବଂ ନାନାବିଧ ସମସ୍ୟାର ସମ୍ମୁଖୀନ । ଉତ୍ତର-ପୂର୍ବ ଭାରତରେ ବୈଷୟିକ ଶିକ୍ଷା ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ନଥିବାରୁ ଆଶାୟୀ ଛାତ୍ରଛାତ୍ରୀ ଏହି ଅଞ୍ଚଳ ଛାଡ଼ି ଭାରତର ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ବାଧ୍ୟ ହୋଇଥାନ୍ତି । ଏହି ଅଞ୍ଚଳର ଉଚ୍ଚ ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଓ ଏହା ଜାତୀୟ ସ୍ତରର ସମକକ୍ଷ ନୁହେଁ । ଏବେ ମଧ୍ୟ ଏସବୁ ରାଜ୍ୟରେ ପାରମ୍ପରିକ ଢାଞ୍ଚାରେ ଶିକ୍ଷା ପ୍ରଦାନ କରାଯାଉଛି । ଏଭଳି ଧରାବନ୍ଧା ଶିକ୍ଷା ବ୍ୟବସ୍ଥା ପିଲାଙ୍କ ଆବଶ୍ୟକତା ମେଣ୍ଟାଉ ନଥିବାରୁ ଅନେକ ଅନ୍ୟାନ୍ୟ ଅଞ୍ଚଳକୁ ଉତ୍ତମ ଶିକ୍ଷା ପାଇବା ଆଶାରେ ପଳାଉଛନ୍ତି । ଯେଉଁମାନଙ୍କର ସାଧନ ନାହିଁ ସେମାନେ ମଝିରୁ ମଧ୍ୟ ପାଠ ଛାଡ଼ି ଦେଉଛନ୍ତି । ୨୦୧୧-୧୨ର ଜାତୀୟ ସର୍ଭେ ତଥ୍ୟ ଅନୁସାରେ ଉତ୍ତର-ପୂର୍ବାଞ୍ଚଳର ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଅନୁପାତ ଥିଲା ୫୦.୦୫ ଶତାଂଶ ।

କେବଳ ପୋଥି ବିଦ୍ୟା ଉପରେ ଗୁରୁତ୍ୱ ଫଳରେ ଏହି ଅଞ୍ଚଳର ଛାତ୍ରଛାତ୍ରୀମାନେ ବୈଷୟିକ ଏବଂ ବାସ୍ତବ ଶିକ୍ଷାରେ ପାରଙ୍ଗମ ହେଉନଥିବାରୁ ସେମାନଙ୍କର ନିଯୁକ୍ତି ସୁଯୋଗ ସଂକୁଚିତ ହେଉଛି । ସାଧାରଣ ସ୍କୁଲ କଲେଜରୁ ଶିକ୍ଷାଲାଭ କରି ଡିଗ୍ରୀ ଡିପ୍ଲୋମା ହାସଲ କରିଥିବା ଏହି ଅଞ୍ଚଳର ଛାତ୍ରଛାତ୍ରୀ ନିଜର ଯୋଗ୍ୟତା ଅନୁସାରେ ଚାକିରି ପାଉନାହାନ୍ତି କିମ୍ୱା ବେକାର ରହୁଛନ୍ତି । ଦେଶର ଅନ୍ୟଭାଗ ଭଳି ଏହି ଅଞ୍ଚଳରେ ଉତ୍ତମମାନର ଶିକ୍ଷା ପ୍ରଦାନକାରୀ ଶିକ୍ଷାନୁଷ୍ଠାନ କିମ୍ୱା ବୈଷୟିକ ଶିକ୍ଷାନୁଷ୍ଠାନର ମଧ୍ୟ ଅଭାବ ରହିଛି । ଏ ଅଞ୍ଚଳରେ ବାରମ୍ୱାର ଆନ୍ଦୋଳନ, ବନ୍ଦ ଓ ସାମାଜିକ ଅଶାନ୍ତିଜନିତ ଘଟଣାବଳୀ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି । ଏମିତି ଉଦାହରଣ ରହିଛି ଯେଉଁଠି ଶିକ୍ଷାନୁଷ୍ଠାନଗୁଡ଼ିକ ଗଣ୍ଡଗୋଳ, ଅଶାନ୍ତି ଓ ଆନ୍ଦୋଳନ ଯୋଗୁ ବର୍ଷରେ କ୍ରମାଗତ ୧୦୦ଦିନ ପର୍ଯ୍ୟନ୍ତ ବନ୍ଦ ରହିଛି । ଫଳରେ ବହୁ ପିତାମାତା ଓ ଅଭିଭାବକ ନିଜ ନିଜ ପିଲାଙ୍କୁ ପାଠ ପଢ଼ିବା ପାଇଁ ଅଞ୍ଚଳ ବାହାରକୁ ପଠାଉଛନ୍ତି ଏବଂ ଏଥିପାଇଁ ସେମାନଙ୍କୁ ଉଭୟ ବିପୁଳ ଅର୍ଥ ବ୍ୟୟ ଓ ଶ୍ରମ ସ୍ୱୀକାର କରିବାକୁ ପଡୁଛି । ଏହି କାରଣରୁ ମଣିପୁରର ଏକ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ରାଜ୍ୟର ୧୨ବର୍ଷରୁ କମ୍ ବୟସର ପିଲାଙ୍କୁ ପାଠ ପଢ଼ିବା ପାଇଁ ଅନ୍ୟ ରାଜ୍ୟକୁ ପଠାଯାଇପାରିବ ନାହିଁ । ସନ୍ତୋଷଜନକ

ଶିକ୍ଷା ବ୍ୟବସ୍ଥାର ଅଭାବ ସାଙ୍ଗକୁ ଉତ୍ତର-ପୂର୍ବାଞ୍ଚଳର ବିଦ୍ରୋହାତ୍ମକ କାର୍ଯ୍ୟକଳାପ ପିଲାଙ୍କୁ ପାଠପଢ଼ିବା ପାଇଁ ଦେଶର ଅନ୍ୟ ଅଞ୍ଚଳକୁ ଚାଲିଯିବାକୁ ବାଧ କରୁଛି । ଉତ୍ତରପୂର୍ବାଞ୍ଚଳର ସମସ୍ତ ରାଜ୍ୟ ସନ୍ତ୍ରାସବାଦ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ପ୍ରଭାବିତ । ଆସାମରେ ଅଲ୍‌ଫା ଓ କର୍ବି-ଆଙ୍ଗଲଙ୍ଗ ବିବାଦ, ନାଗାଲାଣ୍ଡରେ ନାଗାଲିମ ଓ ନାଗା-କୁକି ବିବାଦ, ଅରୁଣାଚଳ ପ୍ରଦେଶରେ ଚକ୍‌ମା ହାଜଙ୍ଗ ଓ ଅରୁଣାଚଳୀ ବିବାଦ ଏବଂ ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ସ୍ଥାନୀୟ ଓ ବାହାର ଲୋକଙ୍କ ମଧ୍ୟରେ ଚାଲିଥିବା ବିବାଦ ପରିସ୍ଥିତିକୁ ଜଟିଳ କରିରଖିଛି । ଏହା ସାଙ୍ଗକୁ ସୀମାପାର ଚୋରା ବେପାର, ଆତଙ୍କବାଦ ତଥା ସେନା ଓ ଆତଙ୍କବାଦୀ ଲଢ଼େଇ ପରିସ୍ଥିତିକୁ ଉତ୍କଟ କରୁଛି । ଏହି ଅଞ୍ଚଳର ସାମାଜିକ-ରାଜନୈତିକ ଅଶାନ୍ତିର ପରିଣତି ସ୍ୱରୂପ ସନ୍ତ୍ରାସବାଦୀ ଓ ଆତଙ୍କବାଦୀ ଗୋଷ୍ଠୀଙ୍କ ସଂଖ୍ୟା ବଢ଼ୁଛି ଏବଂ ବାରମ୍ବାର ରକ୍ତପାତ ମଧ୍ୟ ଘଟୁଛି । ଏ ଅଞ୍ଚଳରେ ଲାଗୁହୋଇଥିବା ସୈନ୍ୟବାହିନୀ ସ୍ୱତନ୍ତ୍ର କ୍ଷମତା ଆଇନ ଓ ଦୁର୍ବଳ ତଥା ଦୁର୍ନୀତିଗ୍ରସ୍ତ ଶାସନକଳ ପରିସ୍ଥିତିକୁ ଅଧିକ ବିଗାଡୁଛି । ବର୍ଷକୁ କ୍ରମାଗତ ଏକଶହ ଦିନର ଆନ୍ଦୋଳନ, ବନ୍ଦ, ପ୍ରତିବାଦ ସହିତ ଗାଡ଼ିମଟର, ପରିବହନ ବ୍ୟବସ୍ଥା, ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ କ୍ରମାଗତ ବନ୍ଦ ରହିବା ଆଦି କାରଣରୁ କେତେକ ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ଅନେକ ସ୍ଥାନରେ ଦିନକୁ ଅତିବେଶୀରେ ଦୁଇଘଣ୍ଟା ପର୍ଯ୍ୟନ୍ତ ବିଜୁଳି ମିଳୁଛି । ସପ୍ତାହକୁ ଥରେ ବା ଦୁଇଥର ଜଳଯୋଗାଣ କରାଯାଉଛି । ସନ୍ଧ୍ୟା ଚାରିଟା ପରେ ଦୋକାନ ବଜାର ପ୍ରାୟତଃ ବନ୍ଦ ରହୁଛି । ରାତି ଆଠଟା ପରେ ରାସ୍ତାଘାଟ ଜନମାନବଶୂନ୍ୟ ହୋଇପଡୁଛି । ଏଭଳି ଅବସ୍ଥାରେ ଯିଏ ରାସ୍ତାକୁ ବାହାରିଲା ଆତଙ୍କବାଦୀ, ସନ୍ତ୍ରାସବାଦୀ ବା ପୁଲିସ ତା'କୁ ଉଠାଇ ନେବା, ହରକତ ଓ ହତ୍ୟା କରିବା ଘଟଣା ବିରଳ ନୁହେଁ ।

ଦେଶର ବଡ଼ବଡ଼ ନଗରୀ ଓ ସହରରେ ଜଗତୀକରଣର ନୂଆ ସ୍ୱର୍ଣ ପହଞ୍ଚି ଆଲୋଡ଼ନ ସୃଷ୍ଟି କରିବା ପର୍ଯ୍ୟନ୍ତ ଉତ୍ତର-ପୂର୍ବାଞ୍ଚଳର ଲୋକମାନେ ନିଜ ଗାଁ, ବଜାର ଓ ସହରରେ ଆତଙ୍କ ଏବଂ ଅନିଶ୍ଚିତତା ଭିତରେ ସମୟ କାଟୁଥିଲେ । ଦେଶର ଅନ୍ୟ ଭାଗରେ ନିଯୁକ୍ତି ଓ ରୋଜଗାରର ସୁଯୋଗ ଦେଖିବା ପରେ ସେମାନେ ନିଜ ଅଞ୍ଚଳ ଛାଡ଼ି ସେଠାକୁ ଯିବାକୁ ପ୍ରଲୁବ୍ଧ ହେଲେ । ବିଶେଷ କରି ଯୁବକଯୁବତୀମାନେ ପ୍ରଥମେ ବାହାରକୁ ପାଦ ବଢ଼ାଇଲେ । ସେମାନେ ଦେଶର ଅନ୍ୟ ଭାଗରେ ଥିବା କମ୍ପାନୀ, ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ବିପିଓ ଓ ଶିଳ୍ପ ସଂସ୍ଥାରେ କାମ କରିବା ଆରମ୍ଭ କଲେ । ଏ କ୍ଷେତ୍ରରେ ଉଭୟ ସରକାରୀ ଓ ବ୍ୟକ୍ତିଗତ ଉଦ୍ୟମରେ ଯୁବକଯୁବତୀମାନଙ୍କୁ ଅଞ୍ଚଳ ବାହାରକୁ ପଠାଗଲା ।

ଉତ୍ତରପୂର୍ବାଞ୍ଚଳର ସଂପ୍ରାଦାୟିକ ଓ ଜାତିଗତ ସଂଘର୍ଷ ଫଳରେ ଶହ ଶହ ଗାଁ ଧ୍ୱଂସ ହୋଇଯାଇଛି । ଅଗଣିତ ଲୋକଙ୍କର ମୃତ୍ୟୁ ଘଟିଛି । ଅନେକ ବାସ୍ତୁହରା ଓ ଅନାଥ ହୋଇଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଭିଟାମାଟି ହରାଇ ଇତସ୍ତତଃ ଦୁର୍ବିସହ ଅବସ୍ଥା ରେ କାଳାତିପାତ କରୁଛନ୍ତି । ଆଉ କିଛି ବନ୍ଧୁବାନ୍ଧବ, ପରିଚିତ ଲୋକଙ୍କ ସାହାଯ୍ୟରେ ଦିଲ୍ଲୀ, କୋଲକାତା, ମୁମ୍ବଇ ଓ ବାଙ୍ଗାଲୋର ଭଳି ସହରକୁ ପଳାଇଯାଇ ସେଠାରେ କୌଣସି ପ୍ରକାର ଜୀବିକାର୍ଜନ କରୁଛନ୍ତି ।

ବନ୍ୟାବିପ୍ଳାବିତ ଉତ୍ତର-ପୂର୍ବାଞ୍ଚଳର ଏକ ସ୍ଥାୟୀ ସମସ୍ୟା । ଏହା କେବଳ ସେମାନଙ୍କ ଆତଜାତକୁ ସଂକୁଚିତ କରେ ନାହିଁ, ସେମାନଙ୍କ ଜୀବନଜୀବିକାକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଥାଏ । ତେଣୁ ଶିକ୍ଷିତ ଯୁବବର୍ଗ ରୋଜଗାର ଆଶାରେ ଦେଶର ଅନ୍ୟ ଭାଗକୁ ପଳାଇଯିବାକୁ ବାଧ ହୁଅନ୍ତି । ଏହି ଅଞ୍ଚଳରେ ବିଦ୍ୟୁତ୍, ଇଣ୍ଟରନେଟ୍ ଓ ଅନ୍ୟାନ୍ୟ ଆଧୁନିକ ଯୋଗାଯୋଗ ବ୍ୟବସ୍ଥାର ପ୍ରଚଣ୍ଡ ଅଭାବ । ସ୍ଥାନୀୟ ଖବରକାଗଜ ମଧ୍ୟ ଅଗମ୍ୟ ଗ୍ରାମାଞ୍ଚଳରେ ପହଞ୍ଚି ପାରେନାହିଁ । ଅଗମ୍ୟ ଅଞ୍ଚଳର ସମସ୍ୟା ଖବରକାଗଜ ଓ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମରେ ମଧ୍ୟ ସ୍ଥାନ ପାଏନା । ଅତଏବ ଏହି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦେଶର ରାଜଧାନୀ ଦିଲ୍ଲୀ ଉପରେ ସମସ୍ତଙ୍କର ଭରସା ।

ଏହି ଅଞ୍ଚଳର ଜନପଳାୟନକୁ ରୋକିବା ପାଇଁ ସ୍ଥାନୀୟ ଅଞ୍ଚଳର ବିକାଶ ସହିତ ଲୋକଙ୍କୁ ଶିକ୍ଷିତ କରାଇ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପ୍ରଥମ ଆବଶ୍ୟକତା । ଏହାଛଡ଼ା ଶିଳ୍ପାୟନ ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ଅପରିହାର୍ଯ୍ୟ । ଏହି ଅଞ୍ଚଳରେ ଅଧିକରୁ ଅଧିକ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବା ସହ ଧନ୍ଦାମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରାଯିବା ଉଚିତ । ମେକ୍ ଇନ୍ ଇଣ୍ଡିଆ, ଷ୍ଟାଟଅପ୍ ଡାଞ୍ଚାରେ ଉତ୍ତର-ପୂର୍ବାଞ୍ଚଳରେ ନିଯୁକ୍ତି ସୃଷ୍ଟିର ସୁଯୋଗ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ଏ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ବଳ ଓ ଲୋକଶକ୍ତିର ଉପଯୁକ୍ତ ବିନିଯୋଗ ହୋଇପାରିଲେ ସ୍ଥାନୀୟ ଲୋକଙ୍କର ଅଶେଷ କଲ୍ୟାଣ ସାଧିତ ହେବ । ଏହି ଅଞ୍ଚଳର ବିକାଶ ଘଟିଲେ ଏହା ପଡ଼ୋଶୀ ରାଷ୍ଟ୍ରଙ୍କ ସହ ସମ୍ପର୍କ ଓ ବାଣିଜ୍ୟକାରବାର ବୃଦ୍ଧି ପାଇଁ ବାଟ ଫିଟାଇବ । ସ୍ଥାନୀୟ ଲୋକଶକ୍ତିଙ୍କୁ

ଉପଯୁକ୍ତ କରିବା ପାଇଁ ଏହି ଅଞ୍ଚଳରେ ଅଧିକରୁ ଅଧିକ ତାଲିମ ଓ ଶୈକ୍ଷିକ ପ୍ରତିଷ୍ଠାନମାନ ସ୍ଥାପନ ପାଇଁ ସମୟ ଆସିଛି । ଏହି ଅଞ୍ଚଳର ଇଂରାଜୀ କହୁଥିବା ଲୋକ ପ୍ରକୃତରେ ଏହି ଇଲାକାର ଅନ୍ୟତମ ସମ୍ବଳ କହିଲେ ଅତ୍ୟୁକ୍ତି ହେବନାହିଁ । ବହୁ ଜାତି ଓ ବର୍ଗର ଏହି ଇଂରେଜି କହୁଥିବା ଲୋକ ବିଶେଷତଃ ଛାତ୍ରଛାତ୍ରୀଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରାଯିବା ଆବଶ୍ୟକ । ଉତ୍ତର-ପୂର୍ବାଞ୍ଚଳର ବିକାଶ ପାଇଁ ଅନେକ ଅନୁଧ୍ୟାନ, ଗବେଷଣା ଓ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି । ଏସବୁର ଆଉ ଆବଶ୍ୟକତା ନାହିଁ । ଏବେ କାର୍ଯ୍ୟର ଆବଶ୍ୟକତା ରହିଛି । ଠିକଣା କାର୍ଯ୍ୟ ପାଇଁ ଠିକଣା କୌଶଳ ଓ ପଦକ୍ଷେପ ନେଇ ତାହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ବର୍ତ୍ତମାନ ବାସ୍ତବବାଦୀ ଯୋଜନା ପ୍ରଣୟନ କରି ତାହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଉ । ଭିତ୍ତିଭୂମି ବିକାଶ ପାଇଁ ବହୁମୁଖୀ କୌଶଳ ଓ ପଦକ୍ଷେପ ଗ୍ରହଣ କରାଯାଇ ତାହାକୁ ତ୍ୱରାନ୍ୱିତ କରିବା ସହ ପାର୍ବତ୍ୟାଞ୍ଚଳ କ୍ରୀଡ଼ା ଓ ପର୍ଯ୍ୟଟନର ବିକାଶ ଉପରେ ଧ୍ୟାନ ଦିଆଯାଉ । ଏଥି ପାଇଁ ଆବଶ୍ୟକ ତାଲିମ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଉ । ଉତ୍ତର-ପୂର୍ବାଞ୍ଚଳରେ ପର୍ଯ୍ୟଟନର ଅପାର ସମ୍ଭାବନା ଥିବାରୁ ଗୋଆ ଓ କେରଳ ଢାଞ୍ଚାରେ ଏଠାରେ ଏହାର ବିକାଶ ପାଇଁ ଯୋଜନା କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ।

**ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଉତ୍ତର-ପୂର୍ବାଞ୍ଚଳର ବିଶେଷ ମହତ୍ୱ ରହିଛି । ପଡ଼ୋଶୀ ବାଂଲାଦେଶ ଓ ମିଆଁମାର ଦେଇ ଦକ୍ଷିଣପୂର୍ବ ଏସିଆ ସହ ସ୍ଥଳପଥରେ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଏହା ଦ୍ୱାରସଦୃଶ । ସେଥିପାଇଁ ଏହି ଅଞ୍ଚଳରେ ସମୃଦ୍ଧ ବଜାର ସୃଷ୍ଟି କରିବା ସହ ବାଣିଜ୍ୟ ବ୍ୟବସାୟକୁ ପ୍ରସାରିତ କରିବାକୁ ପଡ଼ିବ । ସେଥିପାଇଁ ପୁଞ୍ଜି ଲଗାଣ, ଆର୍ଥିକ ବ୍ୟବସ୍ଥାର ପ୍ରସାରଣ, ସ୍ଥାନୀୟ ଲୋକଙ୍କୁ ଋଣ ଯୋଗାଣ ଆଦି ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହାଦ୍ୱାରା ଲୋକେ ସହଜରେ ନିଯୁକ୍ତି ସୁଯୋଗ ପାଇବେ । ସେଥିପାଇଁ ଅଧିକରୁ ଅଧିକ ବ୍ୟାଙ୍କ ଓ ବିତ୍ତୀୟ ପ୍ରତିଷ୍ଠାନ ସ୍ଥାପନ ଜରୁରୀ ।**

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଉତ୍ତର-ପୂର୍ବାଞ୍ଚଳର ବିଶେଷ ମହତ୍ୱ ରହିଛି । ପଡ଼ୋଶୀ ବାଂଲାଦେଶ ଓ ମିଆଁମାର ଦେଇ ଦକ୍ଷିଣପୂର୍ବ ଏସିଆ ସହ ସ୍ଥଳପଥରେ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଏହା ଦ୍ୱାରସଦୃଶ । ସେଥିପାଇଁ ଏହି ଅଞ୍ଚଳରେ ସମୃଦ୍ଧ ବଜାର ସୃଷ୍ଟି କରିବା ସହ ବାଣିଜ୍ୟ ବ୍ୟବସାୟକୁ ପ୍ରସାରିତ କରିବାକୁ ପଡ଼ିବ । ସେଥିପାଇଁ ପୁଞ୍ଜି ଲଗାଣ, ଆର୍ଥିକ ବ୍ୟବସ୍ଥାର ପ୍ରସାରଣ, ସ୍ଥାନୀୟ ଲୋକଙ୍କୁ ଋଣ ଯୋଗାଣ ଆଦି ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହାଦ୍ୱାରା ଲୋକେ ସହଜରେ ନିଯୁକ୍ତି ସୁଯୋଗ ପାଇବେ । ସେଥିପାଇଁ ଅଧିକରୁ ଅଧିକ ବ୍ୟାଙ୍କ ଓ ବିତ୍ତୀୟ ପ୍ରତିଷ୍ଠାନ ସ୍ଥାପନ ଜରୁରୀ । ସ୍ଥାନୀୟ ଭାବେ ଉତ୍ପାଦିତ ଚା, କଫି, ଫଳ, ସୁବାସିତ ଏବଂ ଔଷଧୀୟ ବୃକ୍ଷଲତାର ବ୍ୟବସାୟିକ ବିକାଶ ପାଇଁ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଇସିଜେଡ୍) ଆଦି ପ୍ରତିଷ୍ଠା କରାଗଲେ ଲୋକଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ଏହା ସହିତ ଏ କ୍ଷେତ୍ରରେ ଏକ ଉତ୍ତମ ଗବେଷଣା ଓ ବିକାଶ ପ୍ରତିଷ୍ଠାନର ଆବଶ୍ୟକତା ରହିଛି । ଏ କ୍ଷେତ୍ରରେ ଶିଲଂସ୍ଥିତ ଆଇଆଇଏମ୍ ଆବଶ୍ୟକ ଦିଗ୍‌ଦର୍ଶନ ଯୋଗାଇଦେଇପାରିବ ।

ଉତ୍ତର-ପୂର୍ବାଞ୍ଚଳର ଶିଳ୍ପାୟନ ଓ ବିକାଶ କ୍ଷେତ୍ରରେ ରାଜନୈତିକ ଇଚ୍ଛାଶକ୍ତି ସହିତ ଅମଲାତନ୍ତ୍ରର ସମର୍ଥନ ଓ ଅଙ୍ଗୀକାର, ସୁଶାସନ, ଶାନ୍ତି, ସ୍ଥିରତା ଏବଂ ଜନସହଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବେପାର ବଣିଜ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି, ସରକାରୀ-ବେସରକାରୀ ସହଯୋଗ ବ୍ୟବସ୍ଥା ଆଦିକୁ ଗୁରୁତ୍ୱ ଦେବାକୁ ହେବ । ଏସବୁ ବ୍ୟତୀତ ସର୍ବପ୍ରଥମେ ଏହି ଇଲାକାରେ ଶିକ୍ଷା ବ୍ୟବସ୍ଥାକୁ ସୁସଂହତ ଓ ଯୁଗ ଉପଯୋଗୀ କରିବାକୁ ପଡ଼ିବ । ଏହା ଜନ ପଳାୟନକୁ ରୋକିବା ସହ, ନିଯୁକ୍ତି ସୁଯୋଗ ବଢ଼ାଇବ ଏବଂ ଉତ୍ତର-ପୂର୍ବାଞ୍ଚଳରେ ମୁଣ୍ଡ ଟେକିଥିବା ସନ୍ତ୍ରାସବାଦକୁ ରୋକିବାରେ ସହାୟକ ହେବ । ●

ଲେଖିକା ଆଇଆଇଏମ୍ ଶିଲଂର ଜଣେ ସହଯୋଗୀ ପ୍ରଫେସର ।

# ଉତ୍ତର-ପୂର୍ବାଞ୍ଚଳର ସମସ୍ୟା

ଡଃ ଅରୁଣା ଭଟ୍ଟାଚାର୍ଯ୍ୟ

**ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଓ ତ୍ରିପୁରା- ଏହି ୭ଟି ରାଜ୍ୟକୁ ନେଇ ଉତ୍ତର ପୂର୍ବାଞ୍ଚଳ ଗଠିତ ଯାହାକି ଉଭୟ ଭୌଗଳିକ ଓ ରାଜନୈତିକ ଦୃଷ୍ଟିରୁ ଜଟିଳ ଜୋନ ଭାବେ ପରିଗଣିତ ହୋଇଥାଏ । ଏହି ଅଞ୍ଚଳ ମଧ୍ୟ ଭୁଟାନ, ଚୀନ, ମିଆଁମାର ଓ ବାଂଲାଦେଶ ସୀମା ସହ ଲାଗି ରହିଛି । ୨୦୦୦ କିଲୋମିଟରରୁ ଅଧିକ ଆନ୍ତର୍ଜାତିକ ସୀମାରେଖା ରହିଥିବା ବେଳେ ଅବଶିଷ୍ଟ ଭାରତକୁ ଏକ ୨୦ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଇଲାକା ଜରିଆରେ ସଂଯୋଜିତ କରିଥାଏ ।**

ବିକାଶ ସମ୍ପର୍କରେ ଆଲୋଚନା କରିବାକୁ ହେଲେ ଏହାର ବିଭିନ୍ନ ଦିଗ, ଏସବୁର ପୁନଃପୌନିକତା, ପ୍ରମୁଖ ବିଷୟବସ୍ତୁ, ତାହାର ବିଭିନ୍ନ ଦୃଷ୍ଟିଭଙ୍ଗୀ ଓ ସେମାନଙ୍କର ସ୍ୱଚ୍ଛ ଓ ଦୀର୍ଘକାଳୀନ ପ୍ରଭାବଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ହେବ । ଏହା ଏକ ଜଟିଳ ଦାୟିତ୍ୱ ଏବଂ ଉପଯୁକ୍ତ କ୍ଷେତ୍ରରେ ସଠିକ୍ ସମୟରେ ସଠିକ୍ ଫଳାଫଳ ହାସଲ କରିବା ତଥା ଯୋଜନା ପ୍ରସ୍ତୁତ କରିବା ଲାଗି ବିଶେଷ ଅନୁଶୀଳନ ଆବଶ୍ୟକ କରିଥାଏ ।

ସଂଖ୍ୟାଗରିଷ୍ଠ ଯୁବସମାଜ ଥିବା ଭାରତ ପରି ଏକ ରାଷ୍ଟ୍ରରେ ବିକାଶକୁ ସୂଚୀତ କରିବା ସକାଶେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ପ୍ରାଥମିକ ଏବଂ ଏହି କାରଣରୁ ଏହି କ୍ଷେତ୍ରଗୁଡ଼ିକ ଉପରେ ଦୀର୍ଘକାଳୀନ ଭାବେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଏସମ୍ପର୍କରେ ମଧ୍ୟ ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ ପୂର୍ବରୁ ମତ ଦେଇଛନ୍ତି । ତାଙ୍କ ମତରେ- ଅର୍ଥନୈତିକ ବିକାଶ ପାଇଁ ଏକ ଶିକ୍ଷିତ ଓ ସୁସ୍ଥ ଶ୍ରମଶକ୍ତିର ଆବଶ୍ୟକତା ରହିଛି । ବାସ୍ତବରେ ଦୀର୍ଘକାଳୀନ ଭାବେ ଯଦି ଭାରତ ବିକାଶମୂଳକ ଆଭିମୁଖ୍ୟ ସହ ଗତିକରିବାକୁ ଚାହେଁ ତେବେ ଏହାର ଯୁବପିଢ଼ି ପାଇଁ ଗୁଣବତ୍ତାଭିତ୍ତିକ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ଯୋଗାଇବା କ୍ଷେତ୍ରରେ ଏହାର ସମ୍ବଳର ସଦୁପଯୋଗ କରିବା ବୁଦ୍ଧିମାନର କାର୍ଯ୍ୟ ହେବ । ଯଦିଓ ଉତ୍ତର ପୂର୍ବ ଭାରତରେ ବିକାଶର ଆଭିମୁଖ୍ୟ ଏକ ଅଲଗା ତତ୍ତ୍ୱ ନୁହେଁ ତଥାପି ଏହି ଅଞ୍ଚଳର ବିକାଶ ପ୍ରସଙ୍ଗରେ ଆଲୋଚନା କରିବା ବେଳେ ଏହା ଏକକ ଦୃଷ୍ଟିଭଙ୍ଗୀସମ୍ପନ୍ନ ହୋଇଥାଏ । ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଓ ତ୍ରିପୁରା- ଏହି ୭ଟି ରାଜ୍ୟକୁ ନେଇ ଉତ୍ତର ପୂର୍ବାଞ୍ଚଳ ଗଠିତ ଯାହାକି ଉଭୟ ଭୌଗଳିକ ଓ ରାଜନୈତିକ ଦୃଷ୍ଟିରୁ ଜଟିଳ ଜୋନ ଭାବେ ପରିଗଣିତ ହୋଇଥାଏ । ଏହି ଅଞ୍ଚଳ ମଧ୍ୟ ଭୁଟାନ, ଚୀନ, ମିଆଁମାର ଓ ବାଂଲାଦେଶ ସୀମା ସହ ଲାଗି ରହିଛି । ୨୦୦୦ କିଲୋମିଟରରୁ ଅଧିକ ଆନ୍ତର୍ଜାତିକ ସୀମାରେଖା ରହିଥିବାବେଳେ ଅବଶିଷ୍ଟ ଭାରତକୁ ଏକ ୨୦ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଇଲାକା ଜରିଆରେ ସଂଯୋଜିତ କରିଥାଏ ।

ଉତ୍ତର ପୂର୍ବାଞ୍ଚଳର ପ୍ରତ୍ୟେକ ରାଜ୍ୟ ଉଭୟ ଜାତି ଓ ଭାଷାଗତ ଭାବେ ବୈଶିଷ୍ଟ୍ୟ ହାସଲ କରିଥାଏ ଏବଂ ପ୍ରତି ରାଜ୍ୟର ସଂସ୍କୃତି ଓ ପରମ୍ପରା ଏକକ ହୋଇଥାଏ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ୧୬୬ ରୁ ଅଧିକ ଜାତିର ଲୋକ ବାସ କରୁଥିବାବେଳେ ଅନେକ ପ୍ରକାର ଭାଷାରେ ଏହା ସମୃଦ୍ଧ । ସୌନ୍ଦର୍ଯ୍ୟରେ ଭରପୂର ଏହି ଅଞ୍ଚଳର ଭୌଗଳିକ ଅବସ୍ଥିତି ଓ ବହୁ ସଂଖ୍ୟକ ସମ୍ପ୍ରଦାୟର ଅବସ୍ଥାନ କ୍ଷେତ୍ରରେ ଏହା ଉପମହାଦେଶର ଅନ୍ୟାନ୍ୟ ଇଲାକାଠାରୁ ସ୍ୱାତନ୍ତ୍ର୍ୟ ବହନ କରେ । ଅବସ୍ଥିତି, ଜନସଂଖ୍ୟା, ଭାଷା ଆଦି ଦୃଷ୍ଟିରୁ ଏହି ବିଭିନ୍ନତା ସମୂହ ବିଭିନ୍ନ ଭୌଗଳିକ ଓ ରାଜନୈତିକ କାରଣରୁ ହୋଇଥାଏ ଅନନ୍ୟ । ଏହି ବିଭିନ୍ନତା କାରଣରୁ ଉତ୍ତର ପୂର୍ବାଞ୍ଚଳରେ ସୃଷ୍ଟି ହୋଇଥାଏ ଅନେକ

ପ୍ରଭେଦ ଯାହାକି ଏହି ଅଞ୍ଚଳର ବିକାଶ ଉପରେ ପ୍ରଭାବ ପକାଇଥାଏ ।

ଏହାର ଭୌଗଳିକ ଅବସ୍ଥିତି, ବଣପାହାଡ଼ ଘେରା ଇଲାକା ଓ ଦୁର୍ଗମ୍ୟ କାରଣରୁ ଉତ୍ତର ପୂର୍ବାଞ୍ଚଳରେ ବିକାଶ ଧିମା ହୋଇଥାଏ । ତେବେ ଏହି କାରଣ ବାଦ ଅନ୍ୟ କେତେକ କାରଣ ମଧ୍ୟ ଏଥିପାଇଁ ଦାୟୀ । ସୌନ୍ଦର୍ଯ୍ୟରେ ଭରପୂର ଥିବା ସତ୍ତ୍ୱେ ବିଭିନ୍ନ ସାମାଜିକ ଓ ରାଜନୈତିକ କାରଣରୁ ଉତ୍ତର ପୂର୍ବାଞ୍ଚଳରେ ନିବେଶ କରିବା ପାଇଁ ଶିଳ୍ପ ମହଲକୁ ନିରୁତ୍ସାହିତ କରିଥାଏ । ଏହି କାରଣରୁ ଭିତ୍ତିଭୂମି ଦୁର୍ବଳ ହୋଇଥାଏ ଯାହାକି ସହନଶୀଳ ବିକାଶ ପାଇଁ ଅନୁକୂଳ ନୁହେଁ ।

ଉତ୍ତର ପୂର୍ବାଞ୍ଚଳର ବିକାଶ ଦିଗରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ଅଞ୍ଚଳରେ ଭିତ୍ତିଭୂମି ଦୃଢ଼ ହୋଇପାରିନାହିଁ ଯଦ୍ଦ୍ୱାରା ଏହି ଅଞ୍ଚଳ ପଛୁଆ ଭାବେ ପରିଗଣିତ ହେଉଛି । ବିଭିନ୍ନ ପ୍ରମୁଖ ରାଜନୈତିକ ଦଳର ବୈମାତୃକ ମନୋଭାବ ଯୋଗୁ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଲାଗି ରହିଥାଏ । ସେହିପରି ଦୁର୍ନୀତି ବୃଦ୍ଧି ପାଇଥିବାବେଳେ ସାମାଜିକ ନ୍ୟାୟ ମଧ୍ୟ ବିପଥଗାମୀ ହୋଇଥାଏ । ଏସବୁ ବିଷୟ ଏହାର ଜନଗଣ ବିଶେଷ କରି ଯୁବ ସମାଜ ତଥା ସେମାନଙ୍କର ଦୃଷ୍ଟିଭଙ୍ଗୀ ଉପରେ ଗଭୀର ପ୍ରଭାବ ପକାଇଥାଏ । ସାହିତ୍ୟରେ ନୋବେଲ ପୁରସ୍କାର ଲାଭ କରିଥିବା ପର୍ଲ ଏସ. ବକ୍‌ଙ୍କ ମତରେ - ଯୁବବର୍ଗ ଭବିଷ୍ୟତକୁ ନେଇ ବିଶେଷ ଆଶାବାଦୀ ଏବଂ ସେଥିପାଇଁ ସେମାନେ ସର୍ବଦା ଅସମ୍ଭବକୁ ସମ୍ଭବ କରିବା ସହ ସଫଳତା ହାସଲ କରିବାକୁ ଚାହିଁଥାନ୍ତି । ପିଢ଼ି ପରେ ପିଢ଼ି ଏହି ପ୍ରକ୍ରିୟା ଜାରି ରହିଥାଏ । ବିଭିନ୍ନ ଜଟିଳ ଆନ୍ତର୍ଜାତିକ ସୀମାରେଖା ସହ ଏହାର ଅବସ୍ଥିତି ଏବଂ ନିଶାଦ୍ରବ୍ୟର ସାମ୍ରାଜ୍ୟ କୁହାଯାଉଥିବା 'ସୁବର୍ଣ୍ଣ ତ୍ରିଭୁଜ' ଇଲାକା ନିକଟରେ ଏହାର ଅବସ୍ଥିତି ଯୋଗୁ ଅନ୍ୟ ଇଲାକା ତୁଳନାରେ ଉତ୍ତର ପୂର୍ବାଞ୍ଚଳ ସର୍ବଦା ନିଶାଦ୍ରବ୍ୟ ସମସ୍ୟାର ଶିକାର ହୋଇଥାଏ । ଡ୍ରଗ୍ସର ମାତ୍ରାଧିକ ବ୍ୟବହାର ଯୋଗୁ ଉତ୍ତର ପୂର୍ବାଞ୍ଚଳରେ ସବୁଠାରୁ ଅଧିକ ଏଚଆଇଭି ରୋଗୀ ଦେଖାଯାଉଥିବାବେଳେ ଇଞ୍ଜେକସନ ଜରିଆରେ ନିଶା ଗ୍ରହଣ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ ।

ଡ୍ରଗ୍ସ ଏକ ଜଟିଳ ସାମଗ୍ରୀ । ଯୌନଗତ ନେଟୱର୍କ ଓ ଅନ୍ୟାନ୍ୟ ନେଟୱର୍କ ମଧ୍ୟରେ ଏହା ପ୍ରଭାବ ବିସ୍ତାର କରିଥାଏ । ନିଶାଦ୍ରବ୍ୟ ବ୍ୟବହାର ନେଟୱର୍କ ମଧ୍ୟରେ ବ୍ୟବହୃତ ସାମଗ୍ରୀର ପ୍ରକାର, ଏହାକୁ ହାସଲ କରିବା, ଡ୍ରଗ୍ସଜନିତ କ୍ଷତି ଲାଘବ କରିବା,ସେବାଠାରୁ ଆରମ୍ଭ କରି ଏହାର ନିରାକରଣ ସକାଶେ ସାମାଜିକ, ଭିତ୍ତିଗତ, ରାଜନୈତିକ-ଆଇନଗତ ପ୍ରତିବନ୍ଧକଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ଆଦି ଡ୍ରଗ୍ସ ବ୍ୟବହାରକାରୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ । ଭାରତରେ ଇଞ୍ଜେକସନ ଜରିଆରେ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ଏକ ଲକ୍ଷ ଅଶୀ ହଜାରରୁ ଅଧିକ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତର ପୂର୍ବାଞ୍ଚଳର । ସେମାନେ ଅତ୍ୟନ୍ତ ବିପଜ୍ଜନକ ଭାବେ ନିଡିଲ ଓ ସିରିଞ୍ଜ ନ ବଦଳାଇ ପରସ୍ପର ମଧ୍ୟରେ ନିଶାଦ୍ରବ୍ୟ ଗ୍ରହଣ କରିଥାନ୍ତି । ସେମାନେ ବି ବିପଜ୍ଜନକ ଯୌନକ୍ରିୟାରେ ଲିପ୍ତ ରହିଥାନ୍ତି । ଫଳରେ ଉତ୍ତର ପୂର୍ବାଞ୍ଚଳରେ ଏଚଆଇଭି ସଂକ୍ରମଣ ବହୁଳ ଭାବେ ଦେଖାଯାଇଥାଏ ।

ପିତୃପ୍ରଧାନ ସାମାଜିକ ବ୍ୟବସ୍ଥା ବିଶେଷ କରି ସମାଜରେ ନାରୀର ସ୍ଥିତି କାରଣରୁ ମହିଳାମାନେ ନାନା ପ୍ରକାର ସମସ୍ୟାର ଶିକାର ହୋଇଥାନ୍ତି ଏବଂ ଡ୍ରଗ୍ସ ବ୍ୟବହାରଜନିତ ସମସ୍ୟାର ମୁକାବିଲା ସେମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥାଏ । ମହିଳାମାନଙ୍କ ସକାଶେ ନିରାପଦ ଯୌନକ୍ରିୟାକୁ ନିଶ୍ଚିତ କରିବାକୁ ସାମାଜିକ ଅଂଶଗ୍ରହଣ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ବୁଝାମଣାଗତ ପ୍ରଭେଦ ଯଥେଷ୍ଟ ରହିଛି । ସମାଜରେ ବର୍ତ୍ତମାନ ଉପଲବ୍ଧ ସୂଚନା-ଶିକ୍ଷା-ଯୋଗାଯୋଗ(ଆଇଇସି) ଏବଂ ବ୍ୟାବହାରିକ ପରିବର୍ତ୍ତନ ଯୋଗାଯୋଗ(ବିସିସି)ର ସ୍ତର ମହିଳାମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଯଥେଷ୍ଟ ହେଉନାହିଁ ଏବଂ ମହିଳାମାନେ ନିଜ ଲାଗି ସୃଷ୍ଟି ହେଉଥିବା କ୍ଷତିର ମୁକାବିଲା କରିବାକୁ ସକ୍ଷମ ହେଉନାହାନ୍ତି । ମହିଳାମାନେ ସମ୍ମୁଖୀନ ହେଉଥିବା କ୍ଷତି ହ୍ରାସ ସକାଶେ ଆଇଇସି ଓ ବିସିସି କୌଶଳରେ ପରିବର୍ତ୍ତନ କରିବାରେ

**ପିତୃପ୍ରଧାନ ସାମାଜିକ ବ୍ୟବସ୍ଥା ବିଶେଷ କରି ସମାଜରେ ନାରୀର ସ୍ଥିତି କାରଣରୁ ମହିଳାମାନେ ନାନା ପ୍ରକାର ସମସ୍ୟାର ଶିକାର ହୋଇଥାନ୍ତି ଏବଂ ଡ୍ରଗ୍ସ ବ୍ୟବହାରଜନିତ ସମସ୍ୟାର ମୁକାବିଲା ସେମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥାଏ । ମହିଳାମାନଙ୍କ ସକାଶେ ନିରାପଦ ଯୌନକ୍ରିୟାକୁ ନିଶ୍ଚିତ କରିବାକୁ ସାମାଜିକ ଅଂଶଗ୍ରହଣ କ୍ଷେତ୍ରରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ବୁଝାମଣାଗତ ପ୍ରଭେଦ ଯଥେଷ୍ଟ ରହିଛି । ସମାଜରେ ବର୍ତ୍ତମାନ ଉପଲବ୍ଧ ସୂଚନା-ଶିକ୍ଷା-ଯୋଗାଯୋଗ(ଆଇଇସି) ଏବଂ ବ୍ୟାବହାରିକ ପରିବର୍ତ୍ତନ ଯୋଗାଯୋଗ(ବିସିସି)ର ସ୍ତର ମହିଳାମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଯଥେଷ୍ଟ ହେଉନାହିଁ ଏବଂ ମହିଳାମାନେ ନିଜ ଲାଗି ସୃଷ୍ଟି ହେଉଥିବା କ୍ଷତିର ମୁକାବିଲା କରିବାକୁ ସକ୍ଷମ ହେଉନାହାନ୍ତି ।**

> **ଇଞ୍ଜେକସନ ଜରିଆରେ ନିଶାଦ୍ରବ୍ୟ ଗ୍ରହଣ କରୁଥିବା ମହିଳା ଓ ମହିଳା ଯୌନକର୍ମୀମାନେ ଅଧିକ ସମସ୍ୟା ତଥା ପାତରଅନ୍ତରର ସମ୍ମୁଖୀନ ହେଉଛନ୍ତି । ଏହିଦୃଷ୍ଟିରେ ସମାଜରେ ସମାନତା ଆଣିବା ପାଇଁ ପବିତ୍ର ଦୃଷ୍ଟିଭଙ୍ଗୀ ସହ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏଥିପାଇଁ ସମାଜରେ ସଚେତନତା ସୃଷ୍ଟି କରିବା ସହ ସେବା ପ୍ରଦାନକାରୀ ଏବଂ ଅନ୍ୟାନ୍ୟ ଭାଗିଦାରୀଙ୍କୁ ଉପରୋକ୍ତ ଦୁଇ କ୍ଷେତ୍ରରେ ସଚେତନ କରିବା ଆବଶ୍ୟକ ।**

ଆବଶ୍ୟକତା ରହିଛି ଯାହାକି ଯୌନଗତ ସଂକ୍ରମଣରୁ ସୁରକ୍ଷା ଓ ଯୌନଗତ ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବ । ଏହାସହ ଇଞ୍ଜେକସନ ଜରିଆରେ ନିଶାଦ୍ରବ୍ୟ ଗ୍ରହଣ କରୁଥିବା ମହିଳା ଓ ମହିଳା ଯୌନକର୍ମୀମାନେ ଅଧିକ ସମସ୍ୟା ତଥା ପାତରଅନ୍ତରର ସମ୍ମୁଖୀନ ହେଉଛନ୍ତି । ଏହିଦୃଷ୍ଟିରେ ସମାଜରେ ସମାନତା ଆଣିବା ପାଇଁ ପବିତ୍ର ଦୃଷ୍ଟିଭଙ୍ଗୀ ସହ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏଥିପାଇଁ ସମାଜରେ ସଚେତନତା ସୃଷ୍ଟି କରିବା ସହ ସେବା ପ୍ରଦାନକାରୀ ଏବଂ ଅନ୍ୟାନ୍ୟ ଭାଗିଦାରୀଙ୍କୁ ଉପରୋକ୍ତ ଦୁଇ କ୍ଷେତ୍ରରେ ସଚେତନ କରିବା ଆବଶ୍ୟକ । ଏହି ପରିସ୍ଥିତିର ପରିବର୍ତ୍ତନ କରିବା ପାଇଁ କ'ଣ କରାଯାଇପାରିବ ? ନିଶାଦ୍ରବ୍ୟର ବ୍ୟବହାର, ଇଞ୍ଜେକସନ ଜରିଆରେ ନିଶାଦ୍ରବ୍ୟ ଗ୍ରହଣ କରିବା, ଯୌନଗତ ନେଟଓ୍ୱର୍କ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ସହ ଉପଯୁକ୍ତ ପରାମର୍ଶ ଦେବା ଏବଂ ସାଧାରଣ ବିତର୍କ ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

ଇଞ୍ଜେକସନ ଜରିଆରେ ନିଶାଦ୍ରବ୍ୟ ଦେବା କ୍ଷେତ୍ରରେ ବିପଦ ହ୍ରାସ ସାଧାରଣତଃ କ୍ଲିନିକସ୍ତରୀୟ, ମନସ୍ତତ୍ତ୍ୱସ୍ତରୀୟ ଓ ସାମାଜିକ ପ୍ରସଙ୍ଗସ୍ତରୀୟ ହସ୍ତକ୍ଷେପ ଜରିଆରେ ସମ୍ଭବ ହୋଇଥାଏ । ନିଶାଦ୍ରବ୍ୟକୁ ଇଞ୍ଜେକସନ ଜରିଆରେ ଗ୍ରହଣ କରିବା କ୍ଷେତ୍ରରେ ଉପଯୁକ୍ତ ଦୃଷ୍ଟିଭଙ୍ଗୀଗୁଡ଼ିକ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ସେଗୁଡ଼ିକ ହେଲା (କ) ପ୍ରତ୍ୟେକ ବ୍ୟକ୍ତିବିଶେଷ କ୍ଷେତ୍ରରେ ଡ୍ରଗ୍ସ ବ୍ୟବହାରର କାରଣ ଖୋଜିବା (ଖ) ନିରାପଦ ବ୍ୟବହାର ପଦ୍ଧତି ସକାଶେ ବିକଳ୍ପ ଓ ଉପଲବ୍ଧ ସୁଯୋଗଗୁଡ଼ିକୁ ବାହାର କରିବା ଏବଂ (ଗ) ଅଣନିଷ୍ପତ୍ତିମୂଳକ ଓ ସ୍ୱର୍ଶକାତର ପରିବାର/ଗୋଷ୍ଠୀଗତ ସହାୟତା ।

ଇଞ୍ଜେକସନ ଜରିଆରେ ନିଶାଦ୍ରବ୍ୟ ବ୍ୟବହାର ସକାଶେ ବିପଦ ହ୍ରାସ କାର୍ଯ୍ୟକ୍ରମ ଅନେକ ସମୟରେ ପ୍ରତିକ୍ରିୟାଶୀଳ ହୋଇଥାଏ । ତେବେ ଡ୍ରଗ୍ସ ବ୍ୟବହାର କ୍ଷେତ୍ରରେ ଜଟିଳ ସ୍ଥିତି ଓ ସଂଲଗ୍ନ ଦୁର୍ବଳତାଗୁଡ଼ିକୁ ବିଚାରକୁ ନେଲେ ଏହା ସ୍ପଷ୍ଟହୁଏ ଯେ, ପ୍ରାଥମିକ ସ୍ତରରେ ଏହାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ ଓ ଉପଶମମୂଳକ । ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ କିଶୋରମାନଙ୍କ ମଧ୍ୟରେ ପ୍ରାଥମିକ ନିରାକରଣ ବ୍ୟବସ୍ଥା ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ତେଣୁ ଯୁବଗୋଷ୍ଠୀ ଓ କିଶୋରମାନଙ୍କ ପ୍ରତି ପ୍ରତ୍ୟକ୍ଷ ଦୃଷ୍ଟି ଦେବା ହେଉଛି ଗୁରୁତ୍ୱପୂର୍ଣ୍ଣ । ଯେଉଁମାନେ ଇଞ୍ଜେକସନ ଜରିଆରେ ନିଶାଦ୍ରବ୍ୟ ଗ୍ରହଣ କରୁଛନ୍ତି ସେମାନଙ୍କ ପରିବାର ପକ୍ଷରୁ ପ୍ରଥମେ ସଚେତନତାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ କାରଣ ପରିବାରର ଅନ୍ୟ ସଦସ୍ୟ ବି ଏହି ଅନୈତିକ ପ୍ରକ୍ରିୟାରେ ସାମିଲ ହେବାର ଯଥେଷ୍ଟ ଆଶଙ୍କା ରହିଛି ।

**ଉପସଂହାର:** ଉତ୍ତରପୂର୍ବାଞ୍ଚଳର ବିକାଶ ସଂକ୍ରାନ୍ତ ଆଲୋଚନାରେ ବହୁମୁଖୀ ଦିଗ ପ୍ରତି ଅବଲୋକନ, ବିଭିନ୍ନ ସ୍ତରର ଅଂଶୀଦାର, ଏକ ଶକ୍ତିଶାଳୀ ଉତ୍ସର୍ଗୀକୃତ ରାଜନୈତିକ ପ୍ରଚେଷ୍ଟା, ଏହି ଅଞ୍ଚଳର ଲୋକମାନଙ୍କ ସହ ଧାରାବାହିକ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ବିଭିନ୍ନ ସ୍ତରରେ ଅଂଶଗ୍ରହଣ ଯୋଗୁ ସଶକ୍ତ ରୂପାନ୍ତରଣ ସମ୍ଭବ ହେବା ସହ ବିକାଶୋନ୍ମୁଖୀ ସଶକ୍ତ ଜନସମାଜ ସୃଷ୍ଟି ହୋଇପାରିବ । ●

ଦିଲ୍ଲୀ ସ୍ଥିତ ଭାରତୀୟ ଜନ ସ୍ୱାସ୍ଥ୍ୟ ସଂସ୍ଥାରେ ଲେଖିକା ଜଣେ ସହ-ପ୍ରାଧ୍ୟାପିକା ଭାବେ କାର୍ଯ୍ୟରତ ।



Unfiled Notes Page 13

# ଉତ୍ତର ପୂର୍ବାଞ୍ଚଳରେ କୃଷି

## ପରିବେଶ ଅନୁକୂଳ ଅମଳ ଜରିଆରେ ସହନଶୀଳ ବିକାଶ ଓ ସମୃଦ୍ଧି

ନିରେନ୍ଦ୍ର ଦେବ

> **"ଅନ୍ୟମାନଙ୍କଠାରୁ ଅଲଗା ମୁଁ କିଛି ଆପଣଙ୍କୁ ପ୍ରଦର୍ଶନ କରିବି**
> **ସକାଳେ ଆପଣଙ୍କ ପଛରେ ରହିଥିବା ଛାଇ;**
> **ଅବା ସାୟାହ୍ନରେ ଆପଣଙ୍କ ଛାଇ ହେଉ-**
> **ସର୍ବଦା ଦୌଡ଼ିଥାଏ ଆପଣଙ୍କୁ ଭେଟିବା ଲାଗି" ।**

**ଭାରତୀୟମାନେ ସର୍ବଦା ସଂସ୍କୃତିର ବୈଚିତ୍ର୍ୟ ଓ ବହୁମୁଖୀ ସଭ୍ୟତା ସହ ସମ୍ପର୍କିତ ହୋଇଆସିଛନ୍ତି । ବାସ୍ତବରେ ଏହା ହିଁ ଭାରତର ଶକ୍ତି । ଏହି ଅଞ୍ଚଳରେ ଏକକ ଶୈଳୀ ରହିଛି ବୋଲି ଭାବିବା ଭୁଲ ହେବ । ସ୍ଥାନୀୟ ଲୋକଙ୍କ କୃଷି କୌଶଳକୁ ବ୍ୟବହାର କରିବା କ୍ଷେତ୍ରରେ ପ୍ରତ୍ୟେକ ସମ୍ପ୍ରଦାୟ ସାମର୍ଥ୍ୟ ହାସଲ କରିଛନ୍ତି । ସେହିପରି ଜଳ ସଙ୍କଟର ମୁକାବିଲା କରିବା ଲାଗି ବିଭିନ୍ନ ଖର୍ଚ୍ଚବହୁଳ ପଦ୍ଧତି ବଦଳରେ ସ୍ଥାନୀୟ ସ୍ତରରେ ଉପଲବ୍ଧ ଜଳ ସମ୍ପଦର ବ୍ୟବହାର କରିବା କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି ।**

ପ୍ରସିଦ୍ଧ ଇଂରାଜୀ କବି ଟି.ଏସ. ଇଲିୟଟଙ୍କ କଲମମୁନରୁ ନିଃସୃତ ହୋଇଥିଲା ଏହି କବିତା ଯାହାକି ଦେଶର ଗ୍ରାମୀଣ ଉତ୍ତର ପୂର୍ବ ଭାରତର ବାସ୍ତବ ଚିତ୍ର ପ୍ରଦାନ କରିଥାଏ । ଦେଶର ଅଗମ୍ୟ ଦୂରତାରେ ଥିବା ଏହି ଅଞ୍ଚଳର ଲୋକ ସାଧାରଣତଃ କୃଷି ଓ ପାରମ୍ପରିକ ଚାଷ ଉପରେ ନିର୍ଭରଶୀଳ । ଉତ୍ତରପୂର୍ବ ଭାରତର ଲୋକଙ୍କ ପାଇଁ କୃଷି ହେଉଛି ମୁଖ୍ୟ ଜୀବିକା । ତେଣୁ ଏହି ଅଞ୍ଚଳରେ ଫାର୍ମ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ସହ ଏହାର ବିକାଶର ରୋଡମ୍ୟାପ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଏହା ସହ ବିଭିନ୍ନ ପ୍ରାକୃତିକ ଓ ଏପରିକି ହିଂସା ପରି ମନୁଷ୍ୟକୃତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାର ଆବଶ୍ୟକତା ରହିଛି । ବାସ୍ତବରେ ଉତ୍ତରପୂର୍ବ ଭାରତର ସମସ୍ତ ୮ଟି ରାଜ୍ୟ ଯଥା- ଅରୁଣାଚଳ ପ୍ରଦେଶ, ଆସାମ, ସିକିମ, ମଣିପୁର, ମିଜୋରାମ, ମେଘାଳୟ, ନାଗାଲାଣ୍ଡ ଓ ତ୍ରିପୁରାର ସାମଗ୍ରିକ ବିକାଶ କ୍ଷେତ୍ରରେ କୃଷି ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ବିଶେଷ କରି ଅର୍ଥନୈତିକ କାର୍ଯ୍ୟକଳାପ ଜରିଆରେ ଏହି ୮ଟି ରାଜ୍ୟର ବିକାଶ ତଥା ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ହୋଇଆସିଛି । କିନ୍ତୁ ଉତ୍ତର ପୂର୍ବାଞ୍ଚଳ ହେଉଛି ଦେଶର ସବୁଠାରୁ ଜଟିଳ ଜାତିଗତ ବିଭିନ୍ନତାଭିତ୍ତିକ ଇଲାକା । ସିକିମ ସମେତ ସମସ୍ତ ୮ଟି ରାଜ୍ୟ ନିଜ ନିଜ ସଂସ୍କୃତି ଓ ଚାଷବାସ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ବଜାୟ ରଖିଆସିଛନ୍ତି । ଭାରତୀୟମାନେ ସର୍ବଦା ସଂସ୍କୃତିର ବୈଚିତ୍ର୍ୟ ଓ ବହୁମୁଖୀ ସଭ୍ୟତା ସହ ସମ୍ପର୍କିତ ହୋଇଆସିଛନ୍ତି । ବାସ୍ତବରେ ଏହା ହିଁ ଭାରତର ଶକ୍ତି । ଏହି ଅଞ୍ଚଳରେ ଏକକ ଶୈଳୀ ରହିଛି ବୋଲି ଭାବିବା ଭୁଲ ହେବ । ସ୍ଥାନୀୟ ଲୋକଙ୍କ କୃଷି କୌଶଳକୁ ବ୍ୟବହାର କରିବା କ୍ଷେତ୍ରରେ ପ୍ରତ୍ୟେକ ସମ୍ପ୍ରଦାୟ ସାମର୍ଥ୍ୟ ହାସଲ କରିଛନ୍ତି । ସେହିପରି ଜଳ ସଙ୍କଟର ମୁକାବିଲା କରିବା ଲାଗି ବିଭିନ୍ନ ଖର୍ଚ୍ଚବହୁଳ ପଦ୍ଧତି ବଦଳରେ ସ୍ଥାନୀୟ ସ୍ତରରେ ଉପଲବ୍ଧ ଜଳ ସମ୍ପଦର ବ୍ୟବହାର କରିବା କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି ।

ପ୍ରତ୍ୟେକ ଆଦିବାସୀ ଓ ଜାତିଭିତ୍ତିକ ସମ୍ପ୍ରଦାୟ ଜଳ ସଂରକ୍ଷଣ ଓ ଫାର୍ମିଂ କ୍ଷେତ୍ରରେ ସେମାନଙ୍କ ପାରମ୍ପରିକ ପ୍ରଣାଳୀର ବୈଶିଷ୍ଟ୍ୟ

ହାସଲ କରିଥିବାବେଳେ ଏହି ଅଞ୍ଚଳରେ ରହିଛି ଅନେକ ପ୍ରକାର ପାରମ୍ପରିକ ଜଳ ଅମଳ ବ୍ୟବସ୍ଥା ଯାହାର ସଦୁପଯୋଗ କରି ଲୋକମାନେ ଉପକୃତ ହୋଇପାରୁଛନ୍ତି । ଯେଉଁ ପାରମ୍ପରିକ ଜଳ ଅମଳ ପ୍ରଣାଳୀମାନ ରହିଛି ସେଗୁଡ଼ିକ ହେଲା- ଆସାମରେ ଡଙ୍ଗ, ମେଘାଳୟରେ ବାଉଁଶ ବୁନ୍ଦା ଜଳସେଚନ, ଅରୁଣାଚଳ ପ୍ରଦେଶର ଜିରୋ ଉପତ୍ୟକାରେ ଆର୍ଦ୍ର ଧାନ ଓ ମତ୍ସ୍ୟଚାଷ ବ୍ୟବସ୍ଥା, ନାଗାଲାଣ୍ଡର ଫେକ ଜିଲ୍ଲାରେ ଜାବୋ ବ୍ୟବସ୍ଥା ଜରିଆରେ କାଖେସାଙ୍ଗ ନାଗା ଜନଜାତିଙ୍କ ଜଳସେଚନ ବ୍ୟବସ୍ଥା ଏବଂ ମିଜୋରାମର ଛାତରେ ବର୍ଷା ଜଳ ଅମଳ ବ୍ୟବସ୍ଥା । ସିକିମର ଜୈବିକ ଚାଷର ସଫଳତାର କାହାଣୀ ମଧ୍ୟ ଅନନ୍ୟ ।

ଉତ୍ତର ପୂର୍ବ ଭାରତରେ ଚାଷ ସମ୍ପର୍କରେ ଆଉ ଏକ ଜଣାଶୁଣା ଓ ପ୍ରମୁଖ ବୈଶିଷ୍ଟ୍ୟ ରହିଛି । ଏହାକୁ ଝୁମ ଚାଷ ବା ପୋଡୁ ଚାଷ କୁହାଯାଇଥାଏ । ଚାଷ ନିମନ୍ତେ ଅନେକ ଚାଷୀ ପୋଡ଼ିବା ପ୍ରଣାଳୀର ଆଶ୍ରା ନେଇଥାନ୍ତି । ଆକଳନରୁ ଜଣାଯାଇଛି ଯେ ଉତ୍ତର ପୂର୍ବ ଭାରତର ମୋଟ ଚାଷର ୮୫ ପ୍ରତିଶତରେ ଝୁମ ବା ପୋଡୁଚାଷ ହୋଇଥାଏ । ଚାଷର ଆବଶ୍ୟକତା ବୃଦ୍ଧି ପାଉଥିବାବେଳେ ଏହି ପ୍ରଣାଳୀର ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡିଥାଏ ଏବଂ ପରିବେଶର ଯଥେଷ୍ଟ କ୍ଷତି ହୋଇଥାଏ । ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ଏହା ପ୍ରତୀୟମାନ ହୋଇଥାଏ ଯେ, ସମଗ୍ର ଉତ୍ତର ପୂର୍ବାଞ୍ଚଳ ଉତ୍ତପ୍ତ ଗ୍ରୀଷ୍ମ ମୌସୁମୀ ଜଳବାୟୁ ଅନ୍ତର୍ଗତ ଏବଂ ସ୍ଥାନୀୟ ସ୍ତରରେ ହେଉଥିବା ଜଳ ଅମଳ ବ୍ୟବସ୍ଥା ଯୋଗୁ କେବଳ ଶସ୍ୟ ଉତ୍ପାଦନ ଅଧିକ ହୋଇ ନ ଥାଏ ବରଂ ମୃତ୍ତିକା ସ୍ଖଳନ ବନ୍ଦ କରିଥାଏ । ଏହା ସହ ମୃତ୍ତିକାର ଉର୍ବରତା ବୃଦ୍ଧି କରିଥାଏ । ତେବେ ଜଳ ଅମଳ କ୍ଷେତ୍ରରେ ଯଥେଷ୍ଟ ସାମର୍ଥ୍ୟ ରହିବା ସହ ଅନେକ ପ୍ରକାର ଉଦ୍ଭାବନ ହୋଇଥିଲେ ମଧ୍ୟ କୃଷି ଅର୍ଥନୀତିରେ ବିଶେଷ ସଫଳତା ପରିଲକ୍ଷିତ ହୋଇପାରିନାହିଁ ଯାହାକି ବର୍ଷ ବର୍ଷ ଧରି ଦେଖାଦେଇଆସିଛି ।

ଐତିହାସିକ ଓ ଆଂଶିକ ଭୌଗଳିକ କାରଣରୁ ଦେଖିବାକୁ ଗଲେ ଜଣାଯାଏ ଯେ, ଉତ୍ତର ପୂର୍ବରେ କୃଷି କ୍ଷେତ୍ର ସର୍ବଦା ଅବହେଳିତ ହୋଇ ରହିଆସିଛି । ଉତ୍ତର ପୂର୍ବାଞ୍ଚଳରେ ଶୀତଳଭଣ୍ଡାର ପ୍ରତିଷ୍ଠା, ମାର୍କେଟିଂ ସୁବିଧା ଏବଂ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ନୂଆ ସରକାର ଅମଳରେ ପରିଲକ୍ଷିତ ହୋଇଛି ଯେ, ଏହି ଅଞ୍ଚଳରେ କୃଷିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ଏବଂ କିଛି ବର୍ଷ ତଳେ ଆରମ୍ଭ କରାଯାଇଥିବା ଦ୍ୱିତୀୟ ସବୁଜ ବିପ୍ଳବ ଯୋଜନା ଅଧୀନରେ କେତେକ ନୂଆ ଓ ଉଦ୍ଭାବନମୂଳକ ପଦକ୍ଷେପ ନିଆଯାଇଛି । ତେବେ ବର୍ତ୍ତମାନ ରହିଥିବା କେତେକ ପ୍ରମୁଖ ପ୍ରତିବନ୍ଧକଗୁଡ଼ିକ ସମ୍ପର୍କରେ ଅବଲୋକନ କରିବା ସହ ଏକ୍ଷେତ୍ରକୁ ଉପଯୁକ୍ତ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଯଦିଓ ଉତ୍ତରପୂର୍ବ ଭାରତରେ ଏହି ଅଞ୍ଚଳର ଅର୍ଥନୀତିର ସେପରି କୌଣସି ପ୍ରଭାବ ନାହିଁ ତଥାପି ଅଧିକ ଉତ୍ପାଦନ ସକାଶେ କୃଷି କ୍ଷେତ୍ର ପ୍ରତି ଅଗ୍ରାଧିକାର ପ୍ରଦାନ କରିବାର ଆବଶ୍ୟକତା ରହିଛି ।

ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ୭୫ ପ୍ରତିଶତରୁ ଅଧିକ ଲୋକ ଜୀବିକା ସ୍ୱରୂପ କୃଷି ଉପରେ ନିର୍ଭରଶୀଳ । ଅବଶିଷ୍ଟ ଭାରତର ମୋଟ ଚାଷଜମି ପରିମାଣ ୪୫ ପ୍ରତିଶତ ହୋଇଥିବାବେଳେ ଏହି ଅଞ୍ଚଳରେ ମୋଟ ଚାଷ ଜମି ପରିମାଣ ହେଉଛି ୨୦ ପ୍ରତିଶତ । ଅମଳ ପରିମାଣ ଓ ବିଭିନ୍ନ ସାମଗ୍ରୀର ଉତ୍ପାଦନ କ୍ଷେତ୍ରରେ ଦେଶର ଅନ୍ୟାନ୍ୟ ଭାଗ ତୁଳନାରେ ଉତ୍ତର ପୂର୍ବାଞ୍ଚଳ ଯଥେଷ୍ଟ ପଛରେ ପଡ଼ିଛି । ତେଣୁ ଖାଦ୍ୟଶସ୍ୟ ଆବଶ୍ୟକତା ଓ ଫଳ କ୍ଷେତ୍ରରେ ଏହି ଉତ୍ତର ପୂର୍ବାଞ୍ଚଳ ସର୍ବଦା ଅନ୍ୟ ଅଞ୍ଚଳ ଉପରେ ନିର୍ଭରଶୀଳ ହୋଇଆସୁଛି ।

ତେବେ ଏକଥା ସତ୍ୟ ଯେ, ଅନ୍ୟାନ୍ୟ ଫାର୍ମ ସାମଗ୍ରୀ ଓ ଉଦ୍ୟାନ କୃଷି କ୍ଷେତ୍ରରେ ଉତ୍ତର ପୂର୍ବାଞ୍ଚଳ ଯଥେଷ୍ଟ ସାମର୍ଥ୍ୟଶୀଳ । ଆସାମରେ ଚା, ଧାନ, ସୋରିଷ, କଦଳୀ, ଆଳୁ, ଝୋଟ, କନ୍ଦମୂଳ, ଲେମ୍ବୁ, କମଳା, ପତ୍ରଭିତ୍ତିକ ପରିବା, ମସଲା ଆଦି ଯଥେଷ୍ଟ ପରିମାଣ ଉତ୍ପାଦିତ ହେଉଥିବାବେଳେ ସର୍ବଭାରତୀୟସ୍ତରରେ ଏହାର ଅବଦାନ ଯଥେଷ୍ଟ ।

ସେହିପରି ମେଘାଳୟରେ କାଜୁ ଯଥେଷ୍ଟ ପରିମାଣରେ ଉତ୍ପାଦିତ ହେଉଥିବାବେଳେ ତ୍ରିପୁରା, ମିଜୋରାମ ଓ

**ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ୭୫ ପ୍ରତିଶତରୁ ଅଧିକ ଲୋକ ଜୀବିକା ସ୍ୱରୂପ କୃଷି ଉପରେ ନିର୍ଭରଶୀଳ । ଅବଶିଷ୍ଟ ଭାରତର ମୋଟ ଚାଷଜମି ପରିମାଣ ୪୫ ପ୍ରତିଶତ ହୋଇଥିବାବେଳେ ଏହି ଅଞ୍ଚଳରେ ମୋଟ ଚାଷ ଜମି ପରିମାଣ ହେଉଛି ୨୦ ପ୍ରତିଶତ । ଅମଳ ପରିମାଣ ଓ ବିଭିନ୍ନ ସାମଗ୍ରୀର ଉତ୍ପାଦନ କ୍ଷେତ୍ରରେ ଦେଶର ଅନ୍ୟାନ୍ୟ ଭାଗ ତୁଳନାରେ ଉତ୍ତର ପୂର୍ବାଞ୍ଚଳ ଯଥେଷ୍ଟ ପଛରେ ପଡ଼ିଛି । ତେଣୁ ଖାଦ୍ୟଶସ୍ୟ ଆବଶ୍ୟକତା ଓ ଫଳ କ୍ଷେତ୍ରରେ ଏହି ଉତ୍ତର ପୂର୍ବାଞ୍ଚଳ ସର୍ବଦା ଅନ୍ୟ ଅଞ୍ଚଳ ଉପରେ ନିର୍ଭରଶୀଳ ହୋଇଆସୁଛି ।**

ମଣିପୁରରେ ଅଦା, ଲଙ୍କା ଓ ବାଉଁଶ ଯଥେଷ୍ଟ ପରିମାଣରେ ଉତ୍ପାଦିତ ହୋଇଥାଏ । ନାଗାଲାଣ୍ଡରେ ପର୍ଯ୍ୟାପ୍ତ ପରିମାଣର ସପୁରି ମଧ୍ୟ ଉତ୍ପାଦିତ ହୋଇଥାଏ । ବିଭିନ୍ନ ବାଧା ରହିଥିବା ସତ୍ତ୍ୱେ ସାମଗ୍ରିକ ଦୃଷ୍ଟିରୁ ଦେଖିବାକୁ ଗଲେ ଉତ୍ତର ପୂର୍ବାଞ୍ଚଳରେ କୃଷିର ପରମ୍ପରା ସମୃଦ୍ଧ ଏବଂ ଜାତୀୟ ସ୍ତରରେ ଏହା ସୃଷ୍ଟି କରିଛି ଅନନ୍ୟ ଉଦାହରଣ ।

ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଲୋକମାନେ ସାଧାରଣତଃ ଗ୍ରାମରେ ବାସ କରିଥାନ୍ତି । ତେଣୁ ସ୍ଥାନୀୟ ଲୋକଙ୍କ ଭାବାବେଗ ସହ କୃଷି ଜଡ଼ିତ ହୋଇରହିଥାଏ । ଯଦିଓ କେତେକ କ୍ଷେତ୍ରରେ ସେବା, ଶିଳ୍ପ ଓ ସରକାରୀ କ୍ଷେତ୍ରରେ ଉଚ୍ଚ ଚାକିରିର ସୁଯୋଗ ରହିଛି ତଥାପି ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଲୋକମାନେ କୃଷିକୁ ତ୍ୟାଗ କରିପାରିନଥାନ୍ତି । ଏହି ସମ୍ପର୍କ ଯୋଗୁ ଦୀର୍ଘକାଳ ସ୍ଥାୟୀ ସମ୍ପଦ ସୃଷ୍ଟି ହେବା ସହ କୃଷି କ୍ଷେତ୍ରରେ ଆବଶ୍ୟକତାଗୁଡ଼ିକ ସହଜରେ ପୂରଣ ହୋଇଥାଏ ଏବଂ ନିଯୁକ୍ତି ସୃଷ୍ଟିର ପ୍ରତିଶ୍ରୁତି ମିଳିଥାଏ । ତେଣୁ ଅରୁଣାଚଳ ପ୍ରଦେଶରେ ପାରମ୍ପରିକ ଜଳ ଅମଳ ବ୍ୟବସ୍ଥା ଯଥା ଆର୍ଦ୍ର ଧାନ ତଥା ମତ୍ସ୍ୟଚାଷ ବ୍ୟବସ୍ଥା ଦେଖାଯାଇଥାଏ ଯାହାକି ସୀମିତ ସମ୍ବଳ ମଧ୍ୟରେ ସମ୍ଭବ ହୋଇଥାଏ । ଏହା ଏକ ପ୍ରକାର ଜୈବ ଚାଷର ଉଦାହରଣ ବୋଲି କୁହାଯାଇପାରେ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହରେ ଜୈବ ଚାଷ ପ୍ରଣାଳୀର ବିଶେଷ ଅଗ୍ରଗତି ହୋଇଛି । ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁଆରୀ ୧୮, ୨୦୧୬ରେ ସିକିମକୁ ଦେଶର ପ୍ରଥମ ଜୈବିକ ରାଷ୍ଟ୍ର ଭାବେ ଘୋଷଣା କରିଥିଲେ । ସିକିମକୁ ଏକ ଚାଷ ପ୍ରଧାନ ରାଜ୍ୟରେ ପରିଣତ କରିବା ପାଇଁ ବ୍ୟାପକ ଚେଷ୍ଟା କରାଯାଇଆସିଛି ଏବଂ ପ୍ରାୟ ୭୫ହଜାର ହେକ୍ଟର କୃଷିଭିତ୍ତିକ ଜମିକୁ ସହନଶୀଳ ଜୈବିକ ଚାଷଜମିରେ ପରିଣତ କରିବାର ସ୍ୱପ୍ନ ସାକାର ହୋଇପାରିଛି । ଏହି ପଦ୍ଧତି ଯୋଗୁ ରାଜ୍ୟରେ ମୃତ୍ତିକାର ସ୍ୱାସ୍ଥ୍ୟର ସୁରକ୍ଷା ହୋଇପାରିବା ସହ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇପାରିଛି । ଏହା ଯୋଗୁ ରାଜ୍ୟରେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ମଧ୍ୟ ଆଶା ରଖାଯାଇଛି । ନାଗାଲାଣ୍ଡର ଫେକ ଜିଲ୍ଲା ଅନ୍ତର୍ଗତ ଜାବୋ ବ୍ୟବସ୍ଥାରେ ରହିଛି ଜଳ ଅମଳର ଆଶ୍ଚର୍ଯ୍ୟଜନକ ପଦ୍ଧତି । ପର୍ବତର ଶୀର୍ଷ ଦେଶରେ ବର୍ଷାଜଳର ବ୍ୟବହାର କରାଯାଉଥିବାବେଳେ ଜଳ ସଂରକ୍ଷଣ ଲାଗି ପର୍ବତର ମଧ୍ୟଦେଶରେ ରହିଥାଏ ଜଳ ସଂରକ୍ଷଣ ପୋଖରି । ପର୍ବତର ନିମ୍ନ ଦେଶରେ ରହିଥାଏ ଗୋଚର ଜମି ଓ ଧାନକ୍ଷେତ । ପୋଖରିରୁ ଜଳ ନିର୍ଗତ ହୋଇ ଗୋଚର ଜମିକୁ ଆସିଥାଏ ଏବଂ ଏଠାରୁ ବାହାରି ଜଳସେଚନରେ ବ୍ୟବହାର ହୋଇଥାଏ । ଜଳରେ ଗୋବର ଓ ମୂତ୍ର ମିଶି କ୍ଷେତ୍ରକୁ ଆସୁଥିବାରୁ ଜମିର ଉର୍ବରତା ବୃଦ୍ଧି ପାଇଥାଏ । ଫାଳ ବାଉଁଶ ଜରିଆରେ ଜଳ ଆସିଥାଏ ଏବଂ ଶସ୍ୟ ପାଇଁ ଏହା ଅଧିକ ସୁଯୋଗ ପ୍ରଦାନ କରିଥାଏ । ବିଭିନ୍ନ ପ୍ରଣାଳୀରୁ ପ୍ରମାଣ ମିଳେ କିପରି ଭାବେ କୃଷି ଏହି ଇଲାକାର ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

କୃଷିର ବିକାଶ ଯୋଗୁ ନାନା ପ୍ରକାର ବିକାଶ ସାଧିତ ହୋଇଥାଏ । ତାହା ହେଲା: ବେକାରୀ ଦୂରୀକରଣ ସମ୍ଭବ ହୋଇଥାଏ । ପାନୀୟ ଜଳ, ଗ୍ରାମୀଣ ରାସ୍ତା, ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଭୂମିହୀନଙ୍କ ଲାଗି ଗୃହନିର୍ମାଣ କ୍ଷେତ୍ରରେ କୃଷି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେହିପରି ମୃତ୍ତିକାର ଉର୍ବରତା ବୃଦ୍ଧି ପାଇବା ସହ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇଥାଏ । ଏହା ଯୋଗୁ ଆୟ କ୍ଷେତ୍ରରେ ରହିଥିବା ପ୍ରଭେଦ ଦୂର ହେବା ସହ ସମ୍ପଦ ବୃଦ୍ଧିରେ ସହାୟକ ହୋଇଥାଏ । କୃଷିର ବିକାଶ ଯୋଗୁ ଅଭିବୃଦ୍ଧି ହୋଇଥାଏ ଏବଂ ନିଶ୍ଚିତ ପ୍ରଗତି ସାଧିତ ହୋଇଥାଏ । ଆସାମୀୟ ସାହିତ୍ୟରେ ବର୍ଣ୍ଣିତ ରହିଛି ଯେ, କୌଣସି ସ୍ଥାନ ଓ ଲୋକମାନଙ୍କ ଭବିଷ୍ୟତ ଓ ସମୃଦ୍ଧି ଏହାରି ମାଟିରେ ହିଁ ନିହିତ ଥାଏ । ସାର୍ବଜନୀନ ବିକାଶ କ୍ଷେତ୍ରରେ କୃଷି ବାସ୍ତବରେ ଦେଇଥାଏ ନୂଆ ସୁଯୋଗ ।

ଉତ୍ତର ପୂର୍ବାଞ୍ଚଳର ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ଯେତେବେଳେ ପୃଥିବୀକୁ ମା ସହ ଏବଂ ଭୂପୃଷ୍ଠକୁ ମା'ର କୋଳ ବୋଲି ବିବେଚନା କରାଯାଏ ସେତେବେଳେ ତାହାହିଁ ହୋଇଥାଏ ସୃଜନଶୀଳତାର ଶ୍ରେଷ୍ଠ ଅଭିବ୍ୟକ୍ତି । ଏହି ଇଲାକାର ଲୋକମାନେ କୃଷି କ୍ଷେତ୍ରରେ ଯଥେଷ୍ଟ ଆଗୁଆ ଏବଂ ସେମାନେ ବାସ୍ତବରେ ଜାଣନ୍ତି ମାଙ୍କୁ କିପରି ପ୍ରକୃଷ୍ଟ ସେବା କରାଯାଇପାରେ ଏବଂ ତା'ଠାରୁ କିପରି ଆଶୀର୍ବାଦ ଭିକ୍ଷା କରାଯାଇପାରେ । ସେମାନେ ମଧ୍ୟ ଉନ୍ନତ ଅମଳ ବ୍ୟବସ୍ଥା ସମ୍ପର୍କରେ ଜ୍ଞାନ ହାସଲ କରିଛନ୍ତି ଯାହାକି ପରିବେଶ ଲାଗି ସହନଶୀଳତାର କାରଣ ହୋଇଥାଏ । ଲୋକଙ୍କ ଅନ୍ତରଙ୍ଗ ସମ୍ପୃକ୍ତି ଏବଂ ପ୍ରାକୃତିକ ସମ୍ବଳର ବାସ୍ତବ ଉପଯୋଗ ସହନଶୀଳତା ଆଣିଥାଏ ଏବଂ ଏହା ସହ ଆସିଥାଏ ପ୍ରଗତି । ●

ଲେଖକ ହେଉଛନ୍ତି ଦି ଷ୍ଟେଟ୍‌ସମ୍ୟାନ ସମ୍ବାଦ ପତ୍ରର ଜଣେ ପ୍ରତିନିଧି ।

# ଉତ୍ତର-ପୂର୍ବ ଭାରତରେ ଜନଜାତି ବିକାଶ

ଏନ୍.ସି. ସାକ୍ସେନା

> ବିଗତ କେତେ ଦଶନ୍ଧି ଧରି ଉତ୍ତର-ପୂର୍ବାଞ୍ଚଳର କେତେକ ରାଜ୍ୟକୁ ରୋଜଗାର ଆଶାରେ ପଡ଼ୋଶୀ ରାଜ୍ୟ ଏବଂ ବାଂଲାଦେଶରୁ ଲୋକଙ୍କ ସୁଅ ଛୁଟିଛି । ଏହା ଫଳରେ ସେସବୁ ରାଜ୍ୟର ଜନସଂଖ୍ୟା ଭାରସାମ୍ୟ ବଳଦିବା ସହ ସ୍ଥାନୀୟ ଲୋକଙ୍କ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଉଛି । ୧୯୫୧ରେ ତ୍ରିପୁରାର ମୋଟ୍ ଆଦିବାସୀ ଲୋକସଂଖ୍ୟା ଥିଲା ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୬ ଶତାଂଶ । ୨୦୦୧ରେ ଏହା ୩୦ ଶତାଂଶରୁ କମ୍‌ରେ ପହଞ୍ଚିଥିଲା । ସେହିଭଳି ଅରୁଣାଚଳ ପ୍ରଦେଶରେ ୧୯୫୧ରେ ଆଦିବାସୀ ଜନସଂଖ୍ୟା ଥିଲା ରାଜ୍ୟ ଲୋକସଂଖ୍ୟାର ୯୦ ଶତାଂଶ । ୧୯୯୧ରେ ଏହା ୬୪ ଶତାଂଶରୁ ତଳକୁ ଖସି ଆସିଥିଲା ।



ଭାରତର ମୋଟ ଆଦିବାସୀ ଜନସଂଖ୍ୟାର ମାତ୍ର ୧୨ ଶତାଂଶ ଉତ୍ତର-ପୂର୍ବ ରାଜ୍ୟ ସମୂହରେ ବସବାସ କରନ୍ତି । କେନ୍ଦ୍ର ଭାରତୀୟ ପ୍ରଦେଶଗୁଡ଼ିକରେ ଅଧିକାଂଶ ଆଦିବାସୀ ରହୁଥିଲେ ହେଁ ସେମାନେ ଏସବୁ ରାଜ୍ୟରେ ସଂଖ୍ୟାଲଘୁ । ଅଥଚ ଉତ୍ତରପୂର୍ବାଞ୍ଚଳର ମିଜୋରାମ, ମେଘାଳୟ ଓ ନାଗାଲାଣ୍ଡ ଆଦି ରାଜ୍ୟରେ ଆଦିବାସୀମାନେ ପ୍ରଦେଶର ମୋଟ ଜନସଂଖ୍ୟାର ୮୦ ଭାଗରୁ ଅଧିକ । ଏଥିପାଇଁ ସେମାନେ ଅଧିକ ରାଜନୈତିକ ଦୃଷ୍ଟି ଆକର୍ଷଣ କରନ୍ତି । ତେବେ ବିଗତ କେତେ ଦଶନ୍ଧି ଧରି ଉତ୍ତର-ପୂର୍ବାଞ୍ଚଳର କେତେକ ରାଜ୍ୟକୁ ରୋଜଗାର ଆଶାରେ ପଡ଼ୋଶୀ ରାଜ୍ୟ ଏବଂ ବାଂଲାଦେଶରୁ ଲୋକଙ୍କ ସୁଅ ଛୁଟିଛି । ଏହା ଫଳରେ ସେସବୁ ରାଜ୍ୟର ଜନସଂଖ୍ୟା ଭାରସାମ୍ୟ ବଳଦିବା ସହ ସ୍ଥାନୀୟ ଲୋକଙ୍କ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଉଛି । ୧୯୫୧ରେ ତ୍ରିପୁରାର ମୋଟ୍ ଆଦିବାସୀ ଲୋକସଂଖ୍ୟା ଥିଲା ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୬ ଶତାଂଶ । ୨୦୦୧ରେ ଏହା ୩୦ ଶତାଂଶରୁ କମ୍‌ରେ ପହଞ୍ଚିଥିଲା । ସେହିଭଳି ଅରୁଣାଚଳ ପ୍ରଦେଶରେ ୧୯୫୧ରେ ଆଦିବାସୀ ଜନସଂଖ୍ୟା ଥିଲା ରାଜ୍ୟ ଲୋକସଂଖ୍ୟାର ୯୦ ଶତାଂଶ । ୧୯୯୧ରେ ଏହା ୬୪ ଶତାଂଶରୁ ତଳକୁ ଖସି ଆସିଥିଲା । ଆସାମର ସମତଳ ଅଞ୍ଚଳରେ ବସବାସ କରୁଥିବା ବୋଡ଼ୋ ଜନଜାତିର ଲୋକ ଏବେ ବୋଡ଼ୋ ସ୍ୱୟଂଶାସିତ ପରିଷଦର ବିଭିନ୍ନ ଜିଲାରେ ସଂଖ୍ୟାଲଘୁ ହୋଇଗଲେଣି । ମୁସଲମାନ ଅନୁପ୍ରବେଶକାରୀ ବୋଡ଼ୋଙ୍କ ଜମି ହାତେଇ



Unfiled Notes Page 17

ନେବା କାରଣରୁ ସେ ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ମଝିରେ ମଝିରେ ଘଟି ବହୁ ଧନଜୀବନ ହାନି ଘଟୁଛି ।

ଜନସଂଖ୍ୟା ବିଭାଜନର ଫଳ ସ୍ୱରୂପ ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ଏକ ଅସମାନ କ୍ଷମତା ସମୀକରଣ ସୃଷ୍ଟି ହେଉଛି । ଆସାମରେ ଅହୋମ, ମଣିପୁରରେ ମିଟେଇ ଏବଂ ତ୍ରିପୁରାରେ ବଙ୍ଗାଳିମାନେ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ପ୍ରଭାବଶାଳୀ ଭୂମିକାରେ ରହୁଛନ୍ତି । ଉପଜାତିଗୁଡ଼ିକ ମଧ୍ୟରେ ମଧ୍ୟ ବ୍ୟାପକ ବିବିଧତା ରହିଛି । ଉତ୍ତର-ପୂର୍ବ ଭାରତରେ ୨୨୦ ଜନଜାତିର ଲୋକ ଦେଖାଯାନ୍ତି । ସେମାନଙ୍କର ନିଜସ୍ୱ ସଂସ୍କୃତି, ଆଦିବାସୀ ପରମ୍ପରା, ଭାଷା ଓ ଚଳଣି ରହିଛି । ସଂସ୍କୃତି ଓ ଚଳଣି ଦୃଷ୍ଟିରୁ ଭିନ୍ନଭିନ୍ନ ଆଦିବାସୀ ଗୋଷ୍ଠୀ ମଧ୍ୟରେ ମଧ୍ୟ ଉତ୍ତର-ପୂର୍ବାଞ୍ଚଳରେ ମଝିରେ ମଝିରେ ସଂଘର୍ଷ ଓ ବିବାଦ ସୃଷ୍ଟି ହୁଏ ଯାହା ଶାନ୍ତି ଓ ବିକାଶ ପ୍ରକ୍ରିୟାକୁ ବ୍ୟାହତ କରେ ।

**ମେଘାଳୟ ଷଷ୍ଠ ଅନୁଚ୍ଛେଦ ନୀତିରେ ସଂଖ୍ୟାଲଘୁ ଜନଜାତିଙ୍କ ପାଇଁ ସ୍ୱୟଂଶାସିତ ଜିଲା ପରିଷଦ (ଏଡିସି) ବ୍ୟବସ୍ଥା ରଖି ଯେଉଁ ବର୍ଗର ଜନପ୍ରତିନିଧି ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇପାରୁନଥିଲେ ସେହି ବର୍ଗଙ୍କ ପାଇଁ ଏକ ନୂଆ ରାଜନୈତିକ ଅନୁଷ୍ଠାନର ବ୍ୟବସ୍ଥା କଲା । ଏହା ବିଧାନସଭାର ଏକ ଅଧସ୍ତନ ସଭାଭାବେ କାର୍ଯ୍ୟ କଲା । ମେଘାଳୟ ଆସାମର ଅଂଶ ବିଶେଷ ଥିବାବେଳେ ଏହିସବୁ ସ୍ୱୟଂଶାସିତ ପରିଷଦଗୁଡ଼ିକ ସକ୍ରିୟ ଥିଲେ । ଅଣ ଆଦିବାସୀ ବହୁଳ ରାଜ୍ୟ ଶାସନ ବ୍ୟବସ୍ଥାରେ ଏହି ସଂଖ୍ୟାଲଘୁ ଆଦିବାସୀଙ୍କୁ ଏକ ପ୍ରକାର ସ୍ୱୟଂଶାସନର ଅଧିକାର ଦିଆଯାଇଥିଲା ।**

**ଷଷ୍ଠ ଅନୁଚ୍ଛେଦ :** ଅବିଭାଜିତ ଆସାମର ବିଭିନ୍ନ ପ୍ରାନ୍ତରେ ରହୁଥିବା ସଂଖ୍ୟାଲଘୁ ଆଦିବାସୀମାନଙ୍କୁ ସେମାନଙ୍କ ପାରମ୍ପରିକ ଅଭ୍ୟାସ, ଚଳଣି ଓ ସଂସ୍କୃତିର ସୁରକ୍ଷା ଦେବା ସହ ନିଜର ସ୍ୱତନ୍ତ୍ର ପରିଚୟ ରକ୍ଷାକରି ବିକାଶ ଢାଞ୍ଚା ପ୍ରସ୍ତୁତ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ୧୯୬୦ ଦଶକରେ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ପ୍ରଣିତ ହେଲା । ତେବେ ନାଗାଲାଣ୍ଡ, ମିଜୋରାମ ଓ ମେଘାଳୟ ଭଳି ଆଦିବାସୀ ବହୂଳ ରାଜ୍ୟ ଗଠନ ପରେ ପ୍ରସଙ୍ଗ ବଦଳିଗଲା । ରାଜ୍ୟ ହେବା ପରେ ନାଗାଲାଣ୍ଡ ଆଦିବାସୀଙ୍କ ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ଉଠାଇଦେଲା । ମିଜୋରାମରେ ଷଷ୍ଠ ଅନୁଚ୍ଛେଦ କେବଳ ନିଜ ରାଜ୍ୟ ମଧ୍ୟରେ ଥିବା ସଂଖ୍ୟାଲଘୁ ଜନଜାତିଙ୍କ ପାଇଁ ଲାଗୁ ହେବ ବୋଲି ନିଷ୍ପତ୍ତି ନେଲା । ତେବେ ମେଘାଳୟ ଷଷ୍ଠ ଅନୁଚ୍ଛେଦ ନୀତିରେ ସଂଖ୍ୟାଲଘୁ ଜନଜାତିଙ୍କ ପାଇଁ ସ୍ୱୟଂଶାସିତ ଜିଲା ପରିଷଦ (ଏଡିସି) ବ୍ୟବସ୍ଥା ରଖି ଯେଉଁ ବର୍ଗର ଜନପ୍ରତିନିଧି ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇପାରୁନଥିଲେ ସେହି ବର୍ଗଙ୍କ ପାଇଁ ଏକ ନୂଆ ରାଜନୈତିକ ଅନୁଷ୍ଠାନର ବ୍ୟବସ୍ଥା କଲା । ଏହା ବିଧାନସଭାର ଏକ ଅଧସ୍ତନ ସଭାଭାବେ କାର୍ଯ୍ୟ କଲା । ମେଘାଳୟ ଆସାମର ଅଂଶ ବିଶେଷ ଥିବାବେଳେ ଏହିସବୁ ସ୍ୱୟଂଶାସିତ ପରିଷଦଗୁଡ଼ିକ ସକ୍ରିୟ ଥିଲେ । ଅଣ ଆଦିବାସୀ ବହୁଳ ରାଜ୍ୟ ଶାସନ ବ୍ୟବସ୍ଥାରେ ଏହି ସଂଖ୍ୟାଲଘୁ ଆଦିବାସୀଙ୍କୁ ଏକ ପ୍ରକାର ସ୍ୱୟଂଶାସନର ଅଧିକାର ଦିଆଯାଇଥିଲା । ଏବେ ମେଘାଳୟ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟରେ ପରିଣତ ହୋଇଥିବାରୁ ଏବଂ ଏଠାରେ ମୋଟ ଜନସଂଖ୍ୟାର ୮୫ଶତାଂଶ ଆଦିବାସୀ ହୋଇଥିବା ଦୃଷ୍ଟିରୁ ଏଭଳି ସ୍ୱୟଂଶାସନ ପରିଷଦର କୌଣସି ଯଥାର୍ଥତା ନାହିଁ । ତଥାପି ମେଘାଳୟରେ ସେହି ବ୍ୟବସ୍ଥା ଚାଲୁ ରହିଛି ।





Unfiled Notes Page 18

ଏହା କେବଳ ବିଭ୍ରାନ୍ତି ସୃଷ୍ଟି କରୁଛି ।

ଷଷ୍ଠ ଅନୁଚ୍ଛେଦ ଅଞ୍ଚଳର ଆଉ ଏକ ସମସ୍ୟା ହେଉଛି ସ୍ୱୟଂଶାସିତ ପରିଷଦ ତଳେ ଆଉ କୌଣସି ନିର୍ବାଚିତ ଅନୁଷ୍ଠାନ କିମ୍ବା ସଂସ୍ଥା ନାହିଁ । ତଳ ସ୍ତରରେ ନିର୍ବାଚିତ ଅନୁଷ୍ଠାନର ଅଭାବ ଦୃଷ୍ଟିରୁ ଅଗମ୍ୟ ଗ୍ରାମାଞ୍ଚଳରେ ବିକାଶ ପ୍ରକ୍ରିୟା ପହଞ୍ଚିବାରେ ଅସୁବିଧା ହେଉଛି । ଗ୍ରାମସ୍ତରରେ ଯେଉଁସବୁ ସଂସ୍ଥା ରହିଛି ସେଥିରେ ବଂଶ, କୁଟୁମ୍ବ ବା କୂଳଗତ ପ୍ରତିନିଧିତ୍ୱ କିମ୍ବା ଏହା ଗ୍ରାମ ମୁଖିଆ ଭିତ୍ତିକ ହୋଇଥିବାରୁ ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁନାହିଁ । ଏହାର ଅବସାନ ଘଟାଇ ଗ୍ରାମସ୍ତରରେ ନିର୍ବାଚିତ ଅନୁଷ୍ଠାନ ବା ପଞ୍ଚାୟତ ଭିତ୍ତିରେ ପ୍ରତିନିଧିମୂଳକ ବ୍ୟବସ୍ଥା କରାଗଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରନ୍ତା । ତେବେ ଏ କ୍ଷେତ୍ରରେ ସର୍ବସମ୍ମତ ଗ୍ରହଣଯୋଗ୍ୟ ପନ୍ଥା ବାହାରି ପାରୁନାହିଁ ।

**ଆର୍ଥିକ ଅସମତା :** ଆଦିବାସୀ ମୁଖ୍ୟତଃ ପାହାଡ଼ ଓ ଜଙ୍ଗଲାଞ୍ଚଳରେ ବସବାସ କରନ୍ତି

**ସବୁଠୁ ମଜାଦାର ବିଷୟ ହେଲା ନବ୍ୟ ଧନିକ ଆଦିବାସୀମାନେ ନିଜକୁ ସଂଭ୍ରାନ୍ତ ବୋଲାଇ ଆଦିବାସୀ ବା ମୂଳ ଅଧିବାସୀଙ୍କ ଅଧିକାରର ସୁରକ୍ଷା ନାମରେ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବାବେଳେ ପ୍ରକୃତ ମୂଳ ଅଧିବସୀଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେଉଛନ୍ତି । ସେମାନେ ଆଦିବାସୀ ହୋଇ ମଧ୍ୟ ନିଜ ଜାତି, ସଂପ୍ରଦାୟ ଓ ବର୍ଗର ଗରିବ, ଅସହାୟମାନଙ୍କୁ ଅବିଚାରିତ ଭାବେ ଶୋଷଣ କରୁଛନ୍ତି ।**



ଏବଂ ସେଠିକାର ପ୍ରାକୃତିକ ପରିବେଶରୁ ଜୀବିକାର୍ଜନ କରନ୍ତି । ଚାଷବାସ ସହ ସେମାନେ ବୟନ କାର୍ଯ୍ୟ ଏବଂ ପଶମ ଉତ୍ପାଦନକାରୀ ପଶୁପାଳନ କରନ୍ତି । ଉତ୍ତର-ପୂର୍ବାଞ୍ଚଳର ଅଧିକାଂଶ ଆଦିବାସୀ ସଂପ୍ରଦାୟ ପୋଡୁଚାଷ କରନ୍ତି ଏବଂ ସେମାନଙ୍କର ସାମାଜିକ-ରାଜନୈତିକ ଜୀବନ ନିଜର ପାରମ୍ପରିକ ନିୟମ, ବିଚାର ଓ ଅଭ୍ୟାସ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ବଜାରର ପ୍ରବେଶ ଫଳରେ କେଇ ଦଶନ୍ଧି ଧରି ଅନେକ ଆଦିବାସୀ ସଂପ୍ରଦାୟ ସ୍ଥାୟୀ ଚାଷବାସ କରୁଛନ୍ତି ଏବଂ ଉତ୍ପାଦନର ଉତ୍ସ ଉପରେ ଗୋଷ୍ଠୀ ମାଲିକାନା ପରିବର୍ତ୍ତେ ବ୍ୟକ୍ତିଗତ ମାଲିକାନା ବ୍ୟବସ୍ଥା କ୍ରମଶଃ ଆରମ୍ଭ ହୋଇଛି । ଏହା ଫଳରେ ସଂପୃକ୍ତ ସମୁଦାୟଙ୍କ ମଧ୍ୟରେ ଆର୍ଥିକ ଅସମତା ବଢ଼ିଛି । ବାହାର ଲୋକଙ୍କ ଶୋଷଣରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ କରିବା ପାଇଁ ଆଇନ କାନୁନର ପ୍ରଚଳନ ସତ୍ତ୍ୱେ ସ୍ଥାନୀୟ ଲୋକେ ସୁରକ୍ଷା ପାଉନାହାନ୍ତି । ଫଳରେ ଶ୍ରେଣୀ ବିଭେଦ ବୃଦ୍ଧି ପାଉଛି । ଏବେ ପାହାଡ଼ି ସଂପ୍ରଦାୟ ମଧ୍ୟରେ ଉଭୟ କୋଟିପତି ଓ ନିର୍ଦ୍ଧନ ମଧ୍ୟ ରହିଛନ୍ତି । ଅନେକ ମଧ୍ୟ ଭୂମିହୀନ ଭାବେ କାଳାତିପାତ କରୁଛନ୍ତି । ସବୁଠୁ ମଜାଦାର ବିଷୟ ହେଲା ନବ୍ୟ ଧନିକ ଆଦିବାସୀମାନେ ନିଜକୁ ସଂଭ୍ରାନ୍ତ ବୋଲାଇ ଆଦିବାସୀ ବା ମୂଳ ଅଧିବାସୀଙ୍କ ଅଧିକାରର ସୁରକ୍ଷା ନାମରେ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବାବେଳେ ପ୍ରକୃତ ମୂଳ ଅଧିବସୀଙ୍କ ସ୍ୱାର୍ଥ ପ୍ରତି ଆଖିବୁଜି ଦେଉଛନ୍ତି । ସେମାନେ ଆଦିବାସୀ ହୋଇ ମଧ୍ୟ ନିଜ ଜାତି, ସଂପ୍ରଦାୟ ଓ ବର୍ଗର ଗରିବ, ଅସହାୟମାନଙ୍କୁ ଅବିଚାରିତ ଭାବେ ଶୋଷଣ କରୁଛନ୍ତି । ସଂପ୍ରଦାୟ ଓ ଗୋଷ୍ଠୀଗତ ଜମିକୁ ଘରୋଇକରଣ କରି ଏହି ସୁବିଧାବାସୀ ବର୍ଗ ଉଦ୍ୟାନ କୃଷି ଓ ବ୍ୟାବସାୟିକ ଭିତ୍ତିରେ ଚାଷବାସ କରିବା ଫଳରେ ରାଜପଥ ଓ ସହର ସନ୍ନିକଟ ଇଲାକାରେ ଜମିର ମୂଲ୍ୟ ବୃଦ୍ଧି ପାଉଛି । ତେବେ ଏସବୁ ସଂଭ୍ରାନ୍ତ ଆଦିବାସୀ ଗୋଷ୍ଠୀଙ୍କର ଶିଳ୍ପ ସ୍ଥାପନ ପାଇଁ ଆବଶ୍ୟକ ଦକ୍ଷତା ଓ କୌଶଳ ନଥିବାରୁ ସେମାନେ କୋଠାବାଡ଼ି ନିର୍ମାଣ (ରିୟଲ ଇଷ୍ଟେଟ) କାର୍ଯ୍ୟରେ ମୁଖ୍ୟତଃ ପାଣ୍ଠି ବିନିଯୋଗ କରୁଛନ୍ତି ।



Unfiled Notes Page 19

**ମହିଳାଙ୍କ ଉପରେ ପ୍ରତିକୂଳ ପ୍ରଭାବ :** ଘରୋଇକରଣ ଫଳରେ ମହିଳାଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ନାଗାମାନଙ୍କ ପାରମ୍ପରିକ ଆଇନ ଅନୁସାରେ ଏହି ସଂପ୍ରଦାୟର ମହିଳାମାନଙ୍କ ଜମି, ସମ୍ପତ୍ତିର ମାଲିକାନା ଓ ଉତ୍ତରାଧିକାର ବ୍ୟବସ୍ଥା ନାହିଁ । ଯଦି ସେମାନେ ଏହାର ବିରୋଧ କରି ସମ୍ପତ୍ତିଗତ ଅଧିକାର ଦାବି କରନ୍ତି, ତାହେଲେ ସେମାନଙ୍କୁ ଡାହାଣୀ ଆଖ୍ୟା ଦିଆଯାଏ । ସେମାନେ ସଂପ୍ରଦାୟ ଓ ସମାଜପ୍ରତି କ୍ଷତିକାରକ ବୋଲି ଅଭିଯୋଗ ଆରୋପ ହୁଏ । ଏଭଳି ମହିଳାଙ୍କୁ ମାନସିକ ଓ ଶାରୀରିକ ଭାବେ ଯାବତୀୟ ନିର୍ଯାତନା ଦିଆଯାଏ । ଏଭଳି କିଛି ମହିଳାଙ୍କୁ ଜୀବନ୍ତ ସମାଧି କିମ୍ବା ପୋଡ଼ି ମାରିଦେବାର ଉଦାହରଣ ମଧ୍ୟ ରହିଛି । ଆସାମର ଗୋଆଲପଡ଼ା, ବୋଙ୍ଗାଇଗାଁ, କୋକ୍ରାଝାଡ଼, ଜଲବାଡ଼ି ଓ ଧୁବ୍ରୀ ଜିଲାରେ ଏଭଳି କେତେକ ଘଟଣା ଘଟିଛି । ସମ୍ବଳ ଉପରେ ନିୟନ୍ତ୍ରଣ, ନିଜ ସଂପ୍ରଦାୟର କିଛି କ୍ଷମତାଶାଳୀ ଲୋକଙ୍କ ସହ ଶତ୍ରୁତା ଏବଂ ଅନ୍ଧବିଶ୍ୱାସ ଆଦି କାରଣରୁ ଡାହାଣୀ ବୋଲି କହି ମହିଳାମାନଙ୍କୁ ହତ୍ୟା କରାଯାଇଥାଏ ।

**ଜମିଜମା ରେକର୍ଡର ଅଭାବ :** ନାଗାଲାଣ୍ଡ, ଅରୁଣାଚଳପ୍ରଦେଶ, ମିଜୋରାମ, ମେଘାଳୟ, ମଣିପୁରର ପାର୍ବତ୍ୟାଞ୍ଚଳ ଏବଂ ଆସାମର କିଛି ଆଦିବାସୀ ବହୁଳ ଇଲାକାରେ ଭୂସମ୍ପତ୍ତିର ଲିଖିତ ନଥି ବା ରେକର୍ଡପତ୍ର ବ୍ୟବସ୍ଥା ଓ ଭୂରାଜସ୍ୱ ପ୍ରଦାନ ବ୍ୟବସ୍ଥା ନାହିଁ । ରେକର୍ଡର ଅଭାବରୁ ଭୂମି ଉପରେ ଲୋକଙ୍କର ଅଧିକାର ଆଇନଗତ ଭାବେ ସିଦ୍ଧ ହୋଇପାରେ ନାହିଁ । ପଳରେ ଅନେକ ଲୋକ ବିଭିନ୍ନ ସମୟରେ ଘଟଣାଚକ୍ରରେ ଭୂମିହୀନ ସାବ୍ୟସ୍ତ ହେବା ସହ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖୁବ୍ କମ୍ ଲୋକଙ୍କ ହାତରେ ଜମି ଠୁଳ ହୋଇ ରହେ । କିଛି ଚତୁର ଓ ଅଗ୍ରଣୀ ଲୋକ ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ



ସୁବିଧାସୁଯୋଗକୁ କୌଶଳରେ ହାତେଇ ନେଇ ଆରାମଦାୟକ ଜୀବନ କାଟୁଥିବାବେଳେ ଅଧିକାଂଶ ଅପାଠୁଆ ଓ ସାଧାରଣ ଲୋକ ଦାରିଦ୍ର୍ୟ ଓ କଷଣ ମଧ୍ୟରେ ଜୀବନ ବିତାନ୍ତି । ଏହା ଫଳରେ ସମାଜରେ ଆର୍ଥିକ ବୈଷମ୍ୟ ବ୍ୟାପକ ଆକାର ଧାରଣ କରୁଛି । ମୁଷ୍ଟିମେୟ ସ୍ୱଚ୍ଛଳ ଲୋକ ଜମି ଘରୋଇକରଣ ବ୍ୟବସ୍ଥାରେ ଲାଭାନ୍ୱିତ ହେଉଥିବାବେଳେ କୃଷି ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି । ଆର୍ଥିକ କାରଣରୁ ସଂପୃକ୍ତ ଅଞ୍ଚଳରେ ସାମାଜିକ ସଂହତି ବ୍ୟାହତ ହୋଇ ହିଂସାକାଣ୍ଡ ବାରମ୍ବାର ଘଟୁଛି ।

**ପାଣ୍ଠି ଖର୍ଚ୍ଚ :** ଉତ୍ତର-ପୂର୍ବାଞ୍ଚଳରେ ଥିବା ସ୍ୱୟଂଶାସିତ ବିକାଶ ପରିଷଦ ସମୂହର କେତେକ ବିଷୟରେ କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାର ରହିଛି । ତେବେ ଏଥିପାଇଁ ଆବଶ୍ୟକ ଯଥେଷ୍ଟ ପାଣ୍ଠି ଯୋଗାଣର ବ୍ୟବସ୍ଥା ନାହିଁ । ଫଳରେ ଯେଉଁସବୁ ବିଷୟରେ ପରିଷଦଗୁଡ଼ିକ ସ୍ୱଂୟଶାସନର କ୍ଷମତା ପାଇଛନ୍ତି ଆବଶ୍ୟକ ଅର୍ଥାଭାବ ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଏହା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି । ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅନୁଦାନ ଓ ସହାୟତା ଆକାରରେ ଅର୍ଥ ଯୋଗାଇ ଦେଉଛନ୍ତି । ମାତ୍ର ପରିଷଦ ସମୂହର ଆବଶ୍ୟକ ବ୍ୟୟ ଦକ୍ଷତା ନଥିବାରୁ ଏହି ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ । ଏ କ୍ଷେତ୍ରରେ ସଂପୃକ୍ତ ରାଜ୍ୟମାନଙ୍କ ପକ୍ଷରୁ ମଧ୍ୟ ସେଭଳି ଆଗ୍ରହ ପ୍ରକାଶ କରାଯାଉନି; ଫଳରେ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ ଖର୍ଚ୍ଚ ହେବାରେ ସମସ୍ୟା ସୃଷ୍ଟି ହେଉଛି । କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ନିଜନିଜର ବଜେଟର ଅତିକମ୍‌ରେ ୧୦ଶତାଂଶ ଅର୍ଥ ଉତ୍ତର-ପୂର୍ବାଞ୍ଚଳର ବିକାଶ ପାଇଁ ବରାଦ ହୋଇଥାଏ । ଏସବୁ ଅର୍ଥ ଖର୍ଚ୍ଚ ହୋଇ ନ'ପାରି ବ୍ୟୟ ହୋଇପାରିନଥିବା ପାଣ୍ଠିରେ ପଡ଼ି ରହେ । ଏହି ଅର୍ଥକୁ କିପରି ଖର୍ଚ୍ଚ କରାଯାଇପାରିବ ସେଥିପାଇଁ ସଂପୃକ୍ତ ରାଜ୍ୟ ସରକାରମାନେ କେନ୍ଦ୍ରକୁ ଉତ୍ତମ ପ୍ରସ୍ତାବ ଦିଅନ୍ତି ନାହିଁ କିମ୍ବା ଏହାକୁ ସଂପୃକ୍ତ ବର୍ଗଙ୍କ

କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଖର୍ଚ୍ଚ କରନ୍ତି ନାହିଁ ।

ସେହିଭଳି ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ ଭଳି ବିଭିନ୍ନ ଆନୁଷ୍ଠାନିକ ଓ ମୌଳିକ ପ୍ରସଙ୍ଗରେ ରାଜ୍ୟ ସରକାରଗୁଡ଼ିକର ବିଫଳତା ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବିଦେଶୀ ଅର୍ଥ ସହାୟତାରେ ପରିଚାଳିତ ବିଭିନ୍ନ ପ୍ରକଳ୍ପ ଉଧେଇ ନ'ପାରି ପଡ଼ିରହିଛି । ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରଦାନ ଓ ବିନିଯୋଗ ପତ୍ର ଦାଖଲ ନ ହେବା, ରାଜ୍ୟସ୍ତରୀୟ ମଞ୍ଜୁରି କମିଟିର ଅନୁମୋଦନ ନମିଳିବା ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ନହେବାର ମୁଖ୍ୟ କାରଣ । ଅନେକ ସମୟରେ ସଂପୃକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ କର୍ମଚାରୀ ନିଯୁକ୍ତ ହେଉନାହାନ୍ତି କିମ୍ବା ଆବଶ୍ୟକ ଉପକରଣ ଯୋଗାଣର ବ୍ୟବସ୍ଥା କରାଯାଉନାହିଁ । ଅନୁରୂପ କାରଣରୁ ମଣିପୁର ଓ ନାଗାଲାଣ୍ଡରେ 'ମନରେଗା' କାର୍ଯ୍ୟକ୍ରମ ଅତ୍ୟନ୍ତ ନୈରାଶ୍ୟଜନକଭାବେ ଚାଲିଛି ଓ ପାଣ୍ଠି ଯୋଗାଣରେ ଅସୁବିଧା ଦେଖାଦେଇଛି ।

**ଯୋଜନା ବିଭାଗର ସକ୍ରିୟତା ଲୋଡ଼ା** : ଯଦି ରାଜ୍ୟସରକାରମାନେ ନିଜ ନିଜର ଯୋଜନା ଓ ସମନ୍ୱୟ ବିଭାଗକୁ ଅଧିକ ମଜବୁତ ଓ ସକ୍ରିୟ କରନ୍ତେ ଏଭଳି ଅବସ୍ଥାର ଅବଶ୍ୟ ଅବସାନ ହୁଅନ୍ତା । ବାସ୍ତବତା ହେଉଛି ସଂପୃକ୍ତ ରାଜ୍ୟ ସମୂହର ଯୋଜନା ବିଭାଗ ଉତ୍ତମ ପ୍ରସ୍ତାବ ପ୍ରସ୍ତୁତ କରିବାରେ ବିଫଳ ହେଉଛି । ଉତ୍ତମ ଯୋଜନା ଓ ତାହାର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ନକ୍ସା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲେ ଉଭୟ ଭାରତ ସରକାର ଓ ବିଦେଶୀ ସଂସ୍ଥାମାନେ ପ୍ରଚୁର ଅର୍ଥ ଯୋଗାଇ ଦିଅନ୍ତେ । ତେଣୁ ବଡ଼କଥା ହେଉଛି ଆଦିବାସୀଙ୍କ ସର୍ବାଙ୍ଗୀଣ ବିକାଶକୁ ଆଖି ଆଗରେ ରଖି ଦୀର୍ଘ ମିଆଦି, ସ୍ୱଳ୍ପ ମିଆଦି ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରିବା ଅପରିହାର୍ଯ୍ୟ । ଏଥିପାଇଁ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗର ଗୁରୁ ଦାୟିତ୍ୱ ରହିଛି ।

**ଯୋଗାଯୋଗର ଉନ୍ନତି ସହ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ଉତ୍ସର ଉପଯୋଗ କରି ଏହି ଅଞ୍ଚଳର ଶକ୍ତି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ । ଏସବୁ ରାଜ୍ୟ ଓ ସ୍ୱୟଂଶାସିତ ପରିଷଦର ଟିକସ ସଂଗ୍ରହ ଓ ସମ୍ବଳ ଉତ୍ସଅତ୍ୟନ୍ତ ନଗଣ୍ୟ ହୋଇଥିବାରୁ ଏମାନେ ସର୍ବଦା କେନ୍ଦ୍ରୀୟ ଅନୁଦାନ ଉପରେ ନିର୍ଭରଶୀଳ । ସ୍ଥାନୀୟ ଜନଜାତିର ଆଗୁଆ ଓ ସମ୍ବଳବାନ୍ ଲୋକମାନେ ସେମାନଙ୍କ ପୁଞ୍ଜିକୁ ମୁଖ୍ୟତଃ ଜମି କିଣାରେ ବ୍ୟୟ କରନ୍ତି ଏବଂ ଅନ୍ୟାନ୍ୟ କୌଣସି ଅନିଶ୍ଚିତ ଯୋଜନାରେ ବ୍ୟୟ କରିବାରକୁ କୁଣ୍ଠାବୋଧ କରନ୍ତି ।**

**ଅନ୍ୟାନ୍ୟ ବ୍ୟବସ୍ଥାଗତ ପ୍ରସଙ୍ଗ** : ସିକିମ୍‌କୁ ଛାଡ଼ିଦେଲେ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ଓ ବିଶେଷ କରି ସେସବୁର ଜନଜାତି ଅଧୁସିତ ଇଲାକାର ମୁଣ୍ଡପିଛା ଆୟ ହାର ଅତ୍ୟନ୍ତ କମ୍ । ଏହି ଅଞ୍ଚଳରେ ଘରୋଇ ନିବେଶ, ପୁଞ୍ଜି ସୃଷ୍ଟି, ମୌଳିକ ଭିତ୍ତିଭୂମି ଓ ଯୋଗାଯୋଗ ଆଦିର ଯଥେଷ୍ଟ ଅଭାବ ରହିଛି । ଭୌଗୋଳିକ ପ୍ରତିବନ୍ଧକ ଯୋଗୁଁ ଗୋଟିଏ ଅଞ୍ଚଳ ଅନ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ ରହୁଛି । ଏହା ଯୋଗୁଁ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି ।

କେବଳ ସଡ଼କ, ରେଳ ଓ ଟେଲିଯୋଗାଯୋଗ ନୁହେଁ ବିଦ୍ୟୁତ୍ ଶକ୍ତି ଯୋଗାଣ କ୍ଷେତ୍ରରେ ମଧ୍ୟ ଏ ଅଞ୍ଚଳ ବହୁ ପଛରେ । ଯୋଗାଯୋଗର ଉନ୍ନତି ସହ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ଉତ୍ସର ଉପଯୋଗ କରି ଏହି ଅଞ୍ଚଳର ଶକ୍ତି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ । ଏସବୁ ରାଜ୍ୟ ଓ ସ୍ୱୟଂଶାସିତ ପରିଷଦର ଟିକସ ସଂଗ୍ରହ ଓ ସମ୍ବଳ ଉତ୍ସ ଅତ୍ୟନ୍ତ ନଗଣ୍ୟ ହୋଇଥିବାରୁ ଏମାନେ ସର୍ବଦା କେନ୍ଦ୍ରୀୟ ଅନୁଦାନ ଉପରେ ନିର୍ଭରଶୀଳ । ସ୍ଥାନୀୟ ଜନଜାତିର ଆଗୁଆ ଓ ସମ୍ବଳବାନ୍ ଲୋକମାନେ ସେମାନଙ୍କ ପୁଞ୍ଜିକୁ ମୁଖ୍ୟତଃ ଜମି କିଣାରେ ବ୍ୟୟ କରନ୍ତି ଏବଂ ଅନ୍ୟାନ୍ୟ କୌଣସି ଅନିର୍ଣ୍ଣିତ ଯୋଜନାରେ ବ୍ୟୟ କରିବାକୁ କୁଣ୍ଠାବୋଧ କରନ୍ତି ।

ଏ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ଅଧିକ ସହାୟତା ଓ ସହଯୋଗ ସହିତ ସଂପୃକ୍ତ ରାଜ୍ୟସରକାରମାନେ ଶାସନର ମାନ ବଢ଼ାଇ ସେବା ଯୋଗାଣର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ । ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂଖ୍ୟା ମାତ୍ରାଧିକ ଥିବାବେଳେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଅଣଯୋଜନା ଖର୍ଚ୍ଚ ଅତି ଅଧିକ । ଏହା ସହିତ ଆଭ୍ୟନ୍ତରୀଣ ରାଜସ୍ୱ ସଂଗ୍ରହ ଅତି କମ୍ । ଏହି କାରଣରୁ ଉଦାରବାଦୀ କେନ୍ଦ୍ରୀୟ ଅନୁଦାନ ସତ୍ତ୍ୱେ ସଂପୃକ୍ତ ରାଜ୍ୟ ସରକାରଗୁଡ଼ିକ ଯୋଜନା ବାବଦ ବ୍ୟୟ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ପାରନ୍ତି ନାହିଁ । ୨୦୧୪-୧୫ରେ ଆସାମର ମୁଣ୍ଡପିଛା ଯୋଜନା ବ୍ୟୟ ବରାଦ ୫୬୭୫ ଟଙ୍କା ଥିବାବେଳେ ଏକାଭଳି ଗରିବ ଜନସଂଖ୍ୟା ବିଶିଷ୍ଟ ଛତିଶଗଡ଼ର ମୁଣ୍ଡପିଛା ଯୋଜନା ବ୍ୟୟ ବରାଦ ଥିଲା ୧୨୮୦୭ ଟଙ୍କା ।

ଏସବୁ ରାଜ୍ୟସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଫଳାଫଳକୁ ଭଲଭାବେ ଅନୁଧ୍ୟାନ କରି ସେସବୁର ବିଫଳତା, ସଫଳତା ପାଇଁ ସରକାରୀ କର୍ମଚାରୀଙ୍କୁ ଦାୟୀ କରିବା ଉଚିତ । ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ସରକାରୀ କର୍ମଚାରୀମାନେ ମନଗଢ଼ା ରିପୋର୍ଟ ଦିଅନ୍ତି ଯାହା ବାସ୍ତବତାଠାରୁ ଭିନ୍ନ । ଏଥିପ୍ରତି ନଜର ରଖିବାକୁ ପଡ଼ିବ । ଉତ୍ତର-ପୂର୍ବାଞ୍ଚଳରେ ଅତିଶୟ ଅପପୁଷ୍ଟି ଭୋଗୁଥିବା ଶିଶୁଙ୍କ ସଂଖ୍ୟା ଏକ ଶତାଂଶରୁ କମ୍ ବୋଲି ରାଜ୍ୟ ସରକାରଙ୍କ ରିପୋର୍ଟ କହୁଛି । ତେବେ ୟୁନିସେଫ୍‌ର ସର୍ଭେ ରିପୋର୍ଟ ଅନୁସାରେ ଏହା ଯଥେଷ୍ଟ ଅଧିକ । ମଣିପୁରରେ ଏହା ୩୦.୫ ଶତାଂଶ ହୋଇଥିବାବେଳେ ମେଘାଳୟ ଓ ତ୍ରିପୁରାରେ ଏହା ୧୬ ଶତାଂଶ । ଏଥିରୁ ସରକାରୀ କର୍ମଚାରୀଙ୍କ ନିଷ୍ଠା ଓ ସତ୍ୟାନୁରାଗର ସୂଚନା ମିଳେ । ସର୍ଭେ ତଥ୍ୟର ସତ୍ୟତା ଓ ବିଶ୍ୱସନୀୟତା ଆଧାରରେ ପ୍ରତିକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଏ । ଏହା ବସ୍ତୁନିଷ୍ଠ ଓ ବିଶ୍ୱସନୀୟ ନ'ହେଲେ ସବୁ ବିଭ୍ରାଟ ହୋଇଯିବ । ଆଗାମୀ ଦଶବର୍ଷ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳର ଜନଜାତି ଇଲାକା ଏବଂ ଦେଶର ଅବଶିଷ୍ଟ ଭାଗ ମଧ୍ୟରେ ଅଭିବୃଦ୍ଧି ହାରରେ ଯେଉଁ ଅନ୍ତର ରହିଛି ତାହାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ସେଥିପାଇଁ ସରକାରୀ ସେବା ଯୋଗାଣ ଓ ଶାସନ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି କରାଯିବା ଆବଶ୍ୟକ । ଏହା ବ୍ୟତୀତ ସଂପୃକ୍ତ ଅଞ୍ଚଳକୁ ଆର୍ଥିକ ସହାୟତା ଓ ସମ୍ବଳ ଯୋଗାଣକୁ ମଧ୍ୟ ଯଥେଷ୍ଟ ବଢ଼ାଇବାକୁ ହେବ । ଅଧିକ ଅର୍ଥ ବା ସମ୍ବଳଠାରୁ ମିଳୁଥିବା ପାଣ୍ଠିକୁ ଠିକଣା ଭାବେ ଉଦ୍ଦିଷ୍ଟ ବର୍ଗଙ୍କ ନିମନ୍ତେ ବ୍ୟୟ କରିବା ସବୁଠୁ ବଡ଼ ସମସ୍ୟା ହୋଇଛି । ଏଥିପାଇଁ ପ୍ରଶାସନ, ବିନିଯୋଗକାରୀ ସଂସ୍ଥା, ପ୍ରତିଷ୍ଠାନ ଓ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କ ଦକ୍ଷତା ବୃଦ୍ଧି ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଅର୍ଥ ଠିକଣାଭାବେ ନିରନ୍ତର ବିନିଯୋଗ ହେଲେ ସେମାନଙ୍କର କଲ୍ୟାଣ ଅବଶ୍ୟ ସାଧିତ ହୋଇପାରିବ । ଏଥିରେ ନାଗରିକ ସମାଜ, ସଂପୃକ୍ତ ବର୍ଗଙ୍କ ସହଭାଗୀତା ଯଥେଷ୍ଟ ମହତ୍ୱ ରଖେ । ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା ଓ ପ୍ରଶାସନକୁ ସୁସଂହତ ଓ ମଜବୁତ୍ କଲେ ଏହା ସମ୍ଭବ ହୋଇପାରିବ । ●






**ଲେଖକ ଯୋଜନା ଆୟୋଗ, ସଂଖ୍ୟାଲଘୁ ଆୟୋଗ ଏବଂ ଗ୍ରାମିଣ ବିକାଶ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରିଛନ୍ତି ।**




Unfiled Notes Page 22

# ମେଘାଳୟରେ ସ୍ୱୟଂଶାସିତ ଜିଲ୍ଲା ପରିଷଦ

ଡ. ଚିନ୍ତାମଣି ରାଉତ

ଦେଶ ସ୍ୱାଧୀନତା ହାସଲ କଲାପରେ, ଉତର ପୂର୍ବାଂଚଳ ଜନଜାତିଙ୍କ ସ୍ୱାର୍ଥରକ୍ଷା ପ୍ରତି ସମ୍ବିଧାନ ପ୍ରଣେତାମାନେ ଧ୍ୟାନ ଦେଲେ । ଜମି ଓ ଜଙ୍ଗଲ ଉପରେ ଆଦିବାସୀଙ୍କ ସ୍ୱାର୍ଥ ସାଧନପାଇଁ ସେମାନେ କରିଥିବା ପ୍ରଚେଷ୍ଟାରୁ ଜନ୍ମ ନେଲା ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ । ଏହି ଅନୁଚ୍ଛେଦ ଅଧୀନରେ ଉତର-ପୂର୍ବାଂଚଳରେ ସ୍ୱୟଂଶାସିତ ଜିଲ୍ଲା ପରିଷଦ ଗଠନ କରିବାର ବ୍ୟବସ୍ଥା କରାଗଲା । ଏହି ବ୍ୟବସ୍ଥା ଅନୁଯାୟୀ, ଖାସି ହିଲସ ସ୍ୱୟଂ ଶାସିତ ଜିଲ୍ଲା ପରିଷଦ ଓ ଜୟନ୍ତିଆ ହିଲ୍‌ସ ସ୍ୱୟଂଶାସିତ ଜିଲ୍ଲା ପରିଷଦ ଅସ୍ତିତ୍ୱକୁ ଆସିଲା । ଖାସି ପରିଷଦ ଅଧିନରେ ପୂର୍ବ ଖାସିହିଲ୍‌ସ ଓ ପଶ୍ଚିମ ଖାସିହିଲ୍ସ ଏବଂ ରି ଭୋଇ ଜିଲ୍ଲାଗୁଡ଼ିକ ଥିବାବେଳେ ଗାରୋ ପରିଷଦ ଅଧୀନରେ ମେଘାଳୟର ଗାରୋ ଅଞ୍ଚଳକୁ ରଖାଗଲା ।

୧୯୭୦ ମସିହା ଅପ୍ରେଲ୍ ୨ ତାରିଖରେ ସଂଯୁକ୍ତ ଖାସି-ଜୟନ୍ତିଆ ପାର୍ବତ୍ୟ ଜିଲ୍ଲା ଏବଂ ଗାରୋ ପାର୍ବତ୍ୟ ଜିଲ୍ଲାକୁ ନେଇ ମେଘାଳୟ ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ଆତ୍ମ ପ୍ରକାଶ କଲା । ତେବେ ଏହାକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ମିଳିଲା ଜାନୁଆରୀ ୨୧ ତାରିଖ, ୧୯୭୨ ମସିହାରେ । ସ୍ଥାନୀୟ ସ୍ୱାୟତ୍ତ ଶାସନ ହେଉଛି ଗଣତନ୍ତ୍ରର ଆଧାର । ଖାସି ଜନଜାତିଙ୍କ ନିଜସ୍ୱ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ପରମ୍ପରା ରହିଛି ଯାହା ସେମାନଙ୍କ ସମାଜରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଛି । ଏହାକୁ ପାରମ୍ପାରିକ ସ୍ୱୟଂ ଶାସନ ଅନୁଷ୍ଠାନ ବୋଲି ମଧ୍ୟ କୁହାଯାଇପାରିବ । ଏହିଭଳି ଅନୁଷ୍ଠାନଗୁଡ଼ିକ ଏବେ ମଧ୍ୟ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଖାସି ହିଲ୍‌ସ୍‌ର ଏଭଳି ସ୍ୱାୟତ୍ତ ଶାସନ ସମ୍ପର୍କିତ ଚିନ୍ତାଧାରା ଶହ ଶହ ବର୍ଷ ପୁରୁଣା । ଏହା ମାଧ୍ୟମରେ ମୁକ୍ତ ଚିନ୍ତାଧାରା ଏବଂ ସାଧାରଣ ସହମତି ଆଧାରରେ ସେମାନେ ନିଜ ସାମାଜିକ ବ୍ୟବସ୍ଥାର ସଞ୍ଚାଳନ କରି ଆସିଛନ୍ତି ଯୁଗଯୁଗ ଧରି ।

ଦେଶ ସ୍ୱାଧୀନତା ହାସଲ କଲାପରେ, ଉତ୍ତର ପୂର୍ବାଂଚଳ ଜନଜାତିଙ୍କ ସ୍ୱାର୍ଥରକ୍ଷା ପ୍ରତି ସମ୍ବିଧାନ ପ୍ରଣେତାମାନେ ଧ୍ୟାନ ଦେଲେ । ଜମି ଓ ଜଙ୍ଗଲ ଉପରେ ଆଦିବାସୀଙ୍କ ସ୍ୱାର୍ଥ ସାଧନପାଇଁ ସେମାନେ କରିଥିବା ପ୍ରଚେଷ୍ଟାରୁ ଜନ୍ମ ନେଲା ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ । ଏହି ଅନୁଚ୍ଛେଦ ଅଧୀନରେ ଉତ୍ତର-ପୂର୍ବାଂଚଳରେ ସ୍ୱୟଂଶାସିତ ଜିଲ୍ଲା ପରିଷଦ ଗଠନ କରିବାର ବ୍ୟବସ୍ଥା କରାଗଲା । ଏହି ବ୍ୟବସ୍ଥା ଅନୁଯାୟୀ, ଖାସି ହିଲ୍‌ସ ସ୍ୱୟଂ ଶାସିତ ଜିଲ୍ଲା ପରିଷଦ ଓ ଜୟନ୍ତିଆ ହିଲ୍‌ସ ସ୍ୱୟଂଶାସିତ ଜିଲ୍ଲା ପରିଷଦ ଅସ୍ତିତ୍ୱକୁ ଆସିଲା । ଖାସି ପରିଷଦ ଅଧିନରେ ପୂର୍ବ ଖାସିହିଲ୍‌ସ ଓ ପଶ୍ଚିମ ଖାସିହିଲ୍ସ ଏବଂ ରି ଭୋଇ ଜିଲ୍ଲାଗୁଡ଼ିକ ଥିବାବେଳେ ଗାରୋ ପରିଷଦ ଅଧୀନରେ ମେଘାଳୟର ଗାରୋ ଅଞ୍ଚଳକୁ ରଖାଗଲା ।

ଷଷ୍ଠ ଅନୁଚ୍ଛେଦ (ଧାରା ୨୪୪ ଓ ୨୭୫)ର ପ୍ରଥମ ପାରା ଅନୁଯାୟୀ ନୂତନ ସ୍ୱୟଂଶାସିତ ଜିଲ୍ଲା ନିର୍ମାଣ କରିବା କିମ୍ବା ଏଭଳି ଜିଲ୍ଲାଗୁଡ଼ିକର ପରିସୀମା ସାନବଡ଼ କରିବା ଏବଂ ସେଗୁଡ଼ିକର ନାମକରଣ କରିବା ଆଦି କାର୍ଯ୍ୟର ଅଧିକାର ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ ରହିଛି । ପ୍ରତ୍ୟେକ ସ୍ୱୟଂ ଶାସିତ ଜିଲ୍ଲା ପରିଷଦରେ ସର୍ବାଧିକ ୩୦ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଅଛି, ଯେଉଁମାନଙ୍କ ମଧ୍ୟରୁ ରାଜ୍ୟପାଳଙ୍କଦ୍ୱାରା ମନୋନୀତ ସର୍ବାଧିକ ଚାରିଜଣଙ୍କୁ ବାଦ୍ ଦେଲେ, ବାକି ସମସ୍ତ ସଦସ୍ୟ ନିର୍ବାଚିତ ହୋଇଥା'ନ୍ତି । ସେହିଭଳି ପ୍ରତ୍ୟେକ ଅଂଚଳପାଇଁ ମଧ୍ୟ ଗୋଟିଏ ଲେଖାଏଁ ପରିଷଦ ଗଢ଼ିବାର ବ୍ୟବସ୍ଥା ଅଛି । ଏହି ଉଭୟ ପରିଷଦର ରୂପରେଖ ଗଠନ, ପରିଚାଳନାଗତ ନୀତିନିୟମ ପ୍ରଣୟନ, ସଦସ୍ୟ ସଂଖ୍ୟା ନିର୍ଦ୍ଧାରଣ ଆଦି କାର୍ଯ୍ୟ ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ କରାଯାଇଛି । ତେବେ ଏଥିପୂର୍ବରୁ ରାଜ୍ୟପାଳ, ଆସିବାସୀ ପରିଷଦ ଏବଂ ବିଭିନ୍ନ ଜନଜାତି ପ୍ରତିନିଧିଙ୍କ ସହ ବିଚାରବିମର୍ଷ କରିବେ । ଏହି ପରିଷଦର

କାର୍ଯ୍ୟକାଳ ୫ ବର୍ଷ ହୋଇଥିବାବେଳେ ପରିଷଦ ଭଙ୍ଗ ହେବା ପର୍ଯ୍ୟନ୍ତ ସଦସ୍ୟମାନେ କାର୍ଯ୍ୟ କରିବେ । ତେବେ ମନୋନୀତ ସଦସ୍ୟମାନଙ୍କ କାର୍ଯ୍ୟକାଳ ରାଜ୍ୟପାଳଙ୍କ ଇଚ୍ଛା ଉପରେ ନିର୍ଭର କରେ ।

ଉଭୟ ଆଂଚଳିକ ଓ ଜିଲ୍ଲା ପରିଷଦଗୁଡ଼ିକର ନିର୍ଦ୍ଦିଷ୍ଟ କ୍ଷମତା ରହିଛି । ସଂରକ୍ଷିତ ଜଙ୍ଗଲ ଜମି ବ୍ୟତିରେକ, ଅନ୍ୟସବୁ ସମ୍ପଦ ବିନିଯୋଗ, ଝୁମ୍ ଚାଷ ପଦ୍ଧତି ନିୟନ୍ତ୍ରଣ, ଗ୍ରାମ୍ୟ ବା ସହର କମିଟି ଗଠନ ସମ୍ପର୍କୀତ ନିଷ୍ପତ୍ତି ନେବାର ଅଧିକାର ଏହି ପରିଷଦ ଉପରେ ନ୍ୟସ୍ତ କରାଯାଇଛି । ଏପରିକି ଗ୍ରାମ୍ୟ ବା ଟାଉନ୍ ପ୍ରଶାସନିକ କମିଟି ଅଧ୍ୟକ୍ଷ ନିଯୁକ୍ତିଠୁ ଆରମ୍ଭ କରି ସମ୍ପତ୍ତି ଉତ୍ତରାଧିକାର, ବିବାହ ଛାଡ଼ପତ୍ର ଏବଂ ଅନ୍ୟାନ୍ୟ ସାମାଜିକ ପରମ୍ପରାକୁ ନେଇ ମଧ୍ୟ ଏଭଳି ପରିଷଦଗୁଡ଼ିକୁ ନୀତି ପ୍ରଣୟନ ପାଇଁ ସାମ୍ବିଧାନିକ କ୍ଷମତା ପ୍ରଦାନ କରାଯାଇଛି । ଏତଦ୍ ବ୍ୟତୀତ ଏହି ପରିଷଦଗୁଡ଼ିକ ନିଜ ଅଞ୍ଚଳଗୁଡ଼ିକ ପାଇଁ ଗ୍ରାମ୍ୟ ପରିଷଦ ବା ଜନଜାତିମାନଙ୍କ ବିଭିନ୍ନ ବିବାଦର ଫଇସଲାପାଇଁ ନିମ୍ନ ଅଦାଲତ ଗଠନ ଏବଂ ଏହାର ଅଧ୍ୟକ୍ଷ ଓ ସଦସ୍ୟନିଯୁକ୍ତି ଭଳି କାର୍ଯ୍ୟ ତୁଲେଇଥା'ନ୍ତି । ଷଷ୍ଠ ଅନୁଛେଦ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ ବିଷୟ ସମ୍ପର୍କିତ ମାମଲା ଉପରେ ରାଜ୍ୟପାଳଙ୍କ ଆଦେଶ ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ବିଚାର କରନ୍ତି ।

ସେହିଭଳି ପ୍ରାଥମିକ ନ୍ୟାୟାଳୟ, ଡାକ୍ତରଖାନା, ବଜାର, ଡଙ୍ଗା ଚାଳାଚଳ, ସଡ଼କ ପରିବହନ, ଜଳପଥ ପରିବହନ, କୃଷି, ପଶୁପାଳନ, ଗୋଷ୍ଠୀଗତ ପ୍ରକଳ୍ପ, ସମବାୟ ସଂସ୍ଥା, ସମାଜ ମଙ୍ଗଳ, ଗ୍ରାମ୍ୟ ଯୋଜନା ଆଦି ବିଷୟଗୁଡ଼ିକରେ ସମ୍ପୃକ୍ତ ସ୍ୱୟଂଶାସିତ ପରିଷଦ ନିତୀନିର୍ଦ୍ଧାରଣ କରିପାରିବେ ।

ପ୍ରତ୍ୟେକ ସ୍ୱୟଂ ଶାସିତ ଜିଲ୍ଲା ବା ଅଞ୍ଚଳ ପରିଷଦ, ନିଜସ୍ୱ ପାଣ୍ଠି ଗଠନ କରିବା ସହିତ ଏ ସମ୍ପର୍କିତ ସମସ୍ତ ନିତୀ ନିର୍ଦ୍ଧାରଣ କରିବେ । ଏହି ପାଣ୍ଠିର ସ୍ୱରୂପ ନିର୍ଦ୍ଧାରିତ ହୋଇଥାଏ ରାଷ୍ଟ୍ରପତିଙ୍କ ଅନୁମୋଦନ ପ୍ରାପ୍ତ ଭାରତୀୟ ମହାଲେଖାକାରଙ୍କ ବ୍ୟବସ୍ଥା ଅନୁଯାୟୀ । ଏହି ପାଣ୍ଠି ଅଡିଟ୍ କରିବାର ଦାୟିତ୍ୱ ମଧ୍ୟ ଭାରତୀୟ ମହାଲେଖାକାରଙ୍କର । ତାଙ୍କ ଦ୍ୱାରା ପ୍ରଦତ୍ତ ଅଡିଟ୍ ରିପୋର୍ଟ, ରାଜ୍ୟପାଳ, ପରିଷଦରେ ଉପସ୍ଥାପିତ କରିବାପାଇଁ ଉତ୍ତରଦାୟୀ ରୁହନ୍ତି ।

ସ୍ଥାନୀୟ ଅଂଚଳର ସର୍ବାଙ୍ଗୀନ ଉନ୍ନତି ସାଧନପାଇଁ ଏହି ଜିଲ୍ଲାପରିଷଦଗୁଡ଼ିକ ସଶକ୍ତ ମାଧ୍ୟମ ଭାବେ କାର୍ଯ୍ୟ କରିଥା'ନ୍ତି । ମେଘାଳୟର ଏଭଳି ପରିଷଦଗୁଡ଼ିକ ସନ୍ତୋଷଜନକ ଭାବେ ନିଜ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି । ତେବେ, ଶିକ୍ଷିତ ଏବଂ ଦକ୍ଷ ବ୍ୟକ୍ତି ଏଭଳି ପରିଷଦର ସଦସ୍ୟଭାବେ ନିର୍ବାଚିତ ହେବା ଉଚିତ । ଯେଉଁମାନେ ସ୍ଥାନୀୟ ଜନଜାତିଙ୍କ ଉନ୍ନତି କଳ୍ପେ କାର୍ଯ୍ୟ କରିବାକୁ ଆଗ୍ରହୀ, ସେହିଭଳି ପରିଷଦର ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଏହାର ବିଭିନ୍ନ କାର୍ଯ୍ୟରେ ଜନଭାଗିଦାରୀ ମଧ୍ୟ ସୁନିଶ୍ଚିତ କରାଯିବା ଉଚିତ । ପରିଶେଷରେ ଆଦିବାସୀମାନଙ୍କ କଲ୍ୟାଣପାଇଁ ଉଦ୍ଦିଷ୍ଟ ଏହି ସ୍ୱୟଂଶାସିତ ପରିଷଦଗୁଡ଼ିକର କାର୍ଯ୍ୟଦକ୍ଷତାର ସମୀକ୍ଷା ହେବା ଉଚିତ । ଯଦ୍ୱାରା ଏଗୁଡ଼ିକର ଗଠନ ପଛରେ ଥିବା ମହତ୍ ଉଦ୍ଦେଶ୍ୟ ସାଧିତ ହେବ । ●

**ଉଭୟ ଆଂଚଳିକ ଓ ଜିଲ୍ଲା ପରିଷଦଗୁଡ଼ିକର ନିର୍ଦ୍ଦିଷ୍ଟ କ୍ଷମତା ରହିଛି । ସଂରକ୍ଷିତ ଜଙ୍ଗଲ ଜମି ବ୍ୟତିରେକ, ଅନ୍ୟସବୁ ସମ୍ପଦ ବିନିଯୋଗ, ଝୁମ୍ ଚାଷ ପଦ୍ଧତି ନିୟନ୍ତ୍ରଣ, ଗ୍ରାମ୍ୟ ବା ସହର କମିଟି ଗଠନ ସମ୍ପର୍କୀତ ନିଷ୍ପତ୍ତି ନେବାର ଅଧିକାର ଏହି ପରିଷଦ ଉପରେ ନ୍ୟସ୍ତ କରାଯାଇଛି । ଏପରିକି ଗ୍ରାମ୍ୟ ବା ଟାଉନ୍ ପ୍ରଶାସନିକ କମିଟି ଅଧ୍ୟକ୍ଷ ନିଯୁକ୍ତିଠୁ ଆରମ୍ଭ କରି ସମ୍ପତ୍ତି ଉତ୍ତରାଧିକାର, ବିବାହ ଛାଡ଼ପତ୍ର ଏବଂ ଅନ୍ୟାନ୍ୟ ସାମାଜିକ ପରମ୍ପରାକୁ ନେଇ ମଧ୍ୟ ଏଭଳି ପରିଷଦଗୁଡ଼ିକୁ ନୀତି ପ୍ରଣୟନ ପାଇଁ ସାମ୍ବିଧାନିକ କ୍ଷମତା ପ୍ରଦାନ କରାଯାଇଛି ।**

**ଲେଖକ ସିଲଂସ୍ଥିତ ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟି ଅଧୀନ ଆଇନ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ।**

# ଉତ୍ତର-ପୂର୍ବାଞ୍ଚଳ : ବିଶ୍ୱ ପର୍ଯ୍ୟଟନ ପାଇଁ ଏକ ଅନାବିଷ୍କୃତ ସ୍ୱର୍ଗ

ସୌରଭ କୁମାର ଦିକ୍ଷୀତ୍

ଦେଶର ଉତ୍ତର-ପୂର୍ବାଞ୍ଚଳ ପ୍ରକୃତିର ଆର୍ଶିବାଦ ଲାଭ କରିଛି। ଏହା ସମଗ୍ର ବିଶ୍ୱର ଗୋଟିଏ ଉନ୍ନତ ଜୈବମଣ୍ଡଳ ର ମଧ୍ୟଭାଗରେ ଅବସ୍ଥିତ ରହିଛି। ଉତ୍ତର ପୂର୍ବାଞ୍ଚଳ ରେ ଜୈବ ବିବିଧତା ସହିତ ନାନା ପ୍ରକାରର ପଶୁପକ୍ଷୀ ଓ ବୃକ୍ଷଲତା ର ସମ୍ଭାର ଯୋଗୁଁ ଏଠାରେ ପର୍ଯ୍ୟଟନର ସମ୍ଭାବନା ଖୁବ୍ ଅଧିକ । ଏହି ଅଞ୍ଚଳ ଆଉ ମଧ ବିଭିନ୍ନ ଆର୍ଥିକ ସମ୍ବଳରେ ଭରପୁର । ପର୍ଯ୍ୟଟନ ଦୃଷ୍ଟିରୁ ଏହି ଅଞ୍ଚଳର ସାଂସ୍କୃତିକ ଏବଂ ସଂପ୍ରାଦାୟିକ ବିବିଧତା ଅନ୍ୟ ଏକ ଆକର୍ଷଣ । ଏଠାରେ ଥିବା ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟ ପ୍ରତି ବିଶ୍ୱର ବିଭିନ୍ନ ପ୍ରାନ୍ତରର ପର୍ଯ୍ୟଟକ ଆକୃଷ୍ଟ ହୋଇଥାନ୍ତି । ଏତଦ୍ ବ୍ୟତୀତ ଚା ଚାଷ ଓ ଗ୍ରାମ୍ୟ ଜୀବନ ଆଦି ମଧ ପର୍ଯ୍ୟଟନ ପାଇଁ ବେଶ୍ ଖୋରାକ ଯୋଗାଇଥାନ୍ତି ।

ବିଭିନ୍ନ ଜାତି ଜନଜାତି ଏବଂ ଭାଷା ଭିତ୍ତିରେ ଏହି ଅଞ୍ଚଳକୁ ଆଠଟି ରାଜ୍ୟରେ ବିଭକ୍ତ କରାଯାଇଛି । ସେ ଗୁଡିକ ହେଉଛି ଆସାମ, ଅରୁଣାଚଳ ପ୍ରଦେଶ,ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଏବଂ ସିକିମ୍ । ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଉତ୍ତର ପୂର୍ବାଞ୍ଚଳ ବିଭିନ୍ନ ଦୃଷ୍ଟିରୁ ଭିନ୍ନ । ଏହା ଏପରି ଏକ ଅଞ୍ଚଳ ଯେଉଁଠି ୧୦୦ରୁ ଉର୍ଦ୍ଧ୍ୱ ଭାଷା ଓ ଉପଭାଷା ଭାଷୀ ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତି । କେବଳ ଅରୁଣାଚଳ ପ୍ରଦେଶରେ ୫୦ରୁ ଉର୍ଦ୍ଧ୍ୱ ଭାଷା ଉପଭାଷାର ପ୍ରଚଳନ ରହିଛି । ଏଠିକାର ଆଦିବାସୀଙ୍କ ସାମଞ୍ଜସ୍ୟ ରହିଛି ବର୍ମା ଥାଇଲାଣ୍ଡ ଏବଂ ନାଗାଲାଣ୍ଡରେ ରହୁଥିବା ଆଦିବାସୀ ଙ୍କ ସହିତ । ସର୍ବୋପରି ଏହାର

**ବିଭିନ୍ନ ଜାତି ଜନଜାତି ଏବଂ ଭାଷା ଭିତ୍ତିରେ ଏହି ଅଞ୍ଚଳକୁ ଆଠଟି ରାଜ୍ୟରେ ବିଭକ୍ତ କରାଯାଇଛି । ସେ ଗୁଡିକ ହେଉଛି ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଏବଂ ସିକିମ୍ । ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଉତ୍ତର ପୂର୍ବାଞ୍ଚଳ ବିଭିନ୍ନ ଦୃଷ୍ଟିରୁ ଭିନ୍ନ । ଏହା ଏପରି ଏକ ଅଞ୍ଚଳ ଯେଉଁଠି ୧୦୦ରୁ ଉର୍ଦ୍ଧ୍ୱ ଭାଷା ଓ ଉପଭାଷା ଭାଷୀ ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତି । କେବଳ ଅରୁଣାଚଳ ପ୍ରଦେଶରେ ୫୦ରୁ ଉର୍ଦ୍ଧ୍ୱ ଭାଷା ଉପଭାଷାର ପ୍ରଚଳନ ରହିଛି।**



ଦେଶର ଉତ୍ତର ପୂର୍ବାଂଚଳ ସ୍ଥାନୀୟ ବାସିନ୍ଦାଙ୍କ ପାରମ୍ପରିକ ବେଷ ପୋଷାକ

ଭୌଗଳିକ ଅବସ୍ଥିତି, ଜୀବଜନ୍ତୁ ଓ ବୃକ୍ଷରାଜୀର ବିବିଧତା ଦୁର୍ଲଭ ଲତା ଗୁଳ୍ମ ଓ ପ୍ରଜାପତି, ଆକର୍ଷଣୀୟ ବୌଦ୍ଧମଠ, ନଦନଦୀର ସମ୍ଭାର, ଜୀବନଚର୍ଯ୍ୟା ଓ ପରମ୍ପରାର ସମୃଦ୍ଧ ଅତୀତ, ପର୍ବପର୍ବାଣୀ ଓ ସ୍ଥାନୀୟ କଳା ଆଦି ଯୋଗୁଁ ଏହି ଅଞ୍ଚଳ ପର୍ଯ୍ୟଟନ ଦୃଷ୍ଟିରୁ ଏକ ବିଶେଷ ଆକର୍ଷଣ ଭାବେ ନିଜକୁ ପ୍ରତିପାଦିତ କରିଥାଏ ।

ପୂର୍ବାଞ୍ଚଳକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ରେ ବୃଦ୍ଧି ଘଟିଛି । ଏପରିକି ୨୦୧୨ ମସିହା ତୁଳନାରେ ୨୦୧୩ ମସିହାରେ ଏମାନଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି । ୨୦୧୧ ତୁଳନାରେ ଉତ୍ତର ପୂର୍ବାଞ୍ଚଳକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୦୧୨ରେ ୧୨.୫ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ୨୦୧୩ରେ ୨୭.୯ ପ୍ରତିଶତ ବୃଦ୍ଧି ଘଟିଛି । ୨୦୧୧ରେ ଏଭଳି ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୫୮୯୨୦ ଥିବାବେଳେ ୨୦୧୨ରେ ଏହା ବୃଦ୍ଧି ପାଇ ୬୬,୩୦୨ରେ ପହଞ୍ଚିଥିଲା । ସେହିଭଳି ୨୦୧୪ ମସିହାରେ ଏମାନଙ୍କ ସଂଖ୍ୟା ୧୧୮୫୫୨ ଥିବାବେଳେ ୨୦୧୩ରେ ଥିଲା ୮୪୮୨୦ । ୨୦୧୧ରେ ଆସାମକୁ ୧୬,୪୦୦ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ୨୦୧୨ରେ ୧୭, ୫୯୩ ଏବଂ ୨୦୧୩ରେ ୧୭,୬୩୮ ଜଣ ଆସିଥିଲେ । ସେହିଭଳି ସିକ୍କିମ୍ କୁ ୨୦୧୨ରେ ୨୬,୪୮୯ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ୨୦୧୩ରେ ୩୧,୬୯୮ ଜଣ ଆସିଥିଲେ ।

ଏହି ଅଞ୍ଚଳର ଭୌଗଳିକ ଅବସ୍ଥିତି ପ୍ରାକୃତିକ ସମ୍ବଳ ଏବଂ ସର୍ବୋପରି ଏହି ଅଞ୍ଚଳ ପ୍ରତି ଅଧିକ ଧ୍ୟାନ ଦିଆଯିବା ଯୋଗୁଁ ଏହା ଦେଶର ନୂତନ ବିକାଶର ଇଂଜିନ୍ ଭାବେ ଉଭା ହୋଇଛି । ଦେଶର ''ଆକ୍ଟ୍ ଇଷ୍ଟ ପଲିସି'' କ୍ଷେତ୍ରରେ ଏହି ଅଞ୍ଚଳକୁ ପୂର୍ବ ଭାରତର ପ୍ରବେଶପଥ ଭାବେ ବିବେଚିତ କରାଯାଉଛି। ଏଠିକାର ଅନେକ ପ୍ରାକୃତିକ ସମ୍ବଳ ଏ ପର୍ଯ୍ୟନ୍ତ ସେଇମିତି ପଡିରହିଛି । ସୀମାପାର ବାଣିଜ୍ୟିକ ଲାଭ ପାଇବା ସକାଶେ ପଡୋଶୀ ଦେଶ ଗୁଡିକ ସହିତ ଏହି ଅଞ୍ଚଳର ସହଯୋଗ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ଏହି ଅଞ୍ଚଳର ଉତ୍ତର ଦିଗରେ ଚିନ୍ ରହିଥିବାବେଳେ ପୂର୍ବରେ ମ୍ୟାନମାର୍, ଦକ୍ଷିଣ-ପଶ୍ଚିମରେ ବାଙ୍ଗଲାଦେଶ ଏବଂ ଉତ୍ତର ପଶ୍ଚିମରେ ଭୁଟାନ ରହିଛି । ଯଦିଓ ଦେଶର ଅନ୍ୟ ଅଞ୍ଚଳ ସହିତ ଉତ୍ତର-ପୂର୍ବାଞ୍ଚଳର ଗମନାଗମନ କ୍ଷେତ୍ରରେ ସେଭଳି ପର୍ଯ୍ୟାପ୍ତ ସୁବିଧା ନାହିଁ ତଥାପି ଏହି ଅଞ୍ଚଳର ୪୫୦୦ କିମି ଦୀର୍ଘ ଆନ୍ତର୍ଜାତୀୟ ସୀମା ମାଧ୍ୟମରେ ଏହାର ବିକାଶ ସମ୍ଭବପର । ଏହି ପରିପ୍ରେକ୍ଷୀରେ ଉତ୍ତର ପୂର୍ବାଞ୍ଚଳର ପର୍ଯ୍ୟଟନ ସମ୍ଭାବନା ଉପରେ ହିଁ ଏହି ଆଲେଖ୍ୟ ପର୍ଯ୍ୟବେସିତ । କାରଣ ଦେଶର ସାମଗ୍ରିକ ଅର୍ଥନିତୀ ପ୍ରତି ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ଏକ ବିଷେଶ ଯୋଗଦାନ ସୁନିଶ୍ଚିତ କରାଯାଇପାରିବ । ତେବେ ଏହି ଅଞ୍ଚଳର ପର୍ଯ୍ୟଟନ ସମ୍ଭାବନାର ବିଶ୍ଳେଷଣ ପାଇଁ ତତ୍ ସଂଲଗ୍ନ ବିଭିନ୍ନ କ୍ଷେତ୍ର ଉପରେ ଆଲୋକପାତ କରିବା ବାଂଛନୀୟ ।



ଚେରାପୁଞ୍ଜି ସିଲଂଗ୍‌ର ସୌନ୍ଦର୍ଯ୍ୟ

**ସୁନ୍ଦର ହିଲ୍ ଷ୍ଟେସନ**-ଦେଶର କେତେକ ପ୍ରମୁଖ ହିଲ୍-ଷ୍ଟେସନ, ଉତ୍ତର ପୂର୍ବାଞ୍ଚଳରେ ରହିଛି । ଦେଶୀୟ ସଂସ୍କୃତି ଏବଂ ଖାଦ୍ୟ ଯୋଗୁଁ ଏ ଗୁଡିକର ପୁଣି ଏକ ସ୍ୱାତନ୍ତ୍ର୍ୟ ରହିଛି। ଉତ୍ତର ପୂର୍ବାଞ୍ଚଳରେ ଗାଙ୍ଗଟକ୍ ହେଉଛି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ । ବୌଦ୍ଧମଠ ପରିପୂର୍ଣ୍ଣ ଏହି ସହର ହେଉଛି ସିକ୍କିମ୍‌ର ସର୍ବବୃହତ୍ ସହର ଏବଂ ରାଜଧାନୀ । ଏହା ମଧ୍ୟ ପୂର୍ବ ସିକ୍କିମ୍ ଜିଲ୍ଲାର ମୁଖ୍ୟାଳୟ । ସେହିଭଳି ୨୦ ଏପ୍ରିଲ୍ ୧୯୭୪ ମସିହାରୁ ଇଟାନଗର ଅରୁଣାଚଳ ପ୍ରଦେଶର ରାଜଧାନୀ ଭାବେ କାର୍ଯ୍ୟ କରିଆସୁଛି । ହିମାଳୟ ପାଦଦେଶରେ ଅବସ୍ଥାପିତ ଏହି ସହର ମଧ୍ୟ ପ୍ରାକୃତିକ ଏବଂ ପବିତ୍ର ପରିବେଷ ଦୃଷ୍ଟିରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

ଅରୁଣାଚଳ ପ୍ରଦେଶରେ ପ୍ରାୟ ୧୦ ହଜାର ଫୁଟ ଉଚ୍ଚରେ ଅବସ୍ଥିତ ତୱାଂଗ । ୨୦୮୫ ବର୍ଗ କି.ମି ବ୍ୟାପ୍ତ ଏହି ସହରର ଉତ୍ତର ପୂର୍ବାଞ୍ଚଳରେ ତିବ୍ବତ୍, ଦକ୍ଷିଣ ପଶ୍ଚିମରେ ଭୁଟାନ ରହିଛି । ସେହିଭଳି ପୃଥିବୀର ସର୍ବାପେକ୍ଷା ଓଦା ସ୍ଥାନ ମସିନ୍‌ରାମ ଠାରୁ ମାତ୍ର ୫୫କି.ମି ଦୂରରେ ରହିଛି ମେଘାଳୟ ରାଜଧାନୀ ସିଲଂଗ । ସ୍କଟ୍‌ଲାଣ୍ଡର ଉଚ୍ଚ ଭୂମି ସହିତ ସାମଞ୍ଜସ୍ୟ ଥିବାରୁ ସିଲଂଗକୁ ''ପୂର୍ବର ସ୍କଟ୍ ଲ୍ୟାଣ୍ଡ'' ବୋଲି ମଧ୍ୟ



**ଗ୍ରାମୀଣଙ୍କ ଦ୍ୱାରା ଉତ୍ପାଦିତ ସ୍ୱଦେଶୀ କିସମର ଶସ୍ୟ ସାଂସ୍କୃତିକ ଆକର୍ଷଣ**

କୁହାଯାଏ । ଏଠିକାର ବିଶେଷ ପର୍ଯ୍ୟଟନ - ଆକର୍ଷଣ କେନ୍ଦ୍ରଗୁଡ଼ିକ ହେଉଛି ଡନ୍ ବସ୍କୋ ସଂଗ୍ରହାଳୟ, ବଟରଫ୍ଲାଏ ସଂଗ୍ରହାଳୟ, ବୋଟାନିକାଲ ଗାର୍ଡେନ୍, ସିଂଲଗ୍ ଶିଖର ଏବଂ ୱାର୍ଡସ୍ ହ୍ରଦ ।

ଜୀବଜନ୍ତୁ - ବୃକ୍ଷରାଜି :- ଉତ୍ତର-ପୂର୍ବାଞ୍ଚଳ ହେଉଛି, ଭାରତୀୟ, ଭାରତୀୟ-ମଳୟ ଏବଂ ଭାରତୀୟ-ଚିନ୍ ଜୈବ ଭୌଗଳିକ ଅଞ୍ଚଳର ମଧ୍ୟସ୍ଥଳ । ଏହା ପୁଣିହେଉଛି ଦେଶର ଜୀବ ଓ ବୃକ୍ଷଜଗତର ପ୍ରବେଶଦ୍ୱାର । ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଅଞ୍ଚଳରେ ବହୁ ପ୍ରକାରର ବିରଳ ପ୍ରାଣୀ ମଧ୍ୟ ଦେଖାଯାନ୍ତି ଯେଉଁମାନେ ବର୍ତ୍ତମାନ ଅବଲୁପ୍ତ ହେବା ଆରମ୍ଭ କଲେଣି । ଏଠାରେ ଦେଖାଯାଉଥିବା ଜଙ୍ଗଲ ହେଉଛି କ୍ରାନ୍ତିମଣ୍ଡଳୀୟ ଓ ବର୍ଷାଜନୀତ । ଏଠିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଶାନ୍ତିମୟ ପରିବେଶ ଏବଂ ବିବିଧ ଜୀବଜନ୍ତୁ ଓ ବୃକ୍ଷଲତା ଯୋଗୁଁ ଏ ଅଞ୍ଚଳରେ ପରିବେଶ ପର୍ଯ୍ୟଟନର ସମ୍ଭାବନା ଖୁବ୍ ବେଶୀ । ଏହି ଅଞ୍ଚଳରେ ୧୩ଟି ବୃହତ୍ ଜାତୀୟ ଉଦ୍ୟାନ ଓ ୩୦ଟି ଅଭୟାରଣ୍ୟ ରହିଛି । ଏ ଅଞ୍ଚଳର ସିକ୍କିମ୍ ସ୍ଥିତ କାଞ୍ଚନଜଙ୍ଘା ସଂରକ୍ଷିତ ଜୈବମଣ୍ଡଳ, ଅରୁଣାଚଳ ପ୍ରଦେଶର ନାମଧପା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗା ଓ ମାନସ୍ ଜାତୀୟ ଉଦ୍ୟାନ୍, ମଣିପୁରର କେଇବୁଲ୍ ଲମ୍‌ଜାଓ ଜାତୀୟ ଉଦ୍ୟାନ ଓ ମୁରଲେନ୍ ଜାତୀୟ ଉଦ୍ୟାନ, ନାଗାଲାଣ୍ଡର ଟାଙ୍କି ଜାତୀୟ ଉଦ୍ୟାନ, ଓ ମେଘାଳୟର ନୋକ୍‌ରେକ୍ ଜାତୀୟ ଉଦ୍ୟାନ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବର୍ତ୍ତମାନର ସେଠିକାର ରାଜ୍ୟ ସରକାର ଗୁଡ଼ିକ ତରଫରୁ ଚାଷୀମାନଙ୍କ ମଧ୍ୟରେ ଜୈବକୃଷି ଓ ଜୈବକୃଷି ଉତ୍ପାଦ ପ୍ରତି ଆଗ୍ରହ ସୃଷ୍ଟି କରାଯାଉଛି । ଏହାଦ୍ୱାରା ମଧ୍ୟ ସଂପୃକ୍ତ ଅଞ୍ଚଳରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳୁଛି ।

ସାଂସ୍କୃତିକ ଆକର୍ଷଣ : ଦେଶର ଉତ୍ତର-ପୂର୍ବାଞ୍ଚଳ ହେଉଛି ଏକ ଅନାବିଷ୍କୃତ ସ୍ୱର୍ଗ । ଏଠିକାର କଳା ଓ ସଂସ୍କୃତି ଆଦିର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ଏଠାକାର ସଂସ୍କୃତି ହେଉଛି ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସ୍‌ଲିମ୍ ଓ ବୌଦ୍ଧ ଧର୍ମ ଆଦିର ଏକ ମିଶ୍ରିତ ସଂସ୍କୃତି । ତେବେ, ଏଠାରେ ବୌଦ୍ଧ ଧର୍ମ ସମ୍ପର୍କିତ ସଂସ୍କୃତିର ଅଧିକ ପ୍ରଭାବ ରହିଛି । ଏଠିକାର ଜନଜାତିମାନଙ୍କ ନିଜସ୍ୱ ସ୍ୱତନ୍ତ୍ର ଜୀବନଧାରଣଶୈଳୀ ସମେତ ଖାଦ୍ୟ, ବସ୍ତ୍ର, କଳା, ସଂସ୍କୃତି ଓ ପର୍ବପର୍ବାଣୀ, ନୃତ୍ୟଗୀତ ଦୃଷ୍ଟିଗୋଚର ହୋଇଥାଏ । ପର୍ବପର୍ବାଣୀ ଗୁଡ଼ିକ ମଧ୍ୟରେ ରହିଛି ବିହୁ, ଆସାମର ବ୍ରହ୍ମପୁତ୍ର ଯାତ୍ରା, ନାଗାଲାଣ୍ଡର ହନ୍ଦବିଲ୍ ଓ ସେକ୍‌ରେନା ଯାତ୍ରା, ଅରୁଣାଚଳ ପ୍ରଦେଶର ଟୋର୍‌ଗ୍ୟା ବୌଦ୍ଧ ମେଳା, ମେଘାଳୟର ମୋନୋଲିଥ୍ ଓ ବେହଦିଏନ୍‌ଖ୍ଲାମ୍, ମଣିପୁରର ଚାପଚରକୁଟ ଓ ନିଙ୍ଗୋଲ୍ ଚାକୁବା ଯାତ୍ରା ଏବଂ ତ୍ରିପୁରାର କାର୍ଚ୍ଚି ପୂଜା ।

ସଂଗୀତ ଓ ନୃତ୍ୟ ପର୍ବ ମଧ୍ୟରେ ରହିଛି ହର୍ନବିଲ୍ ଜାତୀୟ ରକ୍ ପ୍ରତିଯୋଗିତା । ଏଭଳି କାର୍ଯ୍ୟକ୍ରମ ସମଗ୍ର ଅଞ୍ଚଳରେ ଆୟୋଜିତ ହୋଇଥାଏ । ଏଠିକାର ଜନଜାତିମାନେ ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ରଗୁଡ଼ିକ ହେଉଛି ଟମକ ଡ୍ରମ୍, ବଂଶୀ, ଖାମ୍, ଲମ୍ୱାଂଗ୍, ଯାହା ବାଉଁଶରେ ତିଆରି । ଏ ଅଞ୍ଚଳର ଅନ୍ୟ ଆକର୍ଷଣ ଗୁଡ଼ିକ ହେଉଛି, ସିଲଂଗସ୍ଥିତ ଡନ୍ ବସ୍କୋ ସ୍ୱଦେଶୀ ସଂସ୍କୃତି କେନ୍ଦ୍ର, ଗୌହାଟୀସ୍ଥିତ କାମାକ୍ଷା ମନ୍ଦିର, ଦକ୍ଷିଣ ତ୍ରିପୁରା ଜିଲ୍ଲାସ୍ଥିତ ତ୍ରିପୁରା ସୁନ୍ଦରୀ ମନ୍ଦିର, ସିକ୍କିମ୍‌ର ବୌଦ୍ଧମଠ, ଇମ୍ଫାଲ୍‌ର ଭଗବାନ କୃଷ୍ଣ ମନ୍ଦିର ଓ କୋହିମାର କାଥୋଲିକ୍ କାଥେଡ୍ରାଲ୍ ।

ଖାଦ୍ୟପେୟ :- ଉତ୍ତର-ପୂର୍ବାଞ୍ଚଳର ଖାଦ୍ୟ ଓ ପାନୀୟ, ସେହି ଅଞ୍ଚଳର ସଂସ୍କୃତିକୁ ପ୍ରତିଫଳିତ କରିଥାଏ । ଏଠିକାର ଖାଦ୍ୟ ଓ ପାନୀୟ ସ୍ୱତନ୍ତ୍ର । ତେଲ ଓ ମସଲାଯୁକ୍ତ ନହୋଇ ମଧ୍ୟ ଏଠିକାର ଖାଦ୍ୟ ବେଶ୍ ରୁଚିକର । ସୁଗନ୍ଧିଯୁକ୍ତ ଲତାଗୁଳ୍ମ ମିଶ୍ରିତ ଖାଦ୍ୟ ଅନ୍ୟଏକ ଆକର୍ଷଣ । ବିଭିନ୍ନ ଜନଜାତିଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ବେଶ୍ ସରଳ । ପ୍ରକାରଭେଦରେ ରହିଛି ଆସାମୀୟ, ମଣିପୁରୀ, ତ୍ରିପୁରୀ, ନାଗା, ଅରୁଣାଚଳି, ସିକ୍କିମ୍, ମିଜୋ ଓ ମେଘାଳୟର ଖାଦ୍ୟ । ଏଠିକାର ମୁଖ୍ୟ ଖାଦ୍ୟ ହେଉଛି ଭାତ, ଶୁଖିଲା ମାଛ, ମସଲାଯୁକ୍ତ ମାଂସ,

ସ୍ଥାନୀୟ ଲତାଗୁଳ୍ମ ଏବଂ ବହୁ ପନିପରିବା । ଆମିଷ ମଧ୍ୟରେ ରହିଛି କୁକୁଡ଼ା ଓ ଛେଳି ମାଂସ, ବତକ, ପାରା, ଓ କୁକୁର ମାଂସ । ସାଙ୍ଗକୁ ରହିଛି ଚାଉଳ ପ୍ରସ୍ତୁତ ବିୟର୍ । ଏ ଅଞ୍ଚଳର ମୁଖ୍ୟ ଖାଦ୍ୟ ହେଉଛି ଜାଏଡ଼ା, ମୋମୋ, କିପ୍ପୁ, ଆଖୋଲ ଘୋର, ବାଇ, ସଟେଆର୍, ଖୁକପା ଟୁଂଗ୍-ରିମ୍ବାଇ ଏବଂ ବାଉଁଶଚେର ଆଚାର ।

ବିଶ୍ୱସ୍ତରରେ ଉତ୍ତର-ପୂର୍ବାଞ୍ଚଳର ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ସକାଶେ ଭାରତ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି । ଏ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୨୦୧୪-୧୫ ମସିହାରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଦୁଇଟି କାର୍ଯ୍ୟକ୍ରମ, ଆରମ୍ଭ କରିଛନ୍ତି । ନିର୍ଦ୍ଦିଷ୍ଟ ବିଷୟକୁ ନେଇ ସମନ୍ୱିତ ସର୍କିଟ୍‌ର ବିକାଶ କାର୍ଯ୍ୟକ୍ରମ ସ୍ୱଦେଶ ଦର୍ଶନ ଓ ତୀର୍ଥଯାତ୍ରା ସମ୍ପର୍କିତ କାର୍ଯ୍ୟକ୍ରମ 'ପ୍ରସାଦ' । ସ୍ୱଦେଶ ଦର୍ଶନ କାର୍ଯ୍ୟକ୍ରମ ଅଧୀନରେ ରହିଛି ଉପକୂଳ ସର୍କିଟ୍, ବୌଦ୍ଧ ସର୍କିଟ୍, ଉତ୍ତର-ପୂର୍ବାଞ୍ଚଳ ଭାରତ ସର୍କିଟ୍, ହିମାଳୟ ସର୍କିଟ୍ ଏବଂ କ୍ରିଷ୍ଣା ସର୍କିଟ୍ । ଏତଦ୍‌ବ୍ୟତୀତ ମରୁଭୂମି ସର୍କିଟ୍, ଆଧ୍ୟାତ୍ମିକ ସର୍କିଟ୍, ରାମାୟଣ ସର୍କିଟ୍, ଆଦିବାସୀ ସର୍କିଟ୍, ପରିବେଶ ସର୍କିଟ୍, ବନ୍ୟଜନ୍ତୁ ସର୍କିଟ୍ ଓ ଗ୍ରାମୀଣ ସର୍କିଟ୍ ଭଳି ସର୍କିଟ୍ ଗୁଡ଼ିକୁ ଚିହ୍ନଟ କରାଯାଇଛି । ସେହିଭଳି 'ପ୍ରସାଦ' ଯୋଜନା ଅଧୀନରେ ୧୨ଟି ସହରକୁ ଚିହ୍ନଟ କରାଯାଇଛି । ଏଗୁଡ଼ିକ ମଧ୍ୟରେ ଆସାମର କାମାକ୍ଷା ଅନ୍ୟତମ ।




ଭୁଟାନ୍‌ର ସାଂସ୍କୃତିକ ଝଲକ ସମ୍ବଳିତ ସିଂଲଗ୍‌ସ୍ଥିତ ଡନ୍ ବସ୍କୋ ସ୍ୱଦେଶୀ ସଂସ୍କୃତି କେନ୍ଦ୍ର

କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନ ଯୋଜନା ବ୍ୟୟର ୧୦ ପ୍ରତିଶତ କେବଳ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଆରକ୍ଷିତ ରହିଛି । ଏଭଳି ଖର୍ଚ୍ଚର ଗତ ତିନିବର୍ଷର ବିବରଣୀ ନିମ୍ନରେ ପ୍ରଦତ୍ତ କରାଯାଇଛି ।

| ବର୍ଷ | ୨୦୧୨-୧୩ | ୨୦୧୩-୧୪ | ୨୦୧୪-୧୫ |
|---|---|---|---|
| ଯୋଜନା ବ୍ୟୟ | ୧୦୫୦ | ୯୫୦ | ୯୮୦ |
| ଉତର ପୂର୍ବାଂଚଳ ପାଇଁ ନିର୍ଦ୍ଧାରିତ ୧୦ ପ୍ରତିଶତ | ୧୦୫ | ୯୫ | ୯୮ |
| ଅନୁମୋଦିତ ପରିମାଣ | ୧୯୫.୯୩ | ୧୧୩.୭୨ | ୧୪୯.୧୬ |
| ପ୍ରତିଶତ | ୧୩.୮୯ | ୧୧.୯୭ | ୧୫.୨୨ |

ଅସ୍ଥାୟୀ ହିସାବ

ଉତ୍ସ : ଭାରତ ସରକାରଙ୍କ ପତ୍ର ସୂଚନା ବିଭାଗ ।

ତେଣୁ ଉତ୍ତର-ପୂର୍ବାଞ୍ଚଳର ପର୍ଯ୍ୟଟନ ବିକାଶ କେବଳ ଯେ ସଂପୃକ୍ତ ଅଞ୍ଚଳର ଅର୍ଥନୀତି ପାଇଁ ଉପାଦେୟ ସେକଥା ନୁହଁ, ବରଂ ସମଗ୍ର ଦେଶ ପାଇଁ ଏହା ସଫଳତାର ଏକ ମନ୍ତ୍ର । ସ୍ୱୟଂ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ଅଞ୍ଚଳ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି । ତେବେ, ଆବଶ୍ୟକ ଭିତ୍ତିଭୂମିର ଅଭାବ, ଉପଯୁକ୍ତ ବିପଣନ ସୁବିଧାର ଅଭାବ, ଗମନାଗମନ ଅସୁବିଧା, କୌଶଳଯୁକ୍ତ ଶ୍ରମଶକ୍ତିର ଅଭାବ ଏବଂ ଏ ଅଞ୍ଚଳର ସାମଗ୍ରୀକ ପର୍ଯ୍ୟଟନ ବିକାଶ ପାଇଁ ନିତୀର ଅଭାବ ଭଳି କାରଣ ଯୋଗୁଁ, ଏ ଅଞ୍ଚଳରେ ଥିବା ପର୍ଯ୍ୟଟନ ସମ୍ଭାବନାର ସମ୍ପୂର୍ଣ୍ଣ ବିକାଶ ହୋଇପାରିନାହିଁ । ●

**ସିଲଂଗସ୍ଥିତ ଉତ୍ତର-ପୂର୍ବାଞ୍ଚଳ ପାର୍ବତ୍ୟ ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଓ ହୋଟେଲ ପ୍ରବନ୍ଧନ ବିଭାଗରେ ସହ-ପ୍ରାଧ୍ୟାପକ ଭାବେ ଲେଖକ କାର୍ଯ୍ୟରତ ।**

# ଉତ୍ତର-ପୂର୍ବାଂଚଳରେ ଜୈବ ବିବିଧତା

ଡ. ଅରୁପ କୁମାର ମିଶ୍ର

**ଜୈ**ବ ବିବିଧତାର ସମ୍ଭାରକୁ ନେଇ ବିଶେଷଜ୍ଞମାନେ ସମଗ୍ର ବିଶ୍ୱକୁ ବିଭିନ୍ନ ଜୈବ ମଣ୍ଡଳରେ ବିଭକ୍ତ କରିଥାନ୍ତି । ଏଥି ଅନୁଯାୟୀ, ଏମିତି ୧୨ଟି ବୃହତ୍ ଜୈବ ବିବିଧତା ପରିପୂର୍ଣ୍ଣ ଦେଶ ରହିଛି, ଯେଉଁଠି ସର୍ବାପେକ୍ଷା ଅଧିକ ପ୍ରକାରର ଜୀବଜନ୍ତୁ ଓ ବୃକ୍ଷରାଜି ଦେଖାଯାଆନ୍ତି । ବ୍ରାଜିଲ, କଲମ୍ବିଆ, ଚୀନ୍, ମେକ୍ସିକୋ, ଦକ୍ଷିଣ ଆଫ୍ରିକା, ରୁଷିୟ ରାଷ୍ଟ୍ର ସମୂହ, ଇଣ୍ଡୋନେସିଆ, ଭେନିଜୁଏଲା, ଯୁକ୍ତରାଷ୍ଟ୍ର ଆମେରିକା, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆ ସମେତ ଭାରତ ମଧ୍ୟ ଏହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ । କହିବା ବାହୁଲ୍ୟ, ଭାରତରେ କେବଳ ଭୌଗୋଳିକ ଏବଂ ଜଳବାୟୁ ସମ୍ପର୍କିତ ଏତେ ପ୍ରକାରର ବିବିଧତା ରହିଛି ଯେ, ବିଶ୍ୱ ଜୈବ ବିବିଧତା କ୍ଷେତ୍ରରେ ଭାରତ ଏକ ବୃହତ୍ ଅନୁସନ୍ଧାନ ଓ ଅନୁଶୀଳନର ବିଷୟବସ୍ତୁ ହେବାର ଯଥେଷ୍ଟ ଯୋଗ୍ୟତା ରଖେ । ଭାରତୀୟ ଉପମହାଦେଶରେ ବରଫାବୃତ ହିମାଳୟଠାରୁ ଆରମ୍ଭ କରି ସାମୁଦ୍ରିକ ସ୍ତରରେ ସମତଳ ଭୂମି, ଦ୍ୱୀପାଂଚଳଠୁ ଆରମ୍ଭ କରି କ୍ରାନ୍ତିମଣ୍ଡଳୀୟ ବର୍ଷାଜନିତ ଜଙ୍ଗଲ, ଉତ୍ତପ୍ତ ମରୁଭୂମି ଓ ଉର୍ବର ସମତଳ ଅଂଚଳରେ ଏଭଳି ବିବିଧତା ଦୃଷ୍ଟିଗୋଚର ହୁଏ ।

ତେବେ, ଜୈବ ବିବିଧତା କ୍ଷେତ୍ରରେ ଦେଶର ଉତ୍ତର-ପୂର୍ବାଂଚଳର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ସିକିମ୍‌କୁ ନେଇ ଗଠିତ ଏହି ଅଂଚଳ ବାସ୍ତବରେ ବିଶ୍ୱର ତିନୋଟି ପ୍ରମୁଖ ଜୈବ-ଭୌଗୋଳିକ ମଣ୍ଡଳର ମିଳନସ୍ଥଳ । ସେଗୁଡ଼ିକ ହେଉଛି ଇଣ୍ଡୋ-ମଳୟାନ୍, ଇଣ୍ଡୋ-ଚାଇନିଜ୍ ଓ ଭାରତୀୟ ମଣ୍ଡଳ । ଏଠାରେ ଦେଖାଯାଉଥିବା ଜଳବାୟୁର ବିବିଧତା ସହିତ ଭୌଗୋଳିକ ଭିନ୍ନତା ଯୋଗୁଁ ନାନା ପ୍ରକାର ଓ ପ୍ରଜାତିର ଜୀବଜନ୍ତୁ ଓ ବୃକ୍ଷଲତା ଦୃଷ୍ଟିଗୋଚର ହୁଅନ୍ତି । ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଏହାକୁ ସ୍ୱୀକାର କରାଯାଇଛି । ଉତ୍ତର-ପୂର୍ବାଂଚଳର ପ୍ରାୟ ୭୦ ପ୍ରତିଶତ ହେଉଛି ପାର୍ବତ୍ୟାଂଚଳ ଏବଂ ଅବଶିଷ୍ଟ ୩୦ ଭାଗ ରହିଛି ବ୍ରହ୍ମପୁତ୍ର ଓ ବାରାକ୍ ଉପତ୍ୟକା ଅଂଚଳରେ । ଏହି ଅଞ୍ଚଳରେ ଆଶ୍ଚର୍ଯ୍ୟଜନକ ଜୈବ ବିବିଧତା ରହିଛି । ଏହି ଅଞ୍ଚଳର କେବଳ ମେରୁଦଣ୍ଡୀ ପ୍ରାଣୀମାନଙ୍କ ବିଭିନ୍ନ ପ୍ରଜାତିର ଏକ ଉଦାହରଣ ପ୍ରଦତ୍ତ ହୋଇଛି ।

**ବ୍ରହ୍ମପୁତ୍ର ଉପତ୍ୟକାର ଜୈବ ବିବିଧତା:**

ବ୍ରହ୍ମପୁତ୍ର ଉପତ୍ୟକା, ପ୍ରାଚ୍ୟ ଓ ଏସୀୟ ବନ୍ୟପ୍ରାଣୀ-ଭୌଗୋଳିକ ଅଂଚଳର ମଧ୍ୟଭାଗରେ ଅବସ୍ଥିତ । କ୍ରାନ୍ତିମଣ୍ଡଳୀୟ ଜଙ୍ଗଲ, ଘାସପଡ଼ିଆ, ବାଉଁଶ ବଣ ଏବଂ ଅସଂଖ୍ୟ ଆର୍ଦ୍ରଭୂମି ରହିଛି ଏହି ଅଂଚଳରେ । ଭୌଗୋଳିକ ଦୃଷ୍ଟିକୋଣରୁ ବିଶ୍ୱର ବୃହତ୍ ନଦୀଗୁଡ଼ିକ ମଧ୍ୟରେ କନିଷ୍ଠତମ ବ୍ରହ୍ମପୁତ୍ର ନଦୀ ହିମାଳୟରୁ ବାହାରି ତିବ୍ବତ୍ ଦେଇ ୨୮୮୦ କି.ମି. ଦୀର୍ଘ ଯାତ୍ରା ପରେ ବାଂଲାଦେଶଠାରେ ସମୁଦ୍ରରେ ମିଶିଯାଇଛି । ଏହାର ପ୍ରସ୍ଥ ବିଭିନ୍ନ ସ୍ଥାନ ନେଇ ଭିନ୍ନ ଭିନ୍ନ । ଆସାମର ଡିବ୍ରୁଗଡ଼ ନିକଟରେ ଏହାର ଚଉଡ଼ା

**ଜୈବ ବିବିଧତା କ୍ଷେତ୍ରରେ ଦେଶର ଉତ୍ତର-ପୂର୍ବାଂଚଳର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଓ ସିକିମ୍‌କୁ ନେଇ ଗଠିତ ଏହି ଅଂଚଳ ବାସ୍ତବରେ ବିଶ୍ୱର ତିନୋଟି ପ୍ରମୁଖ ଜୈବ-ଭୌଗୋଳିକ ମଣ୍ଡଳର ମିଳନସ୍ଥଳ । ସେଗୁଡ଼ିକ ହେଉଛି ଇଣ୍ଡୋ-ମଳୟାନ୍, ଇଣ୍ଡୋ-ଚାଇନିଜ୍ ଓ ଭାରତୀୟ ମଣ୍ଡଳ । ଏଠାରେ ଦେଖାଯାଉଥିବା ଜଳବାୟୁର ବିବିଧତା ସହିତ ଭୌଗୋଳିକ ଭିନ୍ନତା ଯୋଗୁଁ ନାନା ପ୍ରକାର ଓ ପ୍ରଜାତିର ଜୀବଜନ୍ତୁ ଓ ବୃକ୍ଷଲତା ଦୃଷ୍ଟିଗୋଚର ହୁଅନ୍ତି ।**

୧୬ କି.ମି. ହୋଇଥିବାବେଳେ ନିମ୍ନ ଆସାମର ଗୌହାଟୀ ପାଖରେ ଏହାର ପ୍ରସ୍ତ ମାତ୍ର ୧.୨ କି.ମି. । ବ୍ରହ୍ମପୁତ୍ର ନଦୀର ଅନ୍ୟ କେତେକ ବିଶେଷତ୍ୱ ମଧ୍ୟ ରହିଛି । ବିଶାଳ ହିମଖଣ୍ଡଦ୍ୱାରା ପରିପୁଷ୍ଟ ଏହି ନଦୀରେ ବିଶ୍ୱର ଅନ୍ୟ ନଦୀ ତୁଳନାରେ ପଟୁମାଟି ଜମା ହେବାର ପରିମାଣ ହେଉଛି ୮୫୨୦୪ t/ km2/y, ଯାହା ସର୍ବାଧିକ । ସେହିପରି ଆମାଜନ ନଦୀ ପରେ, ଡେଲ୍‌ଟା ବା ତ୍ରିକୋଣ ଭୂମି ଅଂଚଳରେ ଏହି ନଦୀ ସର୍ବାଧିକ ଜଳଯୋଗାଣ କରିଥାଏ ।

ଏଗୁଡ଼ିକ ମଧ୍ୟରୁ ପ୍ରଥମ ଦୁଇଟି ୟୁନେସ୍କୋ ବିଶ୍ୱ ଐତିହ୍ୟ ଭାବେ ସ୍ୱୀକୃତ । ଏତଦ୍‌ବ୍ୟତୀତ, ପବିତୋରା, ଗରମପାନି, ଗିବ୍, ବୁରାସାଏପ୍ରିକ, ଚକ୍ରଶୀଳା, ସୋନାଇ-ରୂପାଇ, ବୋର୍ନୋଡ଼ି, ଲାଓଖୋୱା, ବଡ଼ଦିହିଂରା, ସାନଦିହିଂରା ଆଦି ଅଭୟାରଣ୍ୟଗୁଡ଼ିକରେ ମଧ୍ୟ ବହୁ ବିରଳ ଓ ବିଦେଶୀ ପକ୍ଷୀ ଓ ପ୍ରାଣୀ ଦେଖାଯାଆନ୍ତି । କାଜିରଂଗାରେ ବିରଳ ଗୋଟିଏ ଶିଂଘ ଥିଲାବାଲା ଗଣ୍ଡାର, ମହାବଳ ବାଘ, ବିଭିନ୍ନ ପ୍ରଜାତିର ହରିଣ, ଜଙ୍ଗଲି ପୋଢ଼, କିଙ୍ଗ୍‌ଫିସର ଏବଂ ଅନ୍ୟାନ୍ୟ ବହୁ ପ୍ରକାରର ପକ୍ଷୀ ଥିବାବେଳେ ମାନସଠାରେ ଗୋଲ୍‌ଡେନ୍ ଲାଙ୍ଗୁର, ପିଗ୍‌ମି ହଗ୍, ହୁଲ୍‌କ ଗିବନ୍, ପ୍ଲୋଂରିକାନ, ପ୍ୟାରଟ୍ ବିଲ୍‌ସ, ଇବିସ୍, ଏଗ୍ରେଟ୍‌ସ୍, ହେରନ୍, କବେର୍ମୋରାଣ୍ଟ୍ ଏବଂ ମାଛମରା ଇଗଲ ଆଦି ବହୁ ପ୍ରଜାତିର ପକ୍ଷୀ ଦୃଷ୍ଟିଗୋଚର ହୁଅନ୍ତି । ଭାରତ ଓ ଭୁଟାନ୍ ମଧ୍ୟରେ ଥିବା ମାନସ ନଦୀରେ ଗାଙ୍ଗୀୟ ଡଲ୍‌ଫିନ୍ ଦେଖାଯାନ୍ତି । ବିଶ୍ୱର ଶେଷ ଧବଳ ପକ୍ଷଧାରୀ 'ଉଡ଼୍‌ଡକ୍' ଦଳ ନାମେରିଠାରେ ଦୃଷ୍ଟିଗୋଚର ହେଉଥିବାରୁ ଏହା ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତିଲାଭ କରିଛି । ସେହିଭଳି ଏହି ଉପତ୍ୟକାର ପ୍ରାୟ ପ୍ରତ୍ୟେକ ସଂରକ୍ଷିତ ଅଂଚଳରେ ବିଭିନ୍ନ ପ୍ରକାରର ପ୍ରାକୃତିକ

| ରାଜ୍ୟ | ସ୍ତନ୍ୟପାୟୀ ପ୍ରାଣୀ | ପକ୍ଷୀ | ସରୀସୃପ | ଉଭୟଚର | ମାଛ |
|---|---|---|---|---|---|
| ଅରୁଣାଚଳ ପ୍ରଦେଶ | ୨୪୧ | ୭୩୮ | ୭୮ | ୩୯ | ୧୪୩ |
| ଆସାମ | ୮୪ | ୧୯ | ୧୨୮ | ୬୭ | ୨୩୨ |
| ମଣିପୁର | ୬ | ୫୬ | ୧୯ | ୧୪ | ୧୪୧ |
| ମେଘାଳୟ | ୧୩ | ୫୪ | ୯୪ | ୩୩ | ୧୫୨ |
| ମିଜୋରାମ | ୮୪ | ୫୦ | ୭ | ୧୩ | ୮୯ |
| ନାଗାଲାଣ୍ଡ | ୯୨ | ୪୯୨ | ୬୨ | ୧୦ | ୧୦୮ |
| ସିକିମ୍ | ୯୨ | ୬୧୨ | ୩୧ | ୨୧ | ୬୪ |
| ତ୍ରିପୁରା | ୫୪ | ୩୪୧ | ୩୨ | ୨୦ | ୧୨୯ |

**(ଉତ୍ସ : ଦ ଭର୍‌ଟିବ୍ରେଟ୍‌ସ୍ ଅଫ୍ ଆସାମ, ୨୦୧୫ । ଆସାମ ବିଜ୍ଞାନ କାରିଗରୀ ଓ ପରିବେଶ ପରିଷଦ ଏବଂ ଇଏନ୍‌ଭିଆଇଏସ୍ କେନ୍ଦ୍ର, ଆସାମ ଦ୍ୱାରା ପ୍ରକାଶିତ ।)**

ଆଶ୍ଚର୍ଯ୍ୟ ରହିଛି । ରାମସରଦ୍ୱାରା ସ୍ୱୀକୃତ ଗୌହାଟି ସହର ପରିସୀମାରେ ଥିବା ଦିପୋର୍ ବିଲ୍ ହେଉଛି ବିଦେଶୀ ପକ୍ଷୀଙ୍କ ସ୍ୱର୍ଗ, ଯେଉଁଠି ରେଡ୍‌ଷ୍ଟାର୍, ଫୋକ୍‌ଟେଲ୍, କର୍ମୋରାଣ୍ଟ୍, ରୁଡ଼ି ସେଲ୍‌ଡକ୍ ଓ ଇବିସ୍ ଆଦି ପକ୍ଷୀଙ୍କ ଆଗମନ ହୋଇଥାଏ ।

ଆସାମର ଘଂଚ ଜଙ୍ଗଲରେ ରହିଛି ଶାଗୁଆନ୍ ଓ ବାଉଁଶ ବଣର ସମ୍ଭାର । ତେବେ କେତେକ ସ୍ଥାନରେ ଉଗ୍ରବାଦ ଓ ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁଁ ନବେ ଦଶକରେ ଏହି ଅଂଚଳରେ ଗଛକଟା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରତିବନ୍ଧକ ଲଗାଇଛନ୍ତି । ଫଳରେ ଗତ ଦୁଇଦଶନ୍ଧି ମଧ୍ୟରେ ଶହ ଶହ ପ୍ଲାଏଉଡ୍ ଶିଳ୍ପ ବନ୍ଦ୍ ହୋଇଯିବାଦ୍ୱାରା ରାଜ୍ୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହୋଇଛି । ତଥାପି ଏହି ଉପତ୍ୟକାରେ ଶାଳବଣ, ଫଳ ବଗିଚା, ବିରଳ ଗୁଳ୍ମ ଏବଂ ବାଉଁଶ ବଣ ଦେଖାଯାଏ । ନହର, ହୋଲୋକ, ସାଇ, ମେକାଇ, ଚାମ୍, କନ୍‌ଶମ୍, ବକୁଳ, ସାଗୁଆନ୍, ସିଲିଖା, ଭୋଗୋରା, ଅର୍ଜୁନ, ସୋନାରୁ, ଶିମାଳିଆ, କଦମ୍, ଗାମେରି ଓ ଅଗର ଭଳି ବିଭିନ୍ନ ବୃକ୍ଷ ଆସାମର ବ୍ୟାପକ ଅଂଚଳରେ ଦେଖାଯାଏ । ଅପରପକ୍ଷରେ, ବ୍ରହ୍ମପୁତ୍ର ନଦୀର ନିମ୍ନ ଉପତ୍ୟକାରେ ସାଭାନ୍ନା ପରି

ବ୍ରହ୍ମପୁତ୍ର ଉପତ୍ୟକାର କ୍ଷେତ୍ରଫଳ ହେଉଛି ୫୬,୩୩,୯୦୦ ବର୍ଗ କିଲୋମିଟର । ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁଁ ଏହାର ଏକ ବ୍ୟାପକ ଅଂଚଳ କ୍ଷତିଗ୍ରସ୍ତ ହୋଇଛି । ତଥାପି ଏହାର ଉତ୍ତର ଓ ଦକ୍ଷିଣ ଦିଗରେ ଥିବା ପର୍ବତ ପାଦଦେଶ, ଉତର ଓ ଦକ୍ଷିଣର ସମତଳ ଅଂଚଳ, ବନ୍ୟାଗ୍ରସ୍ତ ସମତଳଭୂମି ଓ ନଦୀ ଅବବାହିକା ଅଞ୍ଚଳରେ ବିରଳ ଜୈବ ବିବିଧତା ଦୃଷ୍ଟିଗୋଚର ହୁଏ । ଆସାମର ସର୍ବୋତ୍କୃଷ୍ଟ ଜଙ୍ଗଲ ଓ ପ୍ରାଣୀସମ୍ପଦ ଦେଖାଯାଏ ଏହାର ୫ଟି ଜାତୀୟ ଉଦ୍ୟାନଗୁଡ଼ିକରେ - କାଜିରଙ୍ଗା, ମାନସ, ଦିବ୍ରୁ, ସାଇଖୋୱା, ଓରାଙ୍ଗ ଏବଂ ନାମେରୀ ।

ଘଞ୍ଚ ଘାସବଣ ଦେଖାଯାଏ ।

**ବାରାକ୍ ଉପତ୍ୟକା :** କାଚାର୍, କରିମ୍‌ଗଞ୍ଜ ଓ ହଇଲାଖଣ୍ଡି ଭଳି ତିନୋଟି ପ୍ରଶାସନିକ ଜିଲ୍ଲାରେ ପରିବ୍ୟାପ୍ତ ରହିଛି ବାରାକ୍ ଉପତ୍ୟକା । ଆସାମର ଦକ୍ଷିଣରେ ସ୍ଥିତ ଏହି ଉପତ୍ୟକା, ଜୈବ ବିବିଧତାରେ ପରିପୂର୍ଣ୍ଣ । ବ୍ରହ୍ମପୁତ୍ର ଉପତ୍ୟକା ଭଳି ବାରାକ୍ ଉପତ୍ୟକା ମଧ୍ୟ ଏକ ଉର୍ବର ଅଞ୍ଚଳ, ଯେଉଁଠି ପରିପୂର୍ଣ୍ଣ ବୃକ୍ଷରାଜି ଦେଖାଯାଏ । ଏହି ଉପତ୍ୟକାର କ୍ଷେତ୍ରଫଳ ହେଉଛି ୬୯୬୨ ବର୍ଗ କିଲୋମିଟର । ଏହି ଅଂଚଳରେ ସର୍ବୋଚ୍ଚ ୧୦୦ ମିଟର ପର୍ଯ୍ୟନ୍ତ ବିଭିନ୍ନ ଉଚ୍ଚତାର ଛୋଟ ଛୋଟ ପାହାଡ଼ ଦେଖାଯାନ୍ତି ଯେଉଁଗୁଡ଼ିକୁ 'ଟିଲା' ବୋଲି କୁହାଯାଏ । ଅପରପକ୍ଷରେ, ଉପତ୍ୟକାର ମଧ୍ୟଭାଗରେ ସନ୍ତସନ୍ତିଆ ସ୍ଥାନ ଏବଂ ଛୋଟ ଛୋଟ ଗାଡ଼ିଆ ଆଦି ମଧ୍ୟ ରହିଛି । ମୁଖ୍ୟ ନଦୀ ବାରାକ୍ ଭଳି ଜିରି, ମଧୁର, ଜାଟିଂଗା, ଲାରାଂଗ୍, ସୋନାଇ, ରୁକ୍‌ନି, ଘାଗା, ଚଲେଶ୍ୱରୀ ଓ କଟାଖାଲ୍ ପରି ଉପନଦୀଗୁଡ଼ିକ ଦ୍ୱାରା ଦକ୍ଷିଣ ଆସାମର ପରିପୂର୍ଣ୍ଣ ଜୈବ ବିବିଧତା ଆହୁରି ପରିପୁଷ୍ଟ ହୋଇଥାଏ । ଏହି ଉପତ୍ୟକାରେ ବୃକ୍ଷରାଜିର ଏକ ମିଶ୍ରିତ ଦୃଶ୍ୟପଟ ରହିଛି । ଏଗୁଡ଼ିକ ମଧ୍ୟରେ ରହିଛି ଚିରହରିତ୍ ଜଙ୍ଗଲଠୁ ଆରମ୍ଭ କରି ବୁଦାବଣ, ଅବକ୍ଷୟପ୍ରାପ୍ତ ଜଙ୍ଗଲ, ଚା ବଗିଚା ଓ କୃଷିକ୍ଷେତ୍ର । ଏହି ଉପତ୍ୟକାରେ ୧୪ଟି ସଂରକ୍ଷିତ ଜଙ୍ଗଲ ଏବଂ ବରେଲ୍ ଡବ୍ଲୁଏସ୍ ନାମରେ ଏକ ଅଭୟାରଣ୍ୟ ରହିଛି । ଅବଶ୍ୟ ଚଲେଶ୍ୱରୀ ନାଁରେ ଆଉ ଏକ ଅଭୟାରଣ୍ୟ ସ୍ୱୀକୃତି ଅପେକ୍ଷାରେ ରହିଛି । ଏହି ଜଙ୍ଗଲ ଓ ପାର୍ବତ୍ୟାଚଂଳଗୁଡ଼ିକରେ ବାଘ, ହାତୀ, ଲାଙ୍ଗୁର, ହୁଲକ୍ ଗିବନ୍ ପରି ବିଭିନ୍ନ ପ୍ରଜାତିର ପଶୁ ଦେଖାଯାନ୍ତି । ହେଲେ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ମାନବୀୟ କାର୍ଯ୍ୟ ଯୋଗୁଁ ଏ ଅଂଚଳର ପ୍ରାଣୀ ଓ ଜଙ୍ଗଲ ସମ୍ପଦ ଉପରେ ପ୍ରତିକୂଳ ପ୍ରଭାବ ମଧ୍ୟ ପଡ଼ିଛି । ସୁପ୍ରସିଦ୍ଧ ଏସୀୟ ହାତୀ ଏବେ ବିଲୁପ୍ତ ପ୍ରାୟ । କେତେକ ପ୍ରଜାତିର ମାକାକେ, ମାଙ୍କଡ଼ ଆଦି ମଧ୍ୟ ବର୍ତମାନ ଅଳ୍ପ ସଂଖ୍ୟାରେ ଦେଖାଯାଉଛନ୍ତି । ବାରାକ୍ ଓ ବ୍ରହ୍ମପୁତ୍ର ଉପତ୍ୟକାର ଏଭଳି ପରିବେଶଗତ ସମସ୍ୟା ମଧ୍ୟରେ ସାମଞ୍ଜସ୍ୟ ରହିଚି ।

**ମାଜୁଲି ଦ୍ୱୀପ :** ୧୨୫୦ ବର୍ଗ କିଲୋମିଟର ପରିବ୍ୟାପ୍ତ ମାଜୁଲି, ଏକଦା ବିଶ୍ୱର ସର୍ବବୃହତ୍ ନଦୀ ଗର୍ଭସ୍ଥ ଦ୍ୱୀପ ଭାବେ ଖ୍ୟାତି ଲାଭ କରିଥିଲା । ଏଠାରେ ଜନସଂଖ୍ୟା ଥିଲା ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ । କିନ୍ତୁ ଆସାମର ବୈଷ୍ଣବଧର୍ମ କେନ୍ଦ୍ରସ୍ଥଳ ଏହି ଦ୍ୱୀପ ଏବେ ବିଭିନ୍ନ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଛି । ବିଶେଷ ଭାବେ ନଦୀ ପାର୍ଶ୍ୱ ଅବକ୍ଷୟ ଯୋଗୁଁ, ଷୋଡ଼ଶ ଶତାବ୍ଦୀରୁ ଲମ୍ବି ଆସିଥିବା ସାଂସ୍କୃତିକ ଐତିହ୍ୟ ମଧ୍ୟ ପ୍ରଭାବିତ ହୋଇଛି । ବର୍ତମାନ ଏହି ଦ୍ୱୀପ ମାତ୍ର ୪୨୫ ବର୍ଗ କିଲୋମିଟର ଅଂଚଳରେ ପରିବ୍ୟାପ୍ତ ।

ଉତ୍ତରରେ ସୁତି ଓ ସୁବନ୍‌ଶିରି ଏବଂ ଦକ୍ଷିଣରେ ବ୍ରହ୍ମପୁତ୍ର ନଦୀଗୁଡ଼ିକ ମାଜୁଲି ଦ୍ୱୀପକୁ ବେଢ଼ି ରହିଛନ୍ତି । ମାଜୁଲିରେ ପୁଣି ୧୫୫ଟି ଛୋଟବଡ଼ ବିଲ୍ ବା ଆର୍ଦ୍ରଭୂମି ରହିଛି । ପକ୍ଷୀପ୍ରେମୀଙ୍କପାଇଁ ଏହି ଦ୍ୱୀପ ହେଉଛି ଏକ ଭୂସ୍ୱର୍ଗ । ସେହିପରି ଏଠାରେ ବିରଳ ପ୍ରଜାତିର ମାଛ ଯେମିତି ବଡ଼ିସ୍ ବଡ଼ିସ୍, ଚାକାଚାକା, ଏସପାକ୍, ପାବୋ ଆଦି ଦେଖାଯାନ୍ତି । ଏତଦ୍‌ବ୍ୟତୀତ, ମିସିଙ୍ଗ୍, ନେପାଲି, ଦେଓରୀ, କଚାରି ଓ କୋଚ୍ ସମ୍ପ୍ରଦାୟମାନେ ବିଭିନ୍ନ ଔଷଧ ତିଆରି ପାଇଁ ନିର୍ଭର କରୁଥିବା ୧୫ ପ୍ରକାରର ମାଛ ମଧ୍ୟ ଏଠି ଦେଖାଯାନ୍ତି ।

୧୦୦ରୁ ଊର୍ଦ୍ଧ୍ୱ କିସମର ଧାନ ମଧ୍ୟ ଏଠି ଚାଷ ହୁଏ । ତା'ପୁଣି କୌଣସି ରାସାୟନିକ ସାର ବା କୀଟନାଶକ ଔଷଧ ପ୍ରୟୋଗ ବିନା । ଆଲେଙ୍ଗୀ ଚାପୋରୀ, କମଲାବାରୀ ମିସିଙ୍ଗ୍, କମଲାବାରୀ ସାତ୍ରା ଭଳି ସ୍ଥାନଗୁଡ଼ିକରେ ଥିବା ଜୈବ ବିବିଧତା ଯୋଗୁଁ ଏହି ଦ୍ୱୀପ ପ୍ରତି ବହୁ ପର୍ଯ୍ୟଟକ ଆକୃଷ୍ଟ ହୁଅନ୍ତି । ଏଠାରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ମଧ୍ୟ ଚିହ୍ନଟ ହୋଇଛନ୍ତି । ସେଗୁଡ଼ିକ ମଧ୍ୟରେ ଅଛନ୍ତି ପେଲିକାନ୍, ଛୋଟ ଏଡ଼ଜୁଟାଣ୍ଟ, ବଡ଼ ଏଡ୍‌ଜ୍ୟୁଟାଣ୍ଟ, ବେଙ୍ଗଲ ଫ୍ଲୋରିକାନ୍, ପତଳା ଥଣ୍ଟଯୁକ୍ତ ଶାଗୁଣା ଆଦି ପକ୍ଷୀ । ●






ଲେଖକ ହେଉଛନ୍ତି ଆସାମ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ପରିଷଦର ନିର୍ଦ୍ଦେଶକ ଏବଂ ଆସାମ ଶକ୍ତି ବିକାଶ ସଂସ୍ଥାର ନିଦ୍ଦେଶକ ।

# ଉତ୍ତର-ପୂର୍ବାଞ୍ଚଳରେ ଭିତ୍ତିଭୂମି ଦୃଶ୍ୟପଟ

ଡକ୍ଟର କୃଷ୍ଣ ଦେବ

> ବିକାଶ ପାଇଁ ମୌଳିକ ସୁବିଧା ସୁଯୋଗ ଅପରିହାର୍ଯ୍ୟ । ତା' ବ୍ୟତିରେକ ପ୍ରଗତି ମନ୍ଥର ହେବା ସ୍ୱାଭାବିକ ଏବଂ ଉତ୍ତର-ପୂର୍ବାଞ୍ଚଳରେ ତାହା ଘଟିଛି । ଏବେ ବିଶ୍ୱ , ଉଦୀୟମାନ ଆର୍ଥିକ କେନ୍ଦ୍ରଗୁଡ଼ିକ ସହ ସଂପୃକ୍ତି ଆରମ୍ଭ କରିଛି । ସେ ଦୃଷ୍ଟିରୁ ଭାରତର ପୂର୍ବଭାଗ ବିଶେଷତଃ ଉତ୍ତର-ପୂର୍ବ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଦକ୍ଷିଣ-ପୂର୍ବ ଏସିଆ ଉପରେ ଯେତେବେଳେ ବିଶ୍ୱର ଦୃଷ୍ଟି ନିବଦ୍ଧ ହୋଇଛି ସେତେବେଳେ ଭାରତ, ବିଶେଷ କରି ଉତ୍ତର-ପୂର୍ବାଞ୍ଚଳ ସେଥିରୁ ବାହାରେ ରହି ନ'ପାରେ । ଅତଏବ ସାମାଜିକ ଓ ଅର୍ଥନୈତିକ ଉତ୍‌ଥାନ ପାଇଁ ଉତ୍ତର-ପୂର୍ବାଞ୍ଚଳରେ ପରିବହନ, ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ସହ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗର ବିକାଶ ଉପରେ ଅଗ୍ରାଧିକାର ଦେବାକୁ ପଡ଼ିବ ।

୧୯୪୭ରେ ଦେଶ ବିଭାଜନ ପୂର୍ବରୁ ଉତ୍ତର-ପୂର୍ବାଞ୍ଚଳ ଭାରତର ମୁଖ୍ୟ ଭୂଖଣ୍ଡ ଏବଂ ମିୟାଁମାର ସହ ବର୍ତ୍ତମାନର ବାଂଲାଦେଶ ଦେଇ ସଂଯୁକ୍ତ ଥିଲା । ବିଭାଜନ ପରେ ପୂର୍ବ ପାକିସ୍ଥାନ (ଏବେକାର ବାଂଲାଦେଶ) ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇ ପାକିସ୍ଥାନର ଅଂଶବିଶେଷ ହେବାପରେ ଉତ୍ତର-ପୂର୍ବାଞ୍ଚଳ ସହ ମୂଳ ଭୂଖଣ୍ଡ ଭାରତର ଦୂରତ୍ୱ ଯଥେଷ୍ଟ ବଢ଼ିଗଲା । ଏକ ୨୭ କିମି ପ୍ରସ୍ଥ ବିଶିଷ୍ଟ ଅଣ ଓସାରିଆ ଭୂଖଣ୍ଡ ମାଧ୍ୟମରେ ପଶ୍ଚିମବଙ୍ଗର ସିଲିଗୁଡ଼ି ଦେଇ ଉତ୍ତର-ପୂର୍ବାଞ୍ଚଳକୁ ଗୋଟିଏ ମାତ୍ର ସ୍ଥଳ ପଥରେ ସଂଯୋଗ ରହିଲା । ଏହି ରାସ୍ତାଟି ଚିକେନ 'ନେକ୍' କରିଡର ଭାବେ ଖ୍ୟାତ । ଏହାଛଡ଼ା ଚଟଗ୍ରାମ (ଚିଟାଗଙ୍ଗ) ବନ୍ଦର ସହ ମଧ୍ୟ ଉତ୍ତର-ପୂର୍ବାଞ୍ଚଳର ସଂପର୍କ ଛିନ୍ନ ହେଲା । ଅତଏବ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ଭାରତର ମୂଳ ଭୂଖଣ୍ଡରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇ ଏକୁଟିଆ ହୋଇଗଲା । ଏହାର ଚାରିକଡ଼ରେ ଘେରି ରହିଲେ ବାଂଲାଦେଶ, ମିୟାଁମାର, ଚୀନ ଓ ଭୁଟାନ । ସ୍ଥଳବେଷ୍ଟିତ ଏହି ଭାରତୀୟ ଅଞ୍ଚଳଟି ମୁଖ୍ୟତଃ ପାହାଡ଼ିଆ ଓ ଯୋଗାଯୋଗ ଦୃଷ୍ଟିରୁ ସମସ୍ୟାବହୁଳ । କେବଳ ଚିକେନ୍ ନେକ୍ ଦେଇ ଏହି ଅଞ୍ଚଳକୁ ରେଳ ଓ ସଡ଼କ ପଥରେ ଦେଶର ମୁଖ୍ୟଭାଗ ସହ ସଂଯୁକ୍ତ କରାଯାଇଛି । ଏଭଳି ପ୍ରତିକୂଳ ଭୌଗୋଳିକ ସ୍ଥିତିରେ ସଂପୃକ୍ତ ଅଞ୍ଚଳର ଭିତ୍ତିଭୂମିର ବିକାଶ ଯେଭଳି ହେବା କଥା ତାହା ହୋଇପାରିନାହିଁ । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହର ୯୬ ଶତାଂଶ ସୀମାନ୍ତ ଆନ୍ତର୍ଜାତିକ ସୀମାରେଖାକୁ ଛୁଇଁଛି । ଚୀନ ଓ ଭୁଟାନ ଉତ୍ତର ସୀମାରେ ରହିଥିବାବେଳେ ପୂର୍ବ ସୀମାନ୍ତରେ ମିଆଁମାର ଓ ଦକ୍ଷିଣ ଓ ପଶ୍ଚିମରେ ବାଂଲାଦେଶ । ଭାରତର ପ୍ରମୁଖ ବାଣିଜ୍ୟ ଦ୍ୱାର ଓ ମୁଖ୍ୟ ବଜାରଠାରୁ ଏହି ଅଞ୍ଚଳର ଭୌଗୋଳିକ-ରାଜନୈତିକ ଦୂରତ୍ୱ ଏହାକୁ ଏକ ପ୍ରକାର ଏକୁଟିଆ କରିଦେଇଛି । ଫଳରେ ସେ ଅଞ୍ଚଳର ଅର୍ଥନୀତି ଉପରେ ଏକ ପ୍ରଚଣ୍ଡ ପ୍ରଭାବ ପଡ଼ିଛି । ଫଳରେ ଦେଶର ଅନ୍ୟାନ୍ୟ ଅଞ୍ଚଳ ଓ ଭାଗ ସହ ଏହି ଅଞ୍ଚଳ ଆନୁପାତିକ ଭାବେ ପ୍ରଗତି କରିପାରିନାହିଁ ।

ବିକାଶ ପାଇଁ ମୌଳିକ ସୁବିଧା ସୁଯୋଗ ଅପରିହାର୍ଯ୍ୟ । ତା' ବ୍ୟତିରେକ ପ୍ରଗତି ମନ୍ଥର ହେବା ସ୍ୱାଭାବିକ ଏବଂ ଉତ୍ତର-ପୂର୍ବାଞ୍ଚଳରେ ତାହା ଘଟିଛି । ଏବେ ବିଶ୍ୱ , ଉଦୀୟମାନ ଆର୍ଥିକ କେନ୍ଦ୍ରଗୁଡ଼ିକ ସହ ସଂପୃକ୍ତି ଆରମ୍ଭ କରିଛି । ସେ ଦୃଷ୍ଟିରୁ ଭାରତର ପୂର୍ବଭାଗ ବିଶେଷତଃ ଉତ୍ତର-ପୂର୍ବ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଦକ୍ଷିଣ-ପୂର୍ବ ଏସିଆ ଉପରେ ଯେତେବେଳେ ବିଶ୍ୱର ଦୃଷ୍ଟି ନିବଦ୍ଧ ହୋଇଛି ସେତେବେଳେ ଭାରତ, ବିଶେଷ କରି ଉତ୍ତର-ପୂର୍ବାଞ୍ଚଳ ସେଥିରୁ ବାହାରେ ରହି ନ'ପାରେ । ଅତଏବ ସାମାଜିକ ଓ ଅର୍ଥନୈତିକ ଉତ୍‌ଥାନ ପାଇଁ ଉତ୍ତର-ପୂର୍ବାଞ୍ଚଳରେ ପରିବହନ, ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ସହ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗର ବିକାଶ ଉପରେ ଅଗ୍ରାଧିକାର ଦେବାକୁ ପଡ଼ିବ । ଏହାଦ୍ୱାରା ବଜାର ସମ୍ମିଶ୍ରଣ ପ୍ରକ୍ରିୟା

ତ୍ୱରାନ୍ୱିତ ହେବ । ଆହୁରି ମଧ୍ୟ ଉତ୍ତର-ପୂର୍ବର ବିଭିନ୍ନ ରାଜ୍ୟ ମଧ୍ୟରେ ଆନ୍ତଃ ରାଜ୍ୟ ସଡ଼କ-ରେଳ ସଂଯୋଗ ତଥା ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହ ଯାତାୟତ ଏବଂ ବାଣିଜ୍ୟ କାରବାର ପାଇଁ ବ୍ୟବସ୍ଥା କରିବାକୁ ହେବ । ଏଥି ପାଇଁ କୂଟନୈତିକ ପ୍ରୟାସ ସହ ସୀମାନ୍ତ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଏହା ସୀମାପାର ବାଣିଜ୍ୟ କାରବାରରେ ସହାୟକ ହେବ ।




ଉତ୍ତର-ପୂର୍ବାଞ୍ଚଳର ଅର୍ଥନୀତି ମୁଖ୍ୟତଃ କୃଷି ଭିତ୍ତିକ । ଶିଳ୍ପୋଦ୍ୟୋଗ କ୍ଷେତ୍ର ମୁଖ୍ୟତଃ ଚା, ତୈଳ ଓ ପ୍ରାକୃତିକ ବାଷ୍ପ, ଖଣିଜ ଭିତ୍ତିକ କାରବାର ମଧ୍ୟରେ ସୀମିତ । ଏହି ଅଞ୍ଚଳରେ ପ୍ରଚୁର ପ୍ରାକୃତିକ ସମ୍ବଳ ମହଜୁଦ ଥିବା ସତ୍ତ୍ୱେ ସେ ସବୁର ଉପଯୋଗ ବିଶେଷ ହୋଇପାରିନାହିଁ । ଉଦ୍ୟୋଗର ଅଭାବ ଏକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଅତଏବ ମୁଖ୍ୟତଃ ସେବା ଉଦ୍ୟୋଗରେ ଅଧିକରୁ ଅଧିକ ନିଯୁକ୍ତି ପାଇଁ ଚାପ ପଡୁଛି । ପରିବହନ ସଂଯୋଗ ଓ ଏକ୍ଷେତ୍ରର ବିକାଶ ଦ୍ୱାରା ଏହି ଚାପ ହ୍ରାସ ପାଇବା ସହ ସୁଷମ ବିକାଶର ମାର୍ଗ ଖୋଲି ପାରନ୍ତା ।

ଉତ୍ତର-ପୂର୍ବାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଭାରତ ସରକାର ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୧୯୯୧ର 'ଲୁକ୍ ଇଷ୍ଟ ପଲିସ', ୨୦୦୭ର ଉତ୍ତର-ପୂର୍ବାଞ୍ଚଳ ଶିଳ୍ପାୟନ ଓ ନିବେଶ ଯୋଜନା ଓ ୨୦୦୮ର ନର୍ଥ ଇଷ୍ଟ ଭିଜନ- ୨୦୨୦ ସେଥିମଧ୍ୟରୁ ଅନ୍ୟତମ । ଏସବୁ ଯୋଜନା ଓ କାର୍ଯ୍ୟକ୍ରମ ନିଷ୍ଠାର ସହିତ କାର୍ଯ୍ୟକାରୀ ହେଲେ ଉତ୍ତର-ପୂର୍ବାଞ୍ଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଅତୀତରେ ଯୋଜନାବଦ୍ଧ ନିବେଶ ପ୍ରକ୍ରିୟା ସତ୍ତ୍ୱେ ଏହି ଅଞ୍ଚଳର ଭିତ୍ତିଭୂମି ବିକାଶ କାର୍ଯ୍ୟ ଅତି ଖରାପ । ଏକଥାକୁ ମଧ୍ୟ ଉତ୍ତର-ପୂର୍ବାଞ୍ଚଳ ଭିଜନ ଡକୁମେଣ୍ଟରେ ସ୍ୱୀକାର କରାଯାଇଛି । ଏସବୁକୁ ବିଚାରକୁ ନେଇ ବର୍ତ୍ତମାନର କେନ୍ଦ୍ର ସରକାର ତାଙ୍କର 'ଲୁକ୍ ଇଷ୍ଟ' ନିତୀରେ ଉତ୍ତର-ପୂର୍ବାଞ୍ଚଳର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ବିଶେଷ ଗୁରୁତ୍ୱ ଦେଇଛନ୍ତି । ୨୦୧୪ରେ ମିୟାଁମାରରେ ଅନୁଷ୍ଠିତ ଆସିଆନ ଶିଖର ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଦକ୍ଷିଣ ଏସିଆର ୧୦ଟି ରାଷ୍ଟ୍ରଙ୍କ ଆର୍ଥିକ ବିକାଶ, ବାଣିଜ୍ୟିକ କାରବାର, ପୁଞ୍ଜି ନିବେଶ ଓ ଶିଳ୍ପାୟନ ପାଇଁ ତିନିଟି ମୌଳିକ କ୍ଷେତ୍ର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ତାହା ହେଲା - ବାଣିଜ୍ୟ, ସଂସ୍କୃତି ଓ ଯୋଗାଯୋଗ । ସେହି ନିତୀକୁ ଉତ୍ତର-ପୂର୍ବର ବିକାଶ ନକ୍ସାର ମୂଳାଧାର କରାଯାଇଛି । ଭାରତର 'ଆକ୍ଟ ଇଷ୍ଟ' ନିତୀରେ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯାଇ ଏସୀୟ-ପ୍ରଶାନ୍ତ କ୍ଷେତ୍ରର ରାଷ୍ଟ୍ରମାନଙ୍କ ସହିତ ଭାରତର ଅର୍ଥନୈତିକ ସହଯୋଗ, ସାଂସ୍କୃତିକ ସମ୍ପର୍କ ପ୍ରତିଷ୍ଠା ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସମ୍ପର୍କ ବୃଦ୍ଧିକୁ ଅଗ୍ରାଧିକାର ଦିଆଯାଇଛି । ସଂପୃକ୍ତ ରାଷ୍ଟ୍ରଙ୍କ ସହ ଭାରତ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସ୍ୱାର୍ଥ ଜଡ଼ିତ ବିଷୟରେ ମଧ୍ୟ ରାଜିନାମା କରୁଛି । ଏହା ଫଳରେ ଅରୁଣାଚଳ ପ୍ରଦେଶ ସହ ଉତ୍ତର-ପୂର୍ବାଞ୍ଚଳର ସବୁ ରାଜ୍ୟଗୁଡ଼ିକର ଆର୍ଥିକ ନିଃସଙ୍ଗତାର ଅବସାନ ଘଟିବ ଓ ଏହି ଅଞ୍ଚଳ ବିକାଶର ଦ୍ୱାର ପାଲଟିବ ।

ଉତ୍ତର-ପୂର୍ବ ଦେଇ ପଡ଼ୋଶୀ ରାଷ୍ଟ୍ରଙ୍କ ସହିତ ଯୋଗାଯୋଗ ସ୍ଥାପନ ଓ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା 'ଆକ୍ଟ ଇଷ୍ଟ' ନିତୀର ମୁଖ୍ୟ ଆଧାର ହୋଇଥିବାରୁ ଏହା ସମ୍ଭବ ନ'ହେବା ଯାଏ ଏ ଅଞ୍ଚଳର ସାମଗ୍ରିକ ବିକାଶ କଥା ଚିନ୍ତା କରାଯାଇନ'ପାରେ । ଏଥିପାଇଁ ସଡ଼କ, ରେଳପଥ, ବିମାନବନ୍ଦର, ଜଳପଥ, ଟେଲିକମ୍, ଶକ୍ତି କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ହେବ । ଏହାଦ୍ୱାରା ଏ ଅଞ୍ଚଳର ସାମଗ୍ରିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ।

ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମରେ ଉତ୍ସାହିତ ହୋଇ ସେହି ଢାଞ୍ଚାରେ 'ମେକ୍ ଇନ୍ ନର୍ଥଇଷ୍ଟ' ନାମରେ ଏକ ପରିକଳ୍ପନା ପ୍ରସ୍ତୁତ କରାଯାଇଛି । ଏହାକୁ କାର୍ଯ୍ୟକାରୀ କରାଗଲେ ଏହି ଅଞ୍ଚଳରେ ରାଜସ୍ୱ ସୃଷ୍ଟି ସହ ନିଯୁକ୍ତି ସୁଯୋଗ ବଢ଼ିବ । ଫଳରେ ପେଟପାଟଣା ପାଇଁ ଏଠାକାର ଲୋକେ ଦେଶର ଅନ୍ୟଭାଗକୁ ବହୁ ସଂଖ୍ୟାରେ ଯିବେ ନାହିଁ । ଏହି ପରିକଳ୍ପନା ଫଳବତୀ ହେଲେ ଉତ୍ତର-ପୂର୍ବାଞ୍ଚଳରେ ଶିଳ୍ପ, ବାଣିଜ୍ୟର ପରିସର ବଢ଼ିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଥିବା ବଞ୍ଚିତ ଭାବନା ଦୂର ହେବ । ଏହାଛଡ଼ା ଉତ୍ତର-ପୂର୍ବାଞ୍ଚଳ ଜାତୀୟ ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଷ୍ଟାର୍ଟଅପ୍

ଇଣ୍ଡିଆ ଓ ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାରେ ଉତ୍ତର-ପୂର୍ବାଞ୍ଚଳ ଏକ ନୂଆ ଷ୍ଟାର୍ଟଅପ୍ ସ୍ଥଳ ଭାବେ ଉଭା ହେବାକୁ ଯାଉଛି । ଦୁଇବର୍ଷର ଟିକସ ଛାଡ଼ ଓ ତିନି ମାସ ମଧ୍ୟରେ ଉଦ୍ୟୋଗ ପ୍ରୟାସରୁ ଅବ୍ୟାହତି ନେବାର ସୁବିଧା ସୁଯୋଗ ଏହି ଯୋଜନାର ଅନ୍ୟତମ ଆକର୍ଷଣୀୟ ବିଶେଷତ୍ୱ । ଉତ୍ତରପୂର୍ବାଞ୍ଚଳରେ ଶିଳ୍ପାୟନ ବ୍ୟାପାର ଦେଖିବା ପାଇଁ ଗଠିତ ସ୍ୱତନ୍ତ୍ର ମନ୍ତ୍ରାଳୟ ନାନାବିଧ ପ୍ରୋତ୍ସାହନ ଘୋଷଣା କରିଛି । ଆଗ୍ରହୀ ଉଦ୍ୟୋଗୀଙ୍କୁ ପୁଞ୍ଜି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ମାଧ୍ୟମରେ ଯେଉଁ ପଦକ୍ଷେପ ନିଆଯାଇଛି ତାହା ସ୍ୱାଗତଯୋଗ୍ୟ । ଉଦ୍ୟୋଗୀମାନେ ଏହାର ସୁଯୋଗ ନେବା ଉଚିତ ।

**ସଡ଼କ ଯୋଗାଯୋଗ :** ଉତ୍ତର-ପୂର୍ବାଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ତ୍ୱରାନ୍ୱିତ ସଡ଼କ ବିକାଶ କାର୍ଯ୍ୟକ୍ରମ (ଏସ୍‌ଏଆରଡିପି-ଏନ୍‌ଇ) ପ୍ରସ୍ତୁତ କରାଯାଇଛି । ଏହି ଅଞ୍ଚଳର ଦୂରଦୂରାନ୍ତ ଓ ଅଗମ୍ୟ ଇଲାକାକୁ ରାଜ୍ୟ ଓ ଜିଲ୍ଲା ସଦର ମହକୁମା ସହ ସଡ଼କ ପଥରେ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ତିନିପର୍ଯ୍ୟାୟରେ ଏ ଅଞ୍ଚଳର ମୋଟ ୮୮ଟି ଜିଲ୍ଲାର ସଦର କାର୍ଯ୍ୟାଳୟ ନିକଟବର୍ତ୍ତୀ ଜାତୀୟ ରାଜପଥ ସହ ସଂଯୁକ୍ତ ହେବ । ଉତ୍ତର-ପୂର୍ବାଞ୍ଚଳ ପାଇଁ ଏହା ସବୁଠୁ ବଡ଼ ଓ ବୃହତାକାଂକ୍ଷୀ ସଡ଼କ ପ୍ରକଳ୍ପ । ଜାତୀୟ ରାଜପଥ ପ୍ରାଧିକରଣ, ରାଜ୍ୟ ପୂର୍ତ୍ତବିଭାଗ ଓ ସୀମାନ୍ତ ସଡ଼କ ନିର୍ମାଣ ପ୍ରତିଷ୍ଠାନ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଦାୟିତ୍ୱରେ ଅଛନ୍ତି । ଏହି କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବାଞ୍ଚଳର ସବୁ ରାଜ୍ୟ ରାଜଧାନୀକୁ ସଂଯୋଗ କରୁଥିବା ଦୁଇଟିକିଆ ଜାତୀୟ ରାଜପଥକୁ ଚାରିଟିକିଆ କରାଯିବ । ଏ ଅଞ୍ଚଳର ସମସ୍ତ ୮୮ ଜିଲ୍ଲା ସଦର ମହକୁମାକୁ ଦୁଇଟିକିଆ ରାସ୍ତା ସୁବିଧା ବ୍ୟବସ୍ଥା ଯୋଗାଇଦିଆଯିବ । ସୀମାନ୍ତବର୍ତ୍ତୀ ଏବଂ ସାମରିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଭଲ ସଡ଼କ ବ୍ୟବସ୍ଥା ସ୍ଥାପନ ଏବଂ ପଡ଼ୋଶୀ ରାଷ୍ଟ୍ରଙ୍କୁ ଉତ୍ତମ ରାସ୍ତାଘାଟ ସୁବିଧା ଆଦି ଅନ୍ତର୍ଭୁକ୍ତ ।

ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବାଞ୍ଚଳର ପ୍ରାୟ ୪୦୯୯ କିମି ରାସ୍ତାର ବିକାଶ କରାଯିବ । ସେଥି ମଧ୍ୟରେ ୨୦୪୧ କିମି ଜାତୀୟ ରାଜପଥ ଓ ୨୦୫୮ କିମି ରାଜ୍ୟ ରାଜପଥ । ୨୦୧୫ ଅଗଷ୍ଟ ସୁଦ୍ଧା ଏଥି ମଧ୍ୟରୁ ୨୯୮୯ କିମି ରାସ୍ତାର ଉନ୍ନତି ପାଇଁ ମଂଜୁରି ମିଳିଛି । ସେଥି ମଧ୍ୟରୁ ୧୫୬୫ କିମି ରାସ୍ତା ନିର୍ମାଣ ଶେଷ ହୋଇଛି । ୨୦୧୭ମାର୍ଚ୍ଚ ସୁଦ୍ଧା ଏସ୍‌ଏଆରଡିପିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରହିଛି ।

**ପୂର୍ବ-ପଶ୍ଚିମ କରିଡର :** ପୂର୍ବ-ପଶ୍ଚିମ କରିଡର ଯୋଜନାରେ ଉତ୍ତର-ପୂର୍ବାଞ୍ଚଳରେ ୬୭୦ କିଲୋମିଟର ରାଜପଥକୁ ଚାରିଟିକିଆ କରାଯାଉଛି । ଏହା ଆସାମ-ପଶ୍ଚିମବଙ୍ଗ ସୀମାନ୍ତ ଶ୍ରୀରାମପୁରରୁ ଆରମ୍ଭ ହୋଇ ଆସାମର ସିଲଚର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଛି । ସେହିଭଳି ଜାତୀୟ ରାଜପଥ ବିକାଶ କାର୍ଯ୍ୟକ୍ରମ -୩ ଅନୁସାରେ ମେଘାଳୟର ଜୋୱାଇରୁ ରତ୍ତେଚେରା ଯାଏଁ ୧୦୪ କିମି ରାଜପଥକୁ ଦୋହରା କରାଯାଉଛି । ଏହା ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ରହିଛି । ଭୂମି ଅଧିଗ୍ରହଣ ସମସ୍ୟା, ଗଛ କଟା, ଆବଶ୍ୟକ ନିର୍ମାଣ ସାମଗ୍ରୀ କାର୍ଯ୍ୟସ୍ଥଳରେ ପହଞ୍ଚିବାରେ ଅସୁବିଧା ଓ ଆଇନଶୃଙ୍ଖଳା ପରିସ୍ଥିତି ଆଦି କାରଣରୁ ଆସାମରେ ପୂର୍ବ-ପଶ୍ଚିମ ସଡ଼କ କରିଡର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଛି । ଆସାମରେ ପୂର୍ବ-ପଶ୍ଚିମ କରିଡରର ମୋଟ ୬୭୦ କିଲୋମିଟର ଅଂଶରୁ ୫୮୦ କିଲୋମିଟରର ନିର୍ମାଣ ଶେଷ ହୋଇଛି । ଅବଶିଷ୍ଟ ଅଂଶ ୨୦୧୬ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ରେଳପଥ :** ୨୦୧୨ ଏପ୍ରିଲ ପହିଲା ସୁଦ୍ଧା ଉତ୍ତର-ପୂର୍ବାଞ୍ଚଳରେ ମୋଟ ୨୬୬୧ କିଲୋମିଟର ରେଳପଥ ଥିଲା । ସେଥିମଧ୍ୟରୁ ୬୦ ଶତାଂଶ ବ୍ରଡ୍‌ଗେଜ (ଓସାରିଆ) ରେଳପଥ । ସେ ଅଞ୍ଚଳର ସବୁ ଅଣ ଓସାରିଆ ରେଳପଥକୁ ଓସାରିଆ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଶୀଘ୍ର ସରିବା ସହିତ ସେ ଅଞ୍ଚଳରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ । ଉତ୍ତର-ପୂର୍ବାଞ୍ଚଳରେ ରେଳ-ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ହିନ୍ଦୁ, ବୁଦ୍ଧ, ଜୈନ, ଶିଖ ଓ ସୁଫି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ରେଳ ସଂଯୋଗର ବ୍ୟବସ୍ଥା କରାଯାଉଛି । ରେଳ ପର୍ଯ୍ୟଟନରେ ଘରୋଇ ସହଯୋଗକୁ ମଧ୍ୟ ଅଗ୍ରାଧିକାର ଦିଆଯାଉଛି । ଉତ୍ତର-ପୂର୍ବାଞ୍ଚଳରେ ରେଳବିକାଶର ଯେଉଁ ବୃହତ୍ତର ଯୋଜନା ପ୍ରସ୍ତୁତ କରାଯାଇଛି ସେଥିରେ ସବୁ ରାଜ୍ୟ ରାଜଧାନୀକୁ ରେଳ ସଂଯୋଗ ଅନ୍ୟତମ । ଏହାଛଡ଼ା ଉଭୟ ପଣ୍ୟ ଓ ଯାତ୍ରୀ ପରିବହନ ଦକ୍ଷତା ବୃଦ୍ଧି ପାଇଁ ରେଳପଥ ସଂପ୍ରସାରଣ ଓ ସୀମାନ୍ତ ଦେଇ ପଡ଼ୋଶୀ ରାଷ୍ଟ୍ରଙ୍କ ସହ ରେଳ ସଂଯୋଗ ସ୍ଥାପନ ଆଦି ମଧ୍ୟ ଅଗ୍ରାଧିକାର ପାଇଛି । ଦୁବନଇ-ମେଣ୍ଡିପଥର ରେଳପଥ ନିର୍ମାଣ ଶେଷ ହେବା ପରେ ୨୦୧୪ ଅଗଷ୍ଟ ୧୧ରେ ମେଘାଳୟକୁ ପ୍ରଥମ ରେଳ ସଂଯୋଗ ପ୍ରତିଷ୍ଠା ହେଲା । ଏହି ଅଞ୍ଚଳରେ ଏବର୍ଷ ଆହୁରି ତିନିଟି ରେଳପଥର ନିର୍ମାଣ କାର୍ଯ୍ୟ ଶେଷ ହେବ । ସେହିଭଳି ଲୁମଡିଙ୍ଗି ଓ ସିଲଚର ମଧ୍ୟରେ ଥିବା ୨୧୦ କିଲୋମିଟର ଲମ୍ବ ଅଣଓସାରିଆ ରେଳପଥର ପରିବର୍ତ୍ତନ କରାଯାଇ ଏହାକୁ ଓସାରିଆ କରାଯାଉଛି । ଏହା ସବୁଠୁ ବଡ଼ ଗେଜ୍ ପରିବର୍ତ୍ତନ କାର୍ଯ୍ୟକ୍ରମ । ଏହା ଶୀଘ୍ର ଶେଷ ହେବାକୁ ଯାଉଛି । ଫଳରେ ଦକ୍ଷିଣ ଆସାମରେ ରେଳ ପରିବହନ ସୁଗମ ହୋଇପାରିବ ।

ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ

ରେଳବାଇ ପକ୍ଷରୁ ୨୦ଟି ବୃହତ୍ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ସେଥିମଧ୍ୟରୁ ନୂଆ ପଥ, ଗେଜ୍ ପରିବର୍ତ୍ତନ ଓ ପଥ ଦୋହରାକରଣ ଆଦି ଅନ୍ୟତମ । ଏଥିରେ ୧୦ଟି ଜାତୀୟ ପ୍ରକଳ୍ପ ରହିଥିବାବେଳେ ୨୯୧୯ କିମି ରେଳପଥ ପାଇଁ ୩୮୩୧୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୨୦୨୦ ସୁଦ୍ଧା ଉତ୍ତର-ପୂର୍ବାଞ୍ଚଳର ସବୁ ରାଜ୍ୟର ରାଜଧାନୀକୁ ଛୁଇଁବାକୁ ରେଳବାଇ ଆଶା ରଖିଛି ।

**ବିମାନ ସେବା :** ଉତ୍ତର-ପୂର୍ବାଞ୍ଚଳରେ ଏବେ ୧୨ଟି କାର୍ଯ୍ୟକ୍ଷମ ଓ ସମାନ ସଂଖ୍ୟକ ଅଣକାର୍ଯ୍ୟକ୍ଷମ ବିମାନବନ୍ଦର ରହିଛି । ଏହି ଅଞ୍ଚଳକୁ ଅଧିକ ବିମାନ ଚଳାଚଳ ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଚାଲିଛି । ଶିଲଂସ୍ଥିତ ଉତ୍ତର-ପୂର୍ବ ପରିଷଦ ୨୦୦୨ରୁ ୨୦୧୧ ପର୍ଯ୍ୟନ୍ତ ଏୟାର ଇଣ୍ଡିୟାର ଏକ ସହଯୋଗୀ ସଂସ୍ଥା ଆଲାଏନ୍ସ ଏୟାରକୁ ଆବଶ୍ୟକ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଏ ଅଞ୍ଚଳରେ ବିମାନସେବା ବ୍ୟବସ୍ଥା କରାଯାଇଥିଲା । ଏହି ସେବା ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ ପ୍ରାଦେଶିକ ରାଜଧାନୀ ଓ ବାଣିଜ୍ୟକାରବାର ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସହରକୁ ସେବା ଯୋଗାଇଦିଆଯାଇଥିଲା । ଏବେ ତେଜପୁର, ଦିମାପୁର, ଲୀଲାବାଡ଼ିକୁ କେବଳ ଏୟାର ଇଣ୍ଡିଆ / ଆଲାଏନ୍ସ ବିମାନ ସେବା ଯୋଗାଣ ହେଉଛି । ଉତ୍ତର-ପୂର୍ବ ପରିଷଦ ବିମାନସେବା ପାଇଁ ଯୋଗାଉଥିବା ପ୍ରୋତ୍ସାହନ ଭିତ୍ତିକ ଅର୍ଥ ଯୋଗାଣ ବନ୍ଦ କରିଦେବାରୁ ଅନ୍ୟାନ୍ୟ ଅଞ୍ଚଳକୁ ବିମାନ ସେବା ବନ୍ଦ ରହିଛି । ପୁନର୍ବାର ଏହି ବ୍ୟବସ୍ଥା ଚାଲୁ ରଖିବାକୁ ପରିଷଦ ପକ୍ଷରୁ ଏୟାର ଇଣ୍ଡିଆ / ଆଲାଏନ୍ସ ଏୟାରକୁ ପ୍ରସ୍ତାବ ଦିଆଯାଇଛି ।

କେନ୍ଦ୍ର ସରକାରଙ୍କ ନୂଆ ବିମାନ ଉଡ଼ାଣ ନିତୀ ଦେଶର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ, ଜାତୀୟ ଓ ଆଞ୍ଚଳିକ ବିମାନ ହବ୍‌ମାନ ନିର୍ମାଣକୁ ଅଗ୍ରାଧିକାର ଦେଉଛି । ଏହାଦ୍ୱାରା ଉତ୍ତର-ପୂର୍ବାଞ୍ଚଳରେ ମଧ୍ୟ ବିମାନ ଉଡ଼ାଣ ବ୍ୟବସ୍ଥାକୁ ଲାଭ ମିଳିବ । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରରେ ନୂଆ ବିମାନ ବନ୍ଦର ପ୍ରତିଷ୍ଠା ଏବଂ ପୁରୁଣା ବିମାନଘାଟିର ବିକାଶ ସହ ଉତ୍ତର-ପୂର୍ବାଞ୍ଚଳର ଅଗମ୍ୟ ଓ ସମସ୍ୟା ବହୁଳ ଅଞ୍ଚଳକୁ ବିମାନ ସେବା ଯୋଗାଇବା ଉପରେ ନୂଆ ନିତୀ ମଧ୍ୟ ଗୁରୁତ୍ୱ ଦେଉଛି ।

**ଅନ୍ତର୍ଦେଶୀୟ ଜଳପଥ :** ଉତ୍ତର-ପୂର୍ବାଞ୍ଚଳରେ ଅନ୍ତର୍ଦେଶୀୟ ଜଳପଥର ବିକାଶ ପାଇଁ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ବିକାଶ ପ୍ରାଧିକରଣ କାର୍ଯ୍ୟ କରୁଛି । ବ୍ରହ୍ମପୁତ୍ର ନଦୀର ବାଂଲାଦେଶ ସୀମାନ୍ତ ଧୁବ୍ରୀଠାରୁ ସାଦିଆ ପର୍ଯ୍ୟନ୍ତ ଅଂଶକୁ ଜାତୀୟ ଜଳପଥ-୨ ଭାବେ ଘୋଷଣା କରାଯାଇଛି । ଏହା ସହିତ ବାରକ ନଦୀର ୧୨୧ କିମି ପଥ (ଲଖିପୁରରୁ ଭାଙ୍ଗା)କୁ ଜାତୀୟ ଜଳପଥରେ ପରିଣତ କରିବାକୁ ଉଦ୍ୟମ ଚାଲିଛି । ଜାତୀୟ ଜଳପଥ-୨କୁ ସଂଯୋଗ କରିବା ପାଇଁ ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ ନଦୀପଥର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣର ପରିକଳ୍ପନା କରାଯାଇ ପ୍ରୟାସ ଜାରି ରହିଛି । ଭାରତ-ମିଆଁମାର ମଧ୍ୟରେ ସୀମାପାର ବାଣିଜ୍ୟ ସହିତ ଆନ୍ତଃ-ପ୍ରାଦେଶିକ ବାଣିଜ୍ୟ କାରବାରକୁ ଅଧିକ ସୁଗମ କରିବା ଲକ୍ଷ୍ୟରେ ଉତ୍ତର-ପୂର୍ବର ବିଭିନ୍ନ ନଦୀପଥର ବିକାଶ ପରିକଳ୍ପନା ହାତକୁ ନିଆଯାଇଛି ।

ଭାରତ-ବାଂଲାଦେଶ ପ୍ରୋଟୋକଲ ରୁଟ୍ ଦେଇ ଜାତୀୟ ଜଳପଥ-୨ ବ୍ରହ୍ମପୁତ୍ରକୁ ଜାତୀୟ ଜଳପଥ-୧ (ଗଙ୍ଗା)ସହ ସଂଯୋଗ କରାଗଲେ ଉତ୍ତର-ପୂର୍ବକୁ ନୌବାଣିଜ୍ୟ ସୁଗମ ହେବ । ସେଥିପାଇଁ ବାଲାଂଦେଶ ମଧ୍ୟରେ ଥିବା ଏହି ପଥର ବିକାଶ କରାଇବା ଜରୁରୀ । ଦୀର୍ଘ ୧୭୦୦ କିମି ଏହି ଜଳପଥ ଦ୍ୱାରା ଭାରତର ମୁଖ୍ୟାଂଶ ସହ ଉତ୍ତର-ପୂର୍ବାଞ୍ଚଳ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ହୋଇପାରିବ । କଳାଦାନ୍ ବହୁମୁଖି ପରିବହନ ପ୍ରକଳ୍ପ ଦ୍ୱାରା କଲକାଣ-ହଳଦିଆ ବନ୍ଦରକୁ ଜଳପଥରେ ମିଆଁମାରର କଳାଦାନ ନଦୀ ସହିତ ଯୋଡ଼ିବାକୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏକ ଯୋଜନା କରିଛି । ଏହାଦ୍ୱାରା ହଳଦିଆ ବନ୍ଦର ମିଆଁମାରର ସିଟ୍ୱେ ଓ ପାଲେଟ୍ୱା ବନ୍ଦର ସହ ସଂପୃକ୍ତ ହେବ । ସେଠାରୁ କଳାଦାନ ନଦୀରେ ଜାହାଜ ପାଲେଟ୍ୱା ବନ୍ଦରରେ ଲାଗିବ । ସେଠାରୁ ସ୍ଥଳପଥରେ ମାଲ୍‌ପତ୍ର ମିଜୋରାମକୁ ସହଜରେ ପ୍ରେରଣ କରାଯାଇପାରିବ । ଏହି ଯୋଜନାରେ ବୈଦେଶିକ ମନ୍ତ୍ରଣାଳୟ ଆର୍ଥିକ ସହାୟତାରେ ସିଟ୍ୱେ ବନ୍ଦରର ବିକାଶ କାର୍ଯ୍ୟ ଚାଲିଛି ।

ଉତ୍ତର-ପୂର୍ବାଞ୍ଚଳର ବିକାଶ ପାଇଁ ଏସବୁ ଯେଉଁ ବିକାଶ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ନିର୍ଦ୍ଧାରିତ ସମୟରେ ତାହାର ରୂପାୟନ ଲୋଡ଼ା । ଏଥିପାଇଁ ସ୍ଥାନୀୟ ଲୋକଙ୍କ ସମର୍ଥନ ଓ କୁଶଳୀ ଲୋକଙ୍କ ସହଯୋଗ ଅତି ଗୁରୁତ୍ୱପୂର୍ଣ୍ଣ । ଏସବୁ ଯୋଜନାର ସଫଳ ରୂପାୟନ ହେଲେ ଉତ୍ତର-ପୂର୍ବାଞ୍ଚଳରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ସେ ଅଞ୍ଚଳର ଲୋକଙ୍କ ମୂଳ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇ ରହିବା ଭାବନାର ଅବସାନ ଘଟିବ । ●

**ଲେଖକ ଜଣେ ପରିବହନ କ୍ଷେତ୍ର ବିଶେଷଜ୍ଞ । ସେ ଭାରତ ସରକାରଙ୍କ ବିଭିନ୍ନ ବିଭାଗର ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି ।**

# ଉତ୍ତର-ପୂର୍ବାଞ୍ଚଳରେ ଜଳପଥ

ଡକ୍ଟର ବିଶ୍ୱପତି ତ୍ରିବେଦୀ

ଭାରତରେ ଜଳପଥର ବ୍ୟବହାର ବିଚାର ନୂଆ ନୁହେଁ । ଆକବରଙ୍କ ରାଜତ୍ୱ କାଳରୁ ଗଙ୍ଗା ଓ ଯମୁନାକୁ ଜଳପଥ ଭାବେ ବ୍ୟବହାର କରାଯାଇ ଏହା ମାଧ୍ୟମରେ ଯାତ୍ରୀ ଓ ସାମଗ୍ରୀ ପରିବହନ କରାଯାଇଆସୁଛି । ପରବର୍ତ୍ତୀ କାଳରେ ବ୍ରିଟିଶ ଶାସନ ଅମଳରେ ଭାରତରେ ବିଭିନ୍ନ ଜଳପଥର ବିକାଶ କରାଯାଇଥିଲା ଏବଂ ଅନେକ ନଦୀ ଜଳପଥ ଭାବେ ବ୍ୟବହୃତ ହେଉଥିଲା । ମାତ୍ର ସ୍ୱାଧୀନତା ପରେ ରେଳପଥ ଓ ସଡ଼କ ପଥ ଉପରେ ଗୁରୁତ୍ୱ ଦିଆଗଲା । ଫଳରେ ଜଳପଥ ପରିବହନ ବ୍ୟବସ୍ଥା ସଂକୁଚିତ ହେଲା । ଭାରତରେ ଏବେ ପ୍ରାୟ ୧୪୫୦୦ କିଲୋମିଟର ଜଳପଥ ରହିଛି । ସେଥିମଧ୍ୟରୁ ମାତ୍ର ୪୫୦୦ କିଲୋମିଟର ଜଳପଥକୁ ଗତବର୍ଷ ଶେଷ ସୁଦ୍ଧା ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି । ଏବେ ଅନ୍ତର୍ଦେଶୀୟ ଜଳପଥ ପରିବହନ ଉପରେ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଉ ୧୦୬ଟି ଜଳପଥକୁ ଜାତୀୟ ଜଳପଥର ମାନ୍ୟତା ପ୍ରଦାନ କରିଛନ୍ତି । ଏହା ଫଳରେ ଦେଶରେ ଜାତୀୟ ଜଳପଥ ସଂଖ୍ୟା ମାତ୍ର ପାଞ୍ଚରୁ ଏକା ଥରକେ ୧୧୧କୁ ବୃଦ୍ଧି ପାଇଛି । ଯେଉଁସବୁ ନଦୀକୁ ଜାତୀୟ ଜଳପଥର ମାନ୍ୟତା ମିଳିଛି ସେଥିମଧ୍ୟରୁ ୧୯ଟି ଉତ୍ତର-ପୂର୍ବାଞ୍ଚଳରେ ରହିଛି ।

ଭାରତରେ ଏବେ ପ୍ରାୟ ୧୪୫୦୦ କିଲୋମିଟର ଜଳପଥ ରହିଛି । ସେଥିମଧ୍ୟରୁ ମାତ୍ର ୪୫୦୦ କିଲୋମିଟର ଜଳପଥକୁ ଗତବର୍ଷ ଶେଷ ସୁଦ୍ଧା ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି । ଏବେ ଅନ୍ତର୍ଦେଶୀୟ ଜଳପଥ ପରିବହନ ଉପରେ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଉ ୧୦୬ଟି ଜଳପଥକୁ ଜାତୀୟ ଜଳପଥର ମାନ୍ୟତା ପ୍ରଦାନ କରିଛନ୍ତି ।

| ରାଜ୍ୟ | ନଦୀ/କେନାଲର ସଂଖ୍ୟା | ନଦୀ/କେନାଲର ନାମ |
|---|---|---|
| ଅରୁଣାଚଳ ପ୍ରଦେଶ | ୧ | ଲୋହିତ |
| ଆସାମ | ୧୪ | ଆଇ, ବାରକ, ବେକି, ଧନଶିରି ଚଠେ, ଦେହିଙ୍ଗ, ଦିଖୁ, ଡିଓ୍ୱାଙ୍ଗ ବା ଧଳେଶ୍ୱରୀ, ଦୋୟାନ୍ସ, ଗଙ୍ଗାଧର, ଜିଂଜିରାମ, କୋପିଲି, ଲୋହିତ, ପୁଥିମାରି, ସୁବନଶିରି |
| ମେଘାଳୟ | ୫ | ଗାଦୋଲ, ଜିଂଜିରାମ, କିନ୍‌ସି, ସିମସାଙ୍ଗ, ଉମଗୋଟ (ଡକି) |
| ମିଜୋରାମ | ୧ | ତିଓ୍ୱାଙ୍ଗ (ଧଳେଶ୍ୱରୀ) |
| ନାଗାଲାଣ୍ଡ | ୧ | ଡିଜୁ-ଜୁଙ୍ଗକି |

- ଲୋହିତ,ଜିଂଜିରାମ ଓ ତିଓ୍ୱାଙ୍ଗ ଉତରପୂର୍ବର ଏକାଧିକ ରାଜ୍ୟରେ ପ୍ରବାହିତ, ଅତଏବେ ଉତର ପୂର୍ବାଂଚଳରେ ମୋଟ ନଦୀ ସଂଖ୍ୟା ୧୯ ।
- ଗଙ୍ଗାଧର ଉଭୟ ଆସାମ ଓ ପଶ୍ଚିମବଙ୍ଗରେ ପ୍ରଭାହିତ ।

ଏସବୁ ନବଘୋଷିତ ଜାତୀୟ ଜଳମାର୍ଗ ଉତ୍ତର-ପୂର୍ବାଞ୍ଚଳର ପରିବହନ କ୍ଷେତ୍ରରେ ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ଏଥିରେ ସନ୍ଦେହ ନାହିଁ । ଏହି ଅଞ୍ଚଳରେ ଥିବା ଜଳପଥଗୁଡ଼ିକର ଯେଉଁ ସୁଯୋଗ ଓ ଦକ୍ଷତା ରହିଛି ତାହା ଏଯାଏ ସମ୍ପୂର୍ଣ୍ଣ ଭାବେ ବିନିଯୋଗ କରାଯାଇପାରିନି । ବ୍ରହ୍ମପୁତ୍ର, ଯାହାକି ଜାତୀୟ ଜଳପଥ-୨ ଭାବରେ ନାମିତ ତାହାର ୮୯୧ କିଲୋମିଟର ବ୍ୟାପି ଅଂଶ (ସାଦିଆରୁ ଧୁବ୍‌ରୀ ପର୍ଯ୍ୟନ୍ତ) ନୌପରିବହନ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରିବ । ମାତ୍ର ଏହି ଜଳପଥର ଆବଶ୍ୟକ ବିକାଶ ହୋଇନାହିଁ । ଏହାର ବିକାଶ ଘଟିଲେ ପ୍ରକାଣ୍ଡ ବ୍ରହ୍ମପୁତ୍ରରେ ଉଭୟ ମାଲ୍ ଓ ଯାତ୍ରୀ ପରିବହନ ନିରାପଦରେ ହୋଇପାରିବ । ସେହିଭଳି ବ୍ରହ୍ମପୁତ୍ରର ଉପର ଅଂଶ ପାଶିଘାଟଠାରେ ନିୟମିତ ଭାବେ ନୌପରିବହନ କାର୍ଯ୍ୟ ଚାଲିଛି; କିନ୍ତୁ ଏଠାରେ ଆବଶ୍ୟକତା ଅନୁସାରେ ବାର୍ଜ ଓ ବୋଟ ଆଦି ମିଳୁନଥିବାରୁ ଏହି ନୌପରିବହନ କାର୍ଯ୍ୟ ସୀମିତ ଭାବେ ଚାଲିଛି । ବ୍ରହ୍ମପୁତ୍ରର ଏହି ଖଣ୍ଡରେ ସୈନ୍ୟବାହିନୀ ନଦୀପଥକୁ ତାହାର ପରିବହନ ମାଧ୍ୟମ ଭାବେ ବ୍ୟବହାର କରିଥାଏ । ଏହି ପଥରେ ସେନାର ଯାନବାହନ ଓ ସାମଗ୍ରୀ ଆଦି ବଡ଼ବଡ଼ ବୋଟ୍‌ରେ ଲଦା ହୋଇ ବିଭିନ୍ନ ସ୍ଥାନକୁ ପଠାଯାଇଥାଏ ।

ଜଳପଥ-୨ର ଆରମ୍ଭ ସ୍ଥାନ ଧୁବ୍‌ରୀ ପୂର୍ବେ ଏକ ଉତ୍ତମ ନଦୀବନ୍ଦର ଥିଲା । ମାତ୍ର ତାହାର ଆବଶ୍ୟକ ରକ୍ଷଣାବେକ୍ଷଣ ହେଉନଥିଲା । ଏହି ବନ୍ଦରକୁ ବିଭିନ୍ନ ସ୍ଥାନରୁ ମାଛ ଓ ପନିପରିବା ପ୍ରଚୁର ପରିମାଣରେ ଆସୁଥିଲା । ସ୍ଥାନୀୟ ଲୋକଙ୍କ ଗୁଜରାଣ ମେଣ୍ଟାଇବା ସହ ଏସବୁକୁ ବାଂଲାଦେଶକୁ ରପ୍ତାନୀ କରାଯାଉଥିଲା ।

**ଭାରତ ବାଂଲାଦେଶ ପ୍ରୋଟୋକଲ ରୁଟ୍:** ଯୋଜନାକାରମାନେ ଉତ୍ତମ ଉଦ୍ଦେଶ୍ୟ ଓ ଦୂରଦୃଷ୍ଟି ରଖି ଜାତୀୟ ଜଳପଥ-୨କୁ ଜାତୀୟ ଜଳପଥ-୧ ସହ ସଂଯୁକ୍ତ କରିଛନ୍ତି । ଅର୍ଥାତ୍ ଗଙ୍ଗା/ହୁଗୁଳି ସହ ବ୍ରହ୍ମପୁତ୍ରର ମିଶ୍ରଣ ଘଟିଛି ବାଂଲାଦେଶ ଦେଇ । ଏଥିପାଇଁ ବାଂଲାଦେଶ ସହ ଏକ ରାଜିନାମା କରାଯାଇଛି । ଏହା ସତ୍ତ୍ୱେ ବାଂଲାଦେଶ ଦେଇ ଯାଇଥିବା ଏହି ଜଳପଥଟି ଯାହା ପ୍ରୋଟୋକଲ ରୁଟ୍ ନାମରେ ପରିଚିତ ତାହାର ଆବଶ୍ୟକ ବିକାଶ ଘଟିନାହିଁ । ମୁଖ୍ୟତଃ ବାଂଲାଦେଶର ପଦ୍ମା ନଦୀ ଏହି ପ୍ରୋଟୋକଲ ରୁଟ୍‌ର ମାଧ୍ୟମ ହୋଇଛି । ଏହି ଜଳପଥ ଖଣ୍ଡର ଗଭୀରତା, ଜଳପ୍ରବାହର ପରିମାଣ, ସୀମାପାର ପ୍ରସଙ୍ଗ, ବାଂଲାଦେଶ ଦେଇ ପରିବହନ ଆଦି ପ୍ରସଙ୍ଗ ସହ ଅନ୍ୟାନ୍ୟ ବୈଷୟିକ ତଥ୍ୟ ମିଳୁନଥିବାରୁ ଗଙ୍ଗା-ବ୍ରହ୍ମପୁତ୍ର ସଂଯୋଗ ପଥ ଦେଇ ନୌପରିବହନ ସମ୍ଭବ ହୋଇପାରୁନାହିଁ । ଏହା କାର୍ଯ୍ୟକାରୀ ହୋଇଥିଲେ ଭାରତର ମୁଖ୍ୟ ଭୂଖଣ୍ଡରୁ ଚାଉଳ, ଗହମ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟ ସ୍ଥଳପଥରେ ଦୀର୍ଘ ବାଟ ଅତିକ୍ରମ ନ କରି ଜଳପଥରେ ସହଜରେ ଉତ୍ତର-ପୂର୍ବାଞ୍ଚଳରେ ପହଞ୍ଚ ପାରନ୍ତା । ଏହା ଦ୍ୱାରା ସମୟ ଓ ଅର୍ଥ ଅପଚୟକୁ ରୋକାଯାଇ ପାରନ୍ତା । ଏ ବିଷୟରେ ଭାରତୀୟ ଖାଦ୍ୟ ନିଗମ କେବେ ଆଗ୍ରହ ପ୍ରକାଶ କରିନାହିଁ






କିମ୍ବା ପରିବହନ ପାଇଁ ଏଭଳି ସବୁଠୁ ଶସ୍ତା ମାର୍ଗର ଉପଯୋଗ କଥା ଚିନ୍ତା କରିନାହିଁ ।

ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ୧୯୮୮ରେ ଗଠିତ ହୋଇଥିଲା । ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏହି ପ୍ରାଧିକରଣ ଏକ ବୈଧାନିକ ସଂସ୍ଥା । ଆଭ୍ୟନ୍ତରୀଣ ଜଳପଥ ବିଶେଷତଃ ନଦୀ ଓ କେନାଲର ବିକାଶ ଘଟାଇ ଏହା ମାଧ୍ୟମରେ ନୌପରିବହନ ବ୍ୟବସ୍ଥାକୁ ସୁଗମ କରିବା ଏହାର ପ୍ରମୁଖ କାର୍ଯ୍ୟ । ସଂସ୍ଥା ମାଧ୍ୟମରେ ଜଳପଥର ବିକାଶ ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଦୁଇ ନମ୍ବର ଜାତୀୟ ଜଳପଥର ପାଣ୍ଡୁ ନିକଟରେ ଏକ ଜେଟି ବା ଘାଟ ନିର୍ମାଣ କରାଯାଇଛି ଯେଉଁଠୁ ସୁବିଧାରେ ମାଲ ଓ ଯାତ୍ରୀ ପରିବହନ କରାଯାଇପାରିବ । ଏହି ସ୍ଥାନଟି ଏକ ରେଳଷ୍ଟେସନର ମଧ୍ୟ ନିକଟବର୍ତ୍ତୀ । ଏହା ଏବେ ସେବା ଯୋଗାଇବାକୁ ପ୍ରସ୍ତୁତ । ସେହିଭଳି ପ୍ରାଧିକରଣ ପକ୍ଷରୁ ଧୁବ୍‌ରୀରେ ଏକ ଜେଟି ନିର୍ମାଣ ପ୍ରାୟ ଶେଷ ହୋଇଛି । ଏହା ସ୍ୱୟଂକ୍ରିୟ ବ୍ୟବସ୍ଥାରେ କୂଳରୁ ଯାତ୍ରୀ ଓ ମାଲ୍‌କୁ ବୋଟ ବା ଛୋଟ ଜାହାଜରେ ଚଢ଼ାଉତରା କରିବାକୁ ସକ୍ଷମ । ଏହାକୁ ରୋଭୋ (ରୋଲ୍ ଅଫ୍- ରୋଲ୍ ଅନ୍) ଜେଟି କୁହାଯାଉଛି । ତେବେ ସେଠାରେ ନଦୀର ଅପରପାର୍ଶ୍ୱରେ ଥିବା ହାତସିଂହମାରି ଜେଟିଟି ବାରମ୍ବାର କୂଳକ୍ଷୟ କାରଣରୁ କାର୍ଯ୍ୟକ୍ଷମ ହୋଇପାରୁନି । ପ୍ରୋଟୋକଲ ରୁଟ୍‌ର ଅନ୍ୟ ଅଂଶ କରିମଗଂଜ-ଆଶୁଗଂଜ ଭାଗ ଯାହା ବାଂଲାଦେଶ ମଧ୍ୟରେ ରହିଛି ସେଠା ସରକାରଙ୍କ ଅନୁମତି ଓ ସହଯୋଗ ଅଭାବରୁ ତାହା ବିକଶିତ ହୋଇପାରୁନାହିଁ ।

ଉତ୍ତରପୂର୍ବାଞ୍ଚଳରେ ଅତିରିକ୍ତ ୧୯ଟି ଜଳପଥକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଜାତୀୟ ଜଳମାର୍ଗର ମାନ୍ୟତା ଦେବା ପରେ ସେ ଅଞ୍ଚଳରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ଏସବୁ ନଦୀପଥର ସମନ୍ୱିତ ବିକାଶ ଘଟିଲେ ଜଳପଥ ଦେଇ ଉଭୟ ଯାତ୍ରୀ ଓ ମାଲ୍ ପରିବହନ ବ୍ୟବସ୍ଥା ସୁଗମ ହୋଇପାରିବ ଏବଂ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ଏହାଦ୍ୱାରା ଉପକୃତ ହେବ । ●

**ଅଧ୍ୟକ୍ଷ, ଜାତୀୟ ଜାହାଜ ଚଳାଚଳ ପରିଷଦ, ଜାହାଜ ଚଳାଚଳ ମନ୍ତ୍ରଣାଳୟ, ଭାରତ ସରକାର ।**

# ଉତ୍ତର-ପୂର୍ବାଞ୍ଚଳରେ ଶକ୍ତି ଉତ୍ପାଦନ: ସୁଯୋଗ ଓ ଆହ୍ୱାନ

କେ. ରାମନାଥନ

ବିଭିନ୍ନ ସାମାଜିକ-ଆର୍ଥିକ ମାପଦଣ୍ଡ, ଯେମିତି ମୁଣ୍ଡପିଛା ଆୟ, ଶକ୍ତି ବ୍ୟବହାର, ଉଦ୍ୟୋଗୀକରଣ ଆଦି କ୍ଷେତ୍ରରେ ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା, ଉତ୍ତର-ପୂର୍ବାଞ୍ଚଳ ପଛରେ ରହିଛି । ଅନ୍ୟ ରାଜ୍ୟ ତୁଳନାରେ ଏଠାରେ ଶକ୍ତିର ଅଭାବ, ଜାତୀୟ ହାରଠାରୁ ବହୁ ଉର୍ଦ୍ଧ୍ୱରେ । ଅବଶ୍ୟ ସିକିମ୍ ଏକ ବ୍ୟତିକ୍ରମ । ଏ ଅଞ୍ଚଳରେ ଜଳ-ବିଦ୍ୟୁତ ଓ ଅନ୍ୟ ନବିକରଣୀୟ ଶକ୍ତି ଉତ୍ସର ପ୍ରାଚୁର୍ଯ୍ୟ, ସାକ୍ଷରତାର ଉଚ୍ଚସ୍ତର ଏବଂ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ କରିବା କ୍ଷେତ୍ରରେ ସ୍ୱତନ୍ତ୍ର ଅଞ୍ଚଳର ମାନ୍ୟତା ଥିବା ସତ୍ତ୍ୱେ ଏଠାରେ ଶକ୍ତିର ଅଭାବ, ଆଶ୍ଚର୍ଯ୍ୟଜନକ ମନେହୁଏ । ଏ ଦୃଷ୍ଟିରୁ ଉତ୍ତର-ପୂର୍ବାଞ୍ଚଳରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ଉପରେ ଆଲୋଚନା ପ୍ରାସଙ୍ଗିକ ମନେହୁଏ । ଏହା ଦ୍ୱାରା ସମଗ୍ର ଦେଶ ମଧ୍ୟ ଲାଭାନ୍ୱିତ ହେବ । ତେବେ ଏଥିପାଇଁ ଏକ ବାସ୍ତବବାଦୀ ଓ ବହୁମୁଖୀ ନିତୀର ଆବଶ୍ୟକତା ରହିଛି ।

ବିଶ୍ୱର ଯେକୌଣସି କ୍ଷେତ୍ରର ସାମାଜିକ -ଆର୍ଥିକ ବିକାଶ ପାଇଁ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦେଶର ଉତ୍ତର-ପୂର୍ବାଞ୍ଚଳ ପାଇଁ ଶକ୍ତିର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । କାରଣ ବିଭିନ୍ନ ସାମାଜିକ-ଆର୍ଥିକ ମାପଦଣ୍ଡ, ଯେମିତି ମୁଣ୍ଡପିଛା ଆୟ, ଶକ୍ତି ବ୍ୟବହାର, ଉଦ୍ୟୋଗୀକରଣ ଆଦି କ୍ଷେତ୍ରରେ ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା, ଉତ୍ତର-ପୂର୍ବାଞ୍ଚଳ ପଛରେ ରହିଛି । ଅନ୍ୟ ରାଜ୍ୟ ତୁଳନାରେ ଏଠାରେ ଶକ୍ତିର ଅଭାବ, ଜାତୀୟ ହାରଠାରୁ ବହୁ ଉର୍ଦ୍ଧ୍ୱରେ । ଅବଶ୍ୟ ସିକିମ୍ ଏକ ବ୍ୟତିକ୍ରମ । ଏ ଅଞ୍ଚଳରେ ଜଳ-ବିଦ୍ୟୁତ ଓ ଅନ୍ୟ ନବିକରଣୀୟ ଶକ୍ତି ଉତ୍ସର ପ୍ରାଚୁର୍ଯ୍ୟ, ସାକ୍ଷରତାର ଉଚ୍ଚସ୍ତର ଏବଂ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ କରିବା କ୍ଷେତ୍ରରେ ସ୍ୱତନ୍ତ୍ର ଅଞ୍ଚଳର ମାନ୍ୟତା ଥିବା ସତ୍ତ୍ୱେ ଏଠାରେ ଶକ୍ତିର ଅଭାବ, ଆଶ୍ଚର୍ଯ୍ୟଜନକ ମନେହୁଏ । ଏ ଦୃଷ୍ଟିରୁ ଉତ୍ତର-ପୂର୍ବାଞ୍ଚଳରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ଉପରେ ଆଲୋଚନା ପ୍ରାସଙ୍ଗିକ ମନେହୁଏ । ଏହା ଦ୍ୱାରା ସମଗ୍ର ଦେଶ ମଧ୍ୟ ଲାଭାନ୍ୱିତ ହେବ । ତେବେ ଏଥିପାଇଁ ଏକ ବାସ୍ତବବାଦୀ ଓ ବହୁମୁଖୀ ନିତୀର ଆବଶ୍ୟକତା ରହିଛି । ତା' ସହିତ ଆବଶ୍ୟକ ଏକ ବହୁବିଧ ରଣନିତୀର । ଏଥିପାଇଁ ଯେଉଁ କେତେକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଜୋର ଦିଆଯିବା ଦରକାର, ସେଗୁଡ଼ିକ ହେଲା : - ବ୍ୟବହାର-ଉପଯୋଗୀ ଅବ୍ୟବହୃତ ଶକ୍ତି ଉତ୍ସଗୁଡ଼ିକର ତ୍ୱରିତ ବିକାଶ, ଶକ୍ତି ପାଇଁ ଆଞ୍ଚଳିକ ଚାହିଦା, ରପ୍ତାନୀ ସମ୍ଭାବନା, ବିଦ୍ୟୁତ୍ ପ୍ରେଷଣ ଓ ବିତରଣ ବ୍ୟବସ୍ଥାର ସଂପ୍ରସାରଣ, ନିତୀ ନିର୍ଦ୍ଧାରଣ, ନିୟନ୍ତ୍ରଣ ବ୍ୟବସ୍ଥା, ଶାସନ ତନ୍ତ୍ର ଏବଂ ମାନବ ସମ୍ବଳ ବିକାଶ । ଏହି ଅଞ୍ଚଳରେ ଥିବା ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତାର ୯୦% ବା ପ୍ରାୟ ୫୬୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ, ଏବେ ମଧ୍ୟ ସମ୍ଭାବନାରେ ହିଁ ସୀମିତ ରହିଛି । ତେଣୁ ଏହିସବୁ ଉତ୍ସଗୁଡ଼ିକର ସଦୁପଯୋଗ କରାଗଲେ, ତାହା ଯେ କେବଳ ସେହି ଅଞ୍ଚଳର ଶକ୍ତି ଚାହିଦା ମେଣ୍ଟାଇବାରେ ସକ୍ଷମ ହେବ ତା' ନୁହେଁ, ବରଂ ସମଗ୍ର ଦେଶର ସ୍ୱଚ୍ଛ-ଶକ୍ତି ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସହାୟକ ହେବ । ଏତଦ୍‌ବ୍ୟତୀତ, ଏଭଳି ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ, ନିର୍ମାଣ ଢାଞ୍ଚା ଅନୁଯାୟୀ ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ଦିଗରେ ମଧ୍ୟ ସହାୟକ ହୋଇ ପାରିବେ ।

ତେବେ, ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ କେତେକ ଆହ୍ୱାନ ମଧ୍ୟ ରହିଛି । ସେଗୁଡ଼ିକ ମଧ୍ୟରେ ରହିଛି, ଅଧିକ ପୁଞ୍ଜି ନିବେଶ, ପ୍ରକଳ୍ପ ନିର୍ମାଣର ଲମ୍ବା ଅବଧି, ଜଳଉତ୍ସ ସଂପର୍କିତ ଭୌଗୋଳିକ ପରିବର୍ତ୍ତନର ଆଶଙ୍କା, ଜଳଚର ପ୍ରାଣୀଙ୍କ ଉପରେ ପ୍ରଭାବ, ଜନସ୍ୱାସ୍ଥ୍ୟ, ଭୂମିକମ୍ପ, ବିସ୍ଥାପନ ଓ ଥଇଥାନ ଇତ୍ୟାଦି । ଏତଦ୍‌ବ୍ୟତୀତ ରହିଛି ଆଇନଶୃଙ୍ଖଳା ବିଷୟ, ଜମି ରେକର୍ଡ ଅଭାବ ଜନିତ ହିତାଧିକାରୀ ଚୟନରେ ଅସୁବିଧା, ପ୍ରକଳ୍ପ ପାଇଁ ଆବଶ୍ୟକ ଅନୁମୋଦନ ପ୍ରାପ୍ତିରେ ବିଳମ୍ବ ଏବଂ ଅନୁନ୍ନତ ସଡ଼କ ଯୋଗାଯୋଗ ବ୍ୟବସ୍ଥା । ଏସବୁ ଅନ୍ତରାୟ ଯୋଗୁଁ ପ୍ରକଳ୍ପ

ଖର୍ଚ୍ଚ ଏବଂ ପ୍ରକଳ୍ପ ସମାପ୍ତି ଅବଧିରେ ବୃଦ୍ଧି ଘଟିଥାଏ । ପୁଞ୍ଜି ନିବେଶକାରୀମାନେ ମଧ୍ୟ ହତୋତ୍ସାହିତ ହୋଇଥାନ୍ତି । 'ଟେରୀ' ଦ୍ୱାରା ନିକଟ ଅତୀତରେ କରାଯାଇଥିବା ଏକ ଅନୁସନ୍ଧାନରୁ ଏଭଳି କେତେକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି । ସେଗୁଡ଼ିକ ମଧ୍ୟରେ ରହିଛି ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ଅଧିବାସୀ ନିଜ ସଂସ୍କୃତି ଓ ପରମ୍ପରା ହରାଇବାର ଆଶଙ୍କା ଓ ସଂପୂର୍ଣ୍ଣ ମୁଦ୍ରା-ଆଧାରିତ ସ୍ଥାନୀୟ ଅର୍ଥନୀତିରେ ପରିବର୍ତ୍ତନର ଆଶଙ୍କା । ଏହା ସହିତ ରହିଛି ସ୍ଥାନୀୟ ଅଂଚଳରେ ଏଭଳି ଜଳ-ବିଦ୍ୟୁତ୍ ପ୍ରକଳ୍ପ ସମ୍ଭାବନାର ବାସ୍ତବ ଦିଗଗୁଡ଼ିକ, ଯେଉଁଥିରେ ଜଳଉତ୍ସ ଉପରେ ପଡୁଥିବା ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବ ଅନ୍ତର୍ଭୁକ୍ତ ।

ଏହିସବୁ ଆହ୍ୱାନଗୁଡ଼ିକ ଜଟିଳ ଏବଂ ସାମାଜିକ ଓ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ମଧ୍ୟ । ଏଥିପାଇଁ ଆବଶ୍ୟକ ରଣନୀତିରେ ନିମ୍ନୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବା ଉଚିତ (କ) ସଠିକ୍ ଯୋଜନା ପ୍ରଣୟନ ଓ ସମନ୍ୱିତ କାର୍ଯ୍ୟାନ୍ୱୟନ (ଖ) ଜଳ ଉତ୍ସ ସଂପର୍କିତ ସମ୍ବେଦନଶୀଳତାର ମୂଲ୍ୟାୟନ (ଗ) ଆନ୍ତର୍ଜାତୀୟ ଜଳବିଦ୍ୟୁତ୍ ସଂଘର ନିୟମ ଅନୁଯାୟୀ ସ୍ଥାନୀୟ ଆବଶ୍ୟକତା ଭିତ୍ତିରେ ପ୍ରକଳ୍ପର ଧାରଣଶୀଳତା ନିର୍ଦ୍ଧାରଣ (ଘ) ସ୍ୱଚ୍ଛ ଓ ଦକ୍ଷତା ସଂପନ୍ନ ପରିବେଶ-ପ୍ରଭାବ ଆକଳନ (ଙ) ପ୍ରକଳ୍ପ ପାଇଁ ଆବଶ୍ୟକ ଅନୁମୋଦନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ତ୍ୱରାନ୍ୱିତ କରିବା କାର୍ଯ୍ୟ ଏବଂ (ଚ) ନାଗରିକ ସମାଜ ଓ ଜନସାଧାରଣଙ୍କ ସହିତ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରକଳ୍ପ ସଂପର୍କିତ ବିଚାର-ବିମର୍ଶ । ବିଭିନ୍ନ ସଂଘୀୟ ଓ ନଦୀ-ସଂପର୍କିତ ବିଷୟକୁ ନେଇ ରାଜନୈତିକ ଭାବେ ଗ୍ରହଣୀୟ ହେଉଥିବା ସମାଧାନ ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ ।

ଶକ୍ତି ଉତ୍ପାଦନର ଅନ୍ୟତମ ଦିଗ ହେଉଛି ନବୀକରଣୀୟ ଶକ୍ତି ଉତ୍ସ । କ୍ଷୁଦ୍ର ଜଳ-ବିଦ୍ୟୁତ୍ ପ୍ରକଳ୍ପ, ଜୈବିକ ଉତ୍ସ ଏବଂ ସୌରଶକ୍ତିର ସଦ୍‌ବିନିଯୋଗ ଦ୍ୱାରା ମଧ୍ୟ ଏହି ଅଂଚଳର ଦୂରବର୍ତ୍ତୀ ଗ୍ରାମ ଓ ଗୃହକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇ ପାରିବ । ଏକ ଆକଳନ ଅନୁଯାୟୀ, ସଂପୃକ୍ତ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ୨୨୦୦ ମେଗାୱାଟ୍ କ୍ଷମତା ଥିବା ୧୦୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ସମ୍ଭାବନା ରହିଛି । ଏତଦ୍‌ବ୍ୟତୀତ, ଜୈବ ଉତ୍ସର ସଦ୍-ବିନିଯୋଗ ଦ୍ୱାରା ସ୍ଥାନୀୟ ଗ୍ରାମାଞ୍ଚଳର ବିଦ୍ୟୁତ୍ ଚାହିଦା ମେଣ୍ଟାଇବାର ମଧ୍ୟ ସମ୍ଭାବନା ରହିଛି । ସେହିଭଳି ସୌରଶକ୍ତି ଉତ୍ପାଦନର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି । ଏଥି ଅନୁଯାୟୀ, ଉତ୍ତର-ପୂର୍ବାଞ୍ଚଳର ଅନ୍ତତଃ ଆଠଟି ସହର ପାଇଁ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ଯୋଜନା ଅଧୀନରେ ସୌରଶକ୍ତି ବିକାଶ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇସାରିଛି । ଅଗରତାଲା ଓ ଆଇଜଲ୍ ସହରକୁ ସୌରଶକ୍ତି ସଂପନ୍ନ ସହର ଭାବେ ବିକଶିତ କରାଯାଉଛି ।

ଏଭଳି ପ୍ରକଳ୍ପଗୁଡ଼ିକର ନିର୍ମାଣରେ ମୁଖ୍ୟ ଅନ୍ତରାୟ ହେଉଛି ଦୂରତା, ବିସ୍ଥାପନ ସମସ୍ୟା, ପୁଞ୍ଜି ନିବେଶକାରୀଙ୍କ ଅନାଗ୍ରହ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂପର୍କିତ ବ୍ୟବସାୟିକ ଢାଞ୍ଚା । ତେଣୁ, ସ୍ଥାନୀୟ ବିଦ୍ୟୁତ୍ ଆବଶ୍ୟକତା ଏବଂ ଉପଯୋଗକ୍ଷମ ଜଳବିଦ୍ୟୁତ୍ ଉତ୍ସର ସଠିକ୍ ଆକଳନ ହେବା ଉଚିତ । କେବଳ ଜଳବିଦ୍ୟୁତ୍ ଉତ୍ପାଦନ ନୁହେଁ, ବରଂ ବିଦ୍ୟୁତ୍ ପ୍ରେଷଣ ଓ ବଣ୍ଟନ ବିଷୟରେ ମଧ୍ୟ ବିଭିନ୍ନ ସମସ୍ୟାମାନ ରହିଛି । ଏଥିପାଇଁ ବ୍ୟୟବହୁଳ ସଂପ୍ରେଷଣ ଓ ଆବଣ୍ଟନ ବ୍ୟବସ୍ଥା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରକଳ୍ପ କାର୍ଯ୍ୟକାରିତାର ପ୍ରାରମ୍ଭ ବର୍ଷଗୁଡ଼ିକରେ ବିଦ୍ୟୁତ୍ ସମ୍ପର୍କିତ କର ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହା ପଛରେ ଥିବା କାରଣଗୁଡ଼ିକ ହେଉଛି ସ୍ଥାନୀୟ ଅଞ୍ଚଳର ପ୍ରତିକୂଳ ଭୌଗୋଳିକ ଅବସ୍ଥା, ବିଦ୍ୟୁତ୍ ଯୋଗାଣରେ ଅସୁବିଧା ଏବଂ ଏ କ୍ଷେତ୍ରରେ ମିଳୁଥିବା କାର୍ଯ୍ୟାବଧି ।

ଏସବୁ ସମସ୍ୟାର ସମାଧାନ ପାଇଁ ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ: (କ) ବିଦ୍ୟୁତ୍ ଉତ୍ପାଦନ ପାଇଁ ଦୀର୍ଘସ୍ଥାୟୀ ଯୋଜନା (ଖ) ବିଦ୍ୟୁତ୍ ଚାହିଦା ଓ ବଜାର ଆକଳନ (ଗ) ନଦୀ ବେସିନ୍ ଅନୁଯାୟୀ ବିକାଶ ଯୋଜନା (ଘ) ପରିବହନ ଜନିତ କଟକଣା ଦୂରୀକରଣ (ଙ) ସଂପ୍ରେଷଣ ଜନିତ କ୍ଷତି ହ୍ରାସ (ଚ)

**ପୁଞ୍ଜି ନିବେଶକାରୀମାନେ ମଧ୍ୟ ହତୋତ୍ସାହିତ ହୋଇଥାନ୍ତି । 'ଟେରୀ' ଦ୍ୱାରା ନିକଟ ଅତୀତରେ କରାଯାଇଥିବା ଏକ ଅନୁସନ୍ଧାନରୁ ଏଭଳି କେତେକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି । ସେଗୁଡ଼ିକ ମଧ୍ୟରେ ରହିଛି ପ୍ରକଳ୍ପ ଯୋଗୁଁ ସ୍ଥାନୀୟ ଅଧିବାସୀ ନିଜ ସଂସ୍କୃତି ଓ ପରମ୍ପରା ହରାଇବାର ଆଶଙ୍କା ଓ ସଂପୂର୍ଣ୍ଣ ମୁଦ୍ରା-ଆଧାରିତ ସ୍ଥାନୀୟ ଅର୍ଥନୀତିରେ ପରିବର୍ତ୍ତନର ଆଶଙ୍କା । ଏହା ସହିତ ରହିଛି ସ୍ଥାନୀୟ ଅଂଚଳରେ ଏଭଳି ଜଳ-ବିଦ୍ୟୁତ୍ ପ୍ରକଳ୍ପ ସମ୍ଭାବନାର ବାସ୍ତବ ଦିଗଗୁଡ଼ିକ, ଯେଉଁଥିରେ ଜଳଉତ୍ସ ଉପରେ ପଡୁଥିବା ଜଳବାୟୁ ପରିବର୍ତ୍ତନର କୁ-ପ୍ରଭାବ ଅନ୍ତର୍ଭୁକ୍ତ ।**

ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ (ଛ) ସଠିକ୍ ବିଶ୍ଳେଷଣ । ଏତଦ୍‌ବ୍ୟତୀତ ଆନ୍ତଃ-ଗ୍ରିଡ୍ ସମନ୍ୱୟ ଏବଂ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତି ମଧ୍ୟ ଧ୍ୟାନ ଦେବା ବାଞ୍ଛନୀୟ ।

ବିଦ୍ୟୁତ୍ ଚାହିଦା ଓ ଯୋଗାଣ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ବୃଦ୍ଧି ଏକାନ୍ତ ଆବଶ୍ୟକ । ବିଦ୍ୟୁତ୍ ଅଧିନିୟମ, ଶକ୍ତି ସଂରକ୍ଷଣ ଅଧିନିୟମ ଏବଂ ଉନ୍ନତ ଶକ୍ତି ଦକ୍ଷତା ଜାତୀୟ ମିଶନ ଆଦିରେ ଏଥିପାଇଁ ଆବଶ୍ୟକ ଆଇନଗତ ସୁବିଧା ରହିଛି । ତେବେ, ଏ କ୍ଷେତ୍ରରେ ନୀତି ପ୍ରଣୟନ ଓ ସୁଶାସନର ମଧ୍ୟ ଆବଶ୍ୟକତା ରହିଛି । ଆବଶ୍ୟକସ୍ଥଳେ, ଏଭଳି ନୀତି ମାଧ୍ୟମରେ ଉଭୟ ସରକାରୀ ଓ ବେସରକାରୀ ଅଂଶଗ୍ରହଣକୁ ମଧ୍ୟ ସୁନିଶ୍ଚିତ କରାଯିବା ଦରକାର । ଏହା ଦ୍ୱାରା କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହିତ, ପାଣ୍ଠି ଯୋଗାଡ଼ ମଧ୍ୟ ଅପେକ୍ଷାକୃତ ଭାବେ ସହଜ ହୋଇପାରିବ । ତେବେ, ଏଭଳି ନୀତିଗୁଡ଼ିକର ମଧ୍ୟ ନିୟମିତ ସମୟ ବ୍ୟବଧାନରେ ସମୀକ୍ଷା ହେବା ଆବଶ୍ୟକ । ଏ କ୍ଷେତ୍ରରେ ମାନବ ସମ୍ବଳ ଉପରେ ପ୍ରାଧାନ୍ୟ ଦିଆଯିବା ଉଚିତ । ଏଥିଅନୁଯାୟୀ ବିଭିନ୍ନ ଯାନ୍ତ୍ରିକ ବିଭାଗ ସଂପର୍କିତ ଦକ୍ଷତା ବୃଦ୍ଧି ତାଲିମ, ପ୍ରକଳ୍ପ ପରିଚାଳନା ଓ ନିୟନ୍ତ୍ରଣ ଉପରେ ଧ୍ୟାନ ଦିଆଯିବା ଉଚିତ ।

**ବିଦ୍ୟୁତ୍ ଚାହିଦା ଓ ଯୋଗାଣ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ବୃଦ୍ଧି ଏକାନ୍ତ ଆବଶ୍ୟକ । ବିଦ୍ୟୁତ୍ ଅଧିନିୟମ, ଶକ୍ତି ସଂରକ୍ଷଣ ଅଧିନିୟମ ଏବଂ ଉନ୍ନତ ଶକ୍ତି ଦକ୍ଷତା ଜାତୀୟ ମିଶନ ଆଦିରେ ଏଥିପାଇଁ ଆବଶ୍ୟକ ଆଇନଗତ ସୁବିଧା ରହିଛି । ତେବେ, ଏ କ୍ଷେତ୍ରରେ ନୀତି ପ୍ରଣୟନ ଓ ସୁଶାସନର ମଧ୍ୟ ଆବଶ୍ୟକତା ରହିଛି ।**

ଉତ୍ତର ପୂର୍ବାଞ୍ଚଳରେ ଧାରଣକ୍ଷମ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବହୁ ଆହ୍ୱାନ ସମେତ ବହୁ ସମ୍ଭାବନା ମଧ୍ୟ ରହିଛି । ତେଣୁ ଏଥିପାଇଁ ଆବଶ୍ୟକ ଏକ ବହୁମୁଖୀ କାର୍ଯ୍ୟଯୋଜନା । ଏଥିରେ ପ୍ରକଳ୍ପ ସଂପର୍କିତ ବିଭିନ୍ନ ଦିଗ ସମାହିତ ହେବା ଉଚିତ । ପରିଶେଷରେ ଏତିକି କୁହାଯାଇପାରେ ଯେ, ଉତ୍ତର-ପୂର୍ବାଞ୍ଚଳରେ ଏଭଳି ପ୍ରକଳ୍ପଗୁଡ଼ିକ ଜରିଆରେ ସ୍ଥାନୀୟ ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ସହିତ, ସ୍ୱଚ୍ଛ ଶକ୍ତି ପାଇଁ ସମଗ୍ର ଦେଶର ଚାହିଦା ମଧ୍ୟ ଅନେକାଂଶରେ ଦୂରୀଭୂତ ହୋଇପାରିବ । ଏହା ଦ୍ୱାରା, ସବୁଜ ଗୃହ ବାଷ୍ପ ନିର୍ଗମନ ପରିମାଣ ହ୍ରାସ ସଂପର୍କିତ ଲକ୍ଷ୍ୟ ହାସଲ ହେବା ସହିତ ସୌର ଓ ପବନ ଶକ୍ତି ସଂପର୍କିତ ଗ୍ରିଡ୍‌ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିବ । ●




ଲେଖକ ନୂଆଦିଲ୍ଲୀସ୍ଥିତ ଶକ୍ତି ଓ ଗବେଷଣା ସଂସ୍ଥା ସହିତ ସଂପୃକ୍ତ ।

# କେନ୍ଦ୍ର ବଜେଟ୍ ୨୦୧୬-୧୭ରେ ଉତ୍ତର-ପୂର୍ବାଞ୍ଚଳ

**୨**୦୧୫-୧୬ ଆର୍ଥିକ ବର୍ଷ ପାଇଁ ଉତ୍ତର-ପୂର୍ବାଂଚଳ ବିକାଶ ସକାଶେ ବଜେଟ୍‌ରେ ୨୩୩୪.୫୦ କୋଟି ଟଙ୍କାର ବ୍ୟବସ୍ଥା ଥିଲା । ୨୦୧୬-୧୭ ବଜେଟ୍‌ରେ ତାହା ୨୪୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏଥର ବଜେଟ୍‌ରେ ଉତ୍ତର ପୂର୍ବାଂଚଳର ସାମଗ୍ରିକ ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଛ । ସଂପୃକ୍ତ ଅଂଚଳରେ ଯୋଗାଯୋଗ ବ୍ୟବସ୍ଥା, କୌଶଳ ବିକାଶ ଓ ଜୈବ ମୂଲ୍ୟ ଶୃଙ୍ଖଳ ବିକାଶ ପାଇଁ ପ୍ରଚେଷ୍ଟା କରାଯାଇଛି । ଏଥିମଧ୍ୟରୁ ସବୁଠାରୁ ବଡ଼ କାର୍ଯ୍ୟକ୍ରମଟି ହେଉଛି ଜୈବ ମୂଲ୍ୟ ଶୃଙ୍ଖଳ ବା organic value chain development । ୧୧୫ କୋଟି ଟଙ୍କାର ଏହି ପ୍ରକଳ୍ପ, ସମଗ୍ର ଉତ୍ତର ପୂର୍ବାଞ୍ଚଳ ପାଇଁ ଏକ ପରିବର୍ତ୍ତକ ସାଜିବ ବୋଲି ଆଶା କରାଯାଉଛି । ଏ କ୍ଷେତ୍ରରେ ଥିବା ଜୈବ ସମ୍ପଦ ପୃଷ୍ଠଭୂମିରେ ଏଠାରେ ଉଦ୍ୟମିତା ଓ ନୂତନ ଉଦ୍ୟୋଗ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ନିକଟ ଅତୀତରେ ସିକ୍କିମ୍‌କୁ ଦେଶର ପ୍ରଥମ ଜୈବ ରାଜ୍ୟ ଭାବେ ଘୋଷଣା କରିଛନ୍ତି ।

ଉତ୍ତର-ପୂବାଞ୍ଚଳ ସକାଶେ ସର୍ବମୋଟ୍ ୫୬ଟି ମନ୍ତ୍ରଣାଳୟ ଜରିଆରେ ୩୩୦୯୭.୦୨ କୋଟି ଟଙ୍କା ଆବଣ୍ଟିତ ହୋଇଛି । ଉତ୍ତର-ପୂର୍ବାଂଚଳ ଯୋଜନା ପାଇଁ ।ଏହି ବଜେଟ୍‌ରେ ୭୯୫ କୋଟି ଟଙ୍କାର ବ୍ୟବସ୍ଥା ରହିଛି । ସେହିପରି ଉତ୍ତର-ପୂର୍ବାଞ୍ଚଳ ସଡ଼କ କ୍ଷେତ୍ର ବିକାଶ ଯୋଜନା ପାଇଁ ୧୫୦ କୋଟି ଟଙ୍କା ଆବଣ୍ଟିତ ହୋଇଛି । ।ଏହି ଯୋଜନା ଅଧୀନରେ ଆନ୍ତଃ-ରାଜ୍ୟ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ । ଏଥିସକାଶେ ଏସୀୟ ବିକାଶ ବ୍ୟାଙ୍କ ମଧ୍ୟ ପାଣ୍ଠି ଯୋଗାଇବ । ଉତ୍ତର-ପୂର୍ବାଞ୍ଚଳ ବିକାଶ ବିତ୍ତ ନିଗମ ପାଇଁ ନୂତନ ବଜେଟ୍‌ରେ ୭୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏହା ସଂପୃକ୍ତ ଅଂଚଳରେ ପ୍ରଧାନମନ୍ତ୍ରୀଙ୍କ ଷ୍ଟାର୍ଟ-ଅପ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ । ସେହିଭଳି କୌଶଳ ବିକାଶ ପାଇଁ ଆବଣ୍ଟିତ ଅର୍ଥକୁ ୧୬ କୋଟି ଟଙ୍କାରୁ ୫୬ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ନୂତନ ଉଦ୍ୟୋଗଗୁଡ଼ିକ ପାଇଁ, ୩ ବର୍ଷିଆ ଟିକସ-ଛାଡ଼ ଯୋଜନା ଓ ତିନିମାସିଆ ପ୍ରସ୍ଥାନ ଯୋଜନା ବ୍ୟତିରେକ, ଉତ୍ତର ପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଭେଂଚର ଫଣ୍ଡ୍ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ନୂତନ ଉଦ୍ୟୋଗଗୁଡ଼ିକ ଉପରୁ ଆର୍ଥିକ ବୋଝ ହ୍ରାସ ପାଇବ । ସେହିପରି, ଗ୍ରାମୀଣ ଜୀବିକାର୍ଜନ ପାଇଁ ୧୫୦ କୋଟି ଟଙ୍କା ଆବଣ୍ଟିତ ହୋଇଛି ।

ଉତ୍ତର-ପୂର୍ବାଞ୍ଚଳର ବିକାଶ ପାଇଁ ଏହାର ପ୍ରକୃତ ଚିତ୍ର, ସମଗ୍ର ଦୋ ସମ୍ମୁଖରେ ଉପସ୍ଥାପିତ ହେବା ଆବଶ୍ୟକ । ଏଥିପାଇଁ ବଜେଟ୍‌ରେ ୧୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହା ଗତବର୍ଷ ତୁଳନାରେ ୬୦ ପ୍ରତିଶତ ଅଧିକ । ଏହି ଅର୍ଥରେ ଦେଶର କେତେକ ସ୍ଥାନରେ ହସ୍ତତନ୍ତ ଆଦି ବିଭିନ୍ନ କ୍ଷେତ୍ରରେ ସଂପୃକ୍ତ ଅଂଚଳର ଦକ୍ଷତା ଓ କ୍ଷମତାକୁ ପ୍ରଦର୍ଶିତ କରାଯିବ । ନିକଟଅତୀତରେ ନୂଆଦିଲ୍ଲୀଠାରେ 'ଗନ୍ତବ୍ୟ ୨୦୧୬ ଉତ୍ତର ପୂର୍ବାଂଚଳ' ନାମକ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆସନ୍ତା ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମୁମ୍ବାଇ ଓ ବାଙ୍ଗାଲୁରୁଠାରେ ଏଭଳି ଉତ୍ସବ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି ।

ଭାରତରେ 'ପୂର୍ବାଭିମୁଖୀ' ନୀତି ପରିପ୍ରେକ୍ଷୀରେ, ଉତ୍ତର-ପୂର୍ବାଂଚଳ ବିକାଶ ମନ୍ତ୍ରଣାଳୟ ତରଫରୁ ଏହି ଅଂଚଳ ଓ ବାଂଲାଦେଶ ଭିତରେ ରେଳ ଯୋଗାଯୋଗ ବ୍ୟବସ୍ଥା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ବଜେଟ୍‌ରେ ୫୮୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ସମଗ୍ର ଦେଶରେ ଉଚ୍ଚଶିକ୍ଷା କ୍ଷେତ୍ରର ବିକାଶ ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଥିମଧ୍ୟରୁ ଉତ୍ତର-ପୂର୍ବାଞ୍ଚଳର ଭାଗ ହେଉଛି ୧୬୨୩ କୋଟି ଟଙ୍କା । ସେହିପରି ବୋଡ଼ୋଲ୍ୟାଣ୍ଡ୍ ଆଦିବାସୀ ପରିଷଦ ପାଇଁ ୩୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ●

# ଆପଣ ଜାଣନ୍ତି କି ?

## ଗନ୍ତବ୍ୟ ୨୦୧୬: ଉତ୍ତର ପୂର୍ବାଞ୍ଚଳ

ପ୍ରଥମଥର ପାଇଁ ଏହି ଉତ୍ସବ ନୂଆଦିଲ୍ଲୀଠାରେ ଗତ ଫେବୃୟାରୀ ୧୨ ତାରିଖରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଉତ୍ସବ କୁ ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଡ. ଜିତେନ୍ଦ୍ର ସିଂ ଓ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ କିରେନ୍ ରିଜିଜୁ ଉଦ୍‌ଘାଟନ କରିଥିଲେ ।

ଜାତୀୟ ସ୍ତରରେ ଉତ୍ତର-ପୂର୍ବାଞ୍ଚଳର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଶକ୍ତି ପ୍ରଦର୍ଶନ ପାଇଁ ଏହି ଆୟୋଜନ କରାଯାଇଥିଲା । ଆଗାମୀ ସମୟରେ ଏହା ମୁମ୍ବାଇ ଓ ବାଙ୍ଗାଲୁରୁଠାରେ ମଧ୍ୟ ଅନୁଷ୍ଠିତ ହେବ । କାରଣ, ଷ୍ଟାର୍ଟ-ଅପ୍ ପ୍ରକଳ୍ପ ଓ ଯୁବ ଉଦ୍ୟୋଗୀଙ୍କ ପାଇଁ ଉତ୍ତର-ପୂର୍ବାଞ୍ଚଳ ହେବ ଏକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ । ଏହା ଦ୍ୱାରା ଉତ୍ତର-ପୂର୍ବାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ମନ୍ତ୍ରଣାଳୟ ନେଇଥିବା ପଦକ୍ଷେପଗୁଡ଼ିକ ମଧ ଏହି ଆୟୋଜନରେ ପ୍ରଦର୍ଶିତ ହେବ ।

ଏହି ଉତ୍ସବର ଉଦ୍‌ଘାଟନ ପରେ ପରେ ଉତ୍ତର-ପୂର୍ବାଞ୍ଚଳର ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅଧିବେଶନ ଆୟୋଜିତ ହୋଇଥିଲା । ପ୍ରଥମ ଦିନରେ ପର୍ଯ୍ୟଟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ବିଷୟରେ ଏବଂ ଦ୍ୱିତୀୟ ଦିନରେ ଉତ୍ତର-ପୂର୍ବାଞ୍ଚଳରେ ଜୀବନ ଜୀବିକାର ସମ୍ଭାବନା, ନୂତନ ଉଦ୍ୟୋଗ ଏବଂ ସ୍ୱଳ୍ପ-ଋଣ ପ୍ରଦାନ ପାଇଁ ବ୍ୟବସ୍ଥା, କୌଶଳ ବିକାଶ, ହସ୍ତତନ୍ତ ଆଦି ବିଷୟ ଉପରେ ଆଲୋଚନାଚକ୍ରଗୁଡ଼ିକ ଅନୁଷ୍ଠିତ ହୋଇଥିଲା ।

ତୃତୀୟ ଦିନ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମର । ଏଥିରେ ବିହୁ ନୃତ୍ୟ, ସେହି ଅଂଚଳର ଲୋକପ୍ରିୟ ରକ୍ ସଂଗୀତ ସମେତ ଏନ୍.ଆଇ.ଏଫ୍.ଟି. ଦ୍ୱାରା ଫେସନ ସୋ ମଧ ଆୟୋଜିତ ହୋଇଥିଲା । ଏହି ଅବସରରେ ଉତ୍ତର-ପୂର୍ବାଞ୍ଚଳର ନୃତ୍ୟ, ସଂଗୀତ ଏବଂ ସଂସ୍କୃତିର ପ୍ରସାର ପାଇଁ ଛାତ୍ରଛାତ୍ରୀଙ୍କ ସକାଶେ କୁଇଜ୍, ନୃତ୍ୟ, ସଂଗୀତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏତଦ୍‌ବ୍ୟତୀତ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତତନ୍ତ, କୌଶଳ ବିକାଶ, ଜୀବନଜୀବିକା ଆଦି ବିଷୟରେ ବ୍ୟବସାୟିକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା ।ସେହିଭଳି, ଏହି ଉତ୍ସବରେ ଉତ୍ତର-ପୂର୍ବାଞ୍ଚଳର ପ୍ରତ୍ୟେକ ରାଜ୍ୟ ନିଜ ନିଜ ବେଶଭୂଷା, ବସ୍ତ୍ର, କଳାକୃତି, ଆସବାବପତ୍ର, ବାଉଁଶ ଚିତ୍ର ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀ ମଧ୍ୟ ଷ୍ଟଲ୍‌ଗୁଡ଼ିକ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । ●



# ଓଡ଼ିଶାରେ ନଦୀ ସଂଯୋଗୀ କରଣ ଓ ଜଳ ସେଚନ

ବରେନ୍ଦ୍ର କୃଷ୍ଣ ଧଳ



ଓଡ଼ିଶାର ବଡ଼ନଦୀ ମହାନଦୀ

**ଏବେ କେନ୍ଦ୍ର ସରକାର ଦେଶରେ ବିଭିନ୍ନ ନଦୀ ସଂଯୋଗୀକରଣ ପାଇଁ ଗୁରୁତ୍ୱର ସହ ବିଚାର କରୁଛନ୍ତି । ସଂପ୍ରତି କେନ୍ଦ୍ର ଜଳ ସେଚନ ମନ୍ତ୍ରୀ ଉମା ଭାରତୀ ଭୁବନେଶ୍ୱରରେ ଓଡ଼ିଶାର ମହାନଦୀ ଓ ଆନ୍ଧ୍ରର ଗୋଦାବରୀ ନଦୀ ମଧ୍ୟରେ ସଂଯୋଗୀକରଣ ପାଇଁ ଓଡ଼ିଶାକୁ ପ୍ରସ୍ତାବ ଦେଇଛନ୍ତି । ନଦୀ ସଂଯୋଗ ଦ୍ୱାରା ଜଳସେଚନ ବ୍ୟବସ୍ଥାରେ ଅଧିକ ଉନ୍ନତି ଅଣାଯାଇପାରିବ ବୋଲି କେନ୍ଦ୍ର ସରକାର ବିଚାର କରୁଛନ୍ତି ।**

ରାଜ୍ୟର ବିଭିନ୍ନ ନଦୀ ଧୀରେ ଧୀରେ ଶୁଷ୍କ ହୋଇ ଯାଉଛି । କୋଡ଼ିଏ ବର୍ଷ ପୂର୍ବରୁ ବିଭିନ୍ନ ନଦୀରେ ଯେତିକି ଜଳ ଥିଲା ବା ରହୁଥିଲା ଏବେ ସେଥିରୁ ଶତକଡ଼ା ୭୦ଭାଗ ଜଳ ହ୍ରାସ ପାଇଗଲାଣି । ପରିସ୍ଥିତି ଏଭଳି ଅବସ୍ଥାରେ ପହଞ୍ଚିଲାଣି ଯେ ଅନେକ ନଦୀଘାଟମାନଙ୍କରେ ଜଳର ଗଭୀରତା ନଥିବାରୁ ଆଉ ଡଙ୍ଗା ଚାଲୁ ନାହିଁ । ଅବଶ୍ୟ ଗ୍ରୀଷ୍ମ ଋତୁରେ ନଦୀ କୂଳରେ ଥିବା ପଞ୍ଚାୟତଗୁଡ଼ିକର ଏହି ଘାଟ ନିଲାମରୁ ବେଶ୍ ଭଲ ବ୍ୟୟ ହୁଏ । ଏବେ ଯାହା ଖବର ଏ ସବୁ ଘାଟ ନିଲାମରୁ ପଞ୍ଚାୟତମାନଙ୍କର ଆୟ ୫୦ଶତାଂଶ କମିଯାଇଛି । ଓଡ଼ିଶା ବିଧାନସଭାରେ ଗତ ୨୦୧୩ ମସିହା ମାର୍ଚ୍ଚ ୨୫ତାରିଖରେ ବିଧାୟକ ପ୍ରଫୁଲ୍ଲ ମଲ୍ଲିକ (ଅଧୁନା ରାଜ୍ୟ ଖଣି-ଇସ୍ପାତ ମନ୍ତ୍ରୀ) ଏକ ପ୍ରଶ୍ନ କରିଥିଲେ ଯେ ସମଗ୍ର ଓଡ଼ିଶାରେ ନଦୀଜଳ ପ୍ରବାହ ହ୍ରାସ ପାଇ ଘାଟମାନଙ୍କରେ ଡଙ୍ଗା ଚଳାଚଳ କରୁ ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଳ କମ୍ ରହୁଥିବା ଯୋଗୁ ଡଙ୍ଗା ଚାଲିପାରୁ ନାହିଁ । ଏହାର କାରଣ ଓ ନିରାକରଣ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି କି ? ଏହାର ଉତ୍ତର ଦେଇ ଜଳ ସଂପଦ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ କହିଲେ ନଦୀମାନଙ୍କରେ ଜଳର ଗଭୀରତା ହ୍ରାସ ପାଇଥିବା ସଂପର୍କରେ ସରକାରଙ୍କ ପାଖରେ ଖବର ନାହିଁ ।

ମୁଖ୍ୟମନ୍ତ୍ରୀ ଏହା କହିବା ବେଳେ ନଦୀଗୁଡ଼ିକର ସଂଯୋଗୀକରଣ ପାଇଁ ଏବେ ପ୍ରସ୍ତାବ ଆସିଲାଣି । ନଦୀ ଜଳ କମିଯାଉଥିବାରୁ ଏହି ସଂଯୋଗିକରଣ

ପ୍ରସ୍ତାବ ଆସୁଛି । ଓଡ଼ିଶାରେ ଋଷିକୁଲ୍ୟା ନଦୀ ସହ ମହାନଦୀର ସଂଯୋଗୀକରଣ ପାଇଁ ଏବେ ଦୃଢ଼ ଦାବି ହେଲାଣି ।

ଅନ୍ୟ ଦିଗରେ ବ୍ରାହ୍ମଣୀ ନଦୀରେ ଜଳ କ୍ଷୟକୁ ରୋକିବା ପାଇଁ ଜାତୀୟ କର୍ତ୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ବ୍ରାହ୍ମଣୀ ନଦୀରେ ଜଳ ପରିବହନ ପାଇଁ ଜାତୀୟ ଜଳପଥ ଯୋଜନାରେ ପାଞ୍ଚୋଟି ସ୍ଥାନରେ ବ୍ୟାରେଜ ନିର୍ମାଣ ହେବ । ଜାତୀୟ ଜଳପଥ ଯୋଜନାରେ ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗକୁ ସଂଯୋଗୀକରଣ କରି ଜଳପରିବହନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ସରକାରଙ୍କର ଏହି ଯୋଜନା କେତେଦୂର ବାସ୍ତବ ତାହା ସମୟ କହିବ ବୋଲି ଅନେକ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି । ଏବେ ମହାନଦୀ ସହ ଗୋଦାବରୀ ନଦୀର ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି । ବିଶେଷଜ୍ଞଙ୍କ ମତରେ ରାଜ୍ୟର ସମସ୍ତ ନଦୀର ଜଳପତନ ତୀବ୍ର ବେଗରେ ହ୍ରାସ ପାଇବାର ମୁଖ୍ୟ କାରଣ ହେଉଛି, ପାହାଡ଼ମାନଙ୍କରୁ ଜଙ୍ଗଲ ଧ୍ୱଂସ । ଜଙ୍ଗଲ ଧ୍ୱଂସ ଯୋଗୁ ପାହାଡ଼ରୁ ବାହାରିଥିବା ଅନେକ ଝରଣା ଲୋପ ପାଇ ଯାଉଛି । ପ୍ରାୟ ଅନେକ ନଦୀ ଆଜି ଶୁଖିଲା ପଡ଼ିଛି । ମହାନଦୀ ସୋନପୁର ବଉଦଠାରୁ ବାଙ୍କି ପର୍ଯ୍ୟନ୍ତ ପ୍ରାୟ ଶୁଖିଲା ପଡ଼ିଚି । ବାଙ୍କି ସହର ନିକଟରେ କୋଡ଼ିଏ/ ପଚିଶ ବର୍ଷ ତଳେ ମହାନଦୀରେ ଖରାଦିନେ ଯେଉଁଠି ବଡ଼ ବଡ଼ ଚାଳ ଡଙ୍ଗାରେ ଚାଉଳ, ବିରି, ମୁଗ, ପନି ପରିବା ଆସି ଘାଟରେ ଲାଗି ଚର୍ଚ୍ଚିକା ହାଟକୁ ଯାଉଥିଲା ଆଜି ସେଠି ନଈ ମଝିରେ ବାଲି ପଡ଼ିଛି । ବିସ୍ତୃତ ଅଞ୍ଚଳ ପଠା ପାଲଟି ଯାଇଛି । ତାର କାରଣ ହେଲା ଦଶପଲ୍ଲା, ସାତକୋଶିଆ, ବୈଦେଶ୍ୱର ଆଦି ଅଞ୍ଚଳରେ ଥିବା ପାହାଡ଼ ଏବେ ବୃକ୍ଷଶୂନ୍ୟ ହୋଇ ସବୁ ଝରଣା ବନ୍ଦ ହୋଇଯାଇଛି । ଠିକ୍ ସେହିଭଳି ପଶ୍ଚିମରେ ଦେବଗଡ଼ ନିକଟରେ ପ୍ରଧାନପାଟ ଜଳପ୍ରପାତ, ସୁନ୍ଦରଗଡ଼ର ଖଣ୍ଡାଧାର, କେନ୍ଦୁଝରର ସାନଘାଘରା, ବଡ଼ ଘାଘରା ଜଳ ପ୍ରପାତ ଦଶବର୍ଷ ପୂର୍ବେ ଯାହା ଥିଲା ଏବେ ଜଳ ପରିମାଣ ପ୍ରାୟ ୫୦ଭାଗ ହ୍ରାସ ପାଇଛି । ଏହାର ମୁଖ୍ୟ କାରଣ ହେଉଛି , ଏହି ଜଳ ପ୍ରପାତଗୁଡ଼ିକ ଯେଉଁସବୁ ପାହାଡ଼ରୁ ସୃଷ୍ଟି ହୋଇଛି ତାହା ଏବେ ବୃକ୍ଷ ଶୂନ୍ୟ ହୋଇଯାଇଛି । ଏହି ସବୁ ପାହାଡ଼ରୁ ଜଙ୍ଗଲ କଟାଯାଇ ଖଣିଜ ପଦାର୍ଥ ଉତ୍ତୋଳନ ହେଉଛି । କେନ୍ଦୁଝର-ସୁନ୍ଦରଗଡ଼ରେ ମୁଖ୍ୟତଃ ଲୁହା, ମାଙ୍ଗାନିଜ୍, କ୍ରୋମ୍‌ପଥର ଆଦି ଭର୍ତ୍ତି ହୋଇଛି । ସରକାର-ଶିଳ୍ପପତିମାନଙ୍କୁ ପ୍ରୋତ୍ସାହନ ଦେବା ଯୋଗୁଁ ଏବେ ବହୁ ଅଞ୍ଚଳରେ ଜଳକଷ୍ଟ ଆରମ୍ଭ ହୋଇଛି । ଟେଲିଭିଜନରେ ଅନେକ ଅଞ୍ଚଳରେ ଲୋକେ ମାଟି ଖୋଳି ପାଣି ବାହାର କରି ନେଉଥିବା ଦୃଶ୍ୟ ଦେଖାଯାଉଛି । ଅନେକ ନଈ, ଝରଣା ଓ କେନାଲ ଅଞ୍ଚଳରେ ବାଲି ଆଡ଼େଇ ଲୋକେ ପାଣି ନେଉଥିବା ଦେଖାଯାଉଛି ।

**କେନ୍ଦୁଝର-ସୁନ୍ଦରଗଡ଼ରେ ମୁଖ୍ୟତଃ ଲୁହା, ମାଙ୍ଗାନିଜ୍, କ୍ରୋମ୍‌ପଥର ଆଦି ଭର୍ତ୍ତି ହୋଇଛି । ସରକାର-ଶିଳ୍ପପତିମାନଙ୍କୁ ପ୍ରୋତ୍ସାହନ ଦେବା ଯୋଗୁଁ ଏବେ ବହୁ ଅଞ୍ଚଳରେ ଜଳକଷ୍ଟ ଆରମ୍ଭ ହୋଇଛି । ଟେଲିଭିଜନରେ ଅନେକ ଅଞ୍ଚଳରେ ଲୋକେ ମାଟି ଖୋଳି ପାଣି ବାହାର କରି ନେଉଥିବା ଦୃଶ୍ୟ ଦେଖାଯାଉଛି । ଅନେକ ନଈ, ଝରଣା ଓ କେନାଲ ଅଞ୍ଚଳରେ ବାଲି ଆଡ଼େଇ ଲୋକେ ପାଣି ନେଉଥିବା ଦେଖାଯାଉଛି ।**

ଗତ ଦୁଇବର୍ଷ ତଳେ କେନ୍ଦୁଝର ଡି.ଏଫ୍.ଓ. ବିଭିନ୍ନ ଶିଳ୍ପ ସଂସ୍ଥା ବିଶେଷ କରି ଟାଟା, ଓ.ଏମ୍.ସି. ଓ ଆଉ କେତେକଙ୍କୁ ପତ୍ର ଲେଖି ଦର୍ଶାଇଥିଲେ ଯେ ବେଆଇନ୍ ଭାବେ ଜଙ୍ଗଲ କଟାଯାଇ ଲୁହା ପଥର ଉତ୍ତୋଳନ ଯୋଗୁ ଯୋଡ଼ା ସହର ଦେଇ ଯାଇଥିବା କାନ୍ଦ୍ରାନୀଳ ଓ ସୁନାନଦୀ ସୁଖି ଗଲାଣ । ନଦୀ ଶୁଖିବାର କାରଣ ସ୍ୱରୂପ ସେ ଲେଖିଛନ୍ତି ନଦୀର କ୍ୟାଚ୍‌ମେଣ୍ଟ ଅଞ୍ଚଳରୁ ଖଣି ଖନନ ଯୋଗୁ ସମସ୍ତ ଝରଣା ଶୁଖିଯିବାରୁ ନଦୀଗୁଡ଼ିକ ଶୁଷ୍କ ହେବାକୁ ଯାଉଛି । ହାତୀ ଓ ଅନ୍ୟ ବନ୍ୟଜନ୍ତୁ ପାନୀୟ ଜଳ ନ ପାଇ ନିକଟବର୍ତ୍ତି ଗ୍ରାମାଞ୍ଚଳକୁ ଚାଲିଯାଉଛନ୍ତି । ଜଳ ଅଭାବରୁ କେବଳ ଗ୍ରାମାଞ୍ଚଳ ନୁହେଁ ଏବେ ସହରାଞ୍ଚଳ ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେବେ ।

ସଂପ୍ରତି ଆମେରିକାର ଜଳ ବିକାଶ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁସାରେ ବିଶ୍ୱ ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ଯୋଗୁ ଭବିଷ୍ୟତରେ ଭୂତଳ ଜଳର ଭୟଙ୍କର ସଂକଟ ଦେଖାଦେବ । ଆଗାମୀ ୧୫ବର୍ଷ ମଧ୍ୟରେ ୪୦ପ୍ରତିଶତ ଲୋକଙ୍କୁ ଜଳମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ସହରୀ କରଣ ଓ ଜନସଂଖ୍ୟା ବୃଦ୍ଧି କାରଣରୁ ଭବିଷ୍ୟତରେ ହେବାକୁ ଥିବା ଜଳ ସଂକଟ ଜମିବାଡ଼ି ଓ ଶିଳ୍ପକାରଖାନା ଉପରେ ବିପଦ ସୃଷ୍ଟି କରିବ । ଖାଦ୍ୟ ଓ ପାନୀୟ ସମସ୍ୟା ଯୋଗୁ ସମଗ୍ର ବିଶ୍ୱରେ ହାହାକାର ଦେଖାଯିବ । ତେଣୁ ଏବେଠାରୁ ଜଳ ସଂରକ୍ଷଣ ସଂପର୍କରେ କୁଶଳନିତୀ ପ୍ରସ୍ତୁତ କରିବାକୁ ହେବ । ରିପୋର୍ଟ ଅନୁସାରେ ପାଣିର ଚାହିଦା ୫୫ପ୍ରତିଶତ ବୃଦ୍ଧି ପାଇବ । କୃଷି କ୍ଷେତ୍ରରେ କୃଷି ଉତ୍ପାଦନକୁ ସର୍ବନିମ୍ନ ୬୦ପ୍ରତିଶତ ରଖିବା ଆବଶ୍ୟକ । ବିକାଶଶୀଳ ଦେଶରେ ଉତ୍ପାଦନକୁ ୧୦୦ପ୍ରତିଶତ ବୃଦ୍ଧି କରିବାକୁ ହେବ ।

ଏବେ କେନ୍ଦ୍ର ସରକାର ଦେଶରେ ବିଭିନ୍ନ ନଦୀ ସଂଯୋଗୀକରଣ ପାଇଁ ଗୁରୁତ୍ୱର ସହ ବିଚାର କରୁଛନ୍ତି । ସଂପ୍ରତି



Unfiled Notes Page 45

କେନ୍ଦ୍ର ଜଳ ସେଚନ ମନ୍ତ୍ରୀ ଉମାଭାରତୀ ଭୁବନେଶ୍ୱରରେ ଓଡ଼ିଶାର ମହାନଦୀ ଓ ଆନ୍ଧ୍ରର ଗୋଦାବରୀ ନଦୀ ମଧ୍ୟରେ ସଂଯୋଗୀକରଣ ପାଇଁ ଓଡ଼ିଶାକୁ ପ୍ରସ୍ତାବ ଦେଇଛନ୍ତି । ନଦୀ ସଂଯୋଗ ଦ୍ୱାରା ଜଳସେଚନ ବ୍ୟବସ୍ଥାରେ ଅଧିକ ଉନ୍ନତି ଅଣାଯାଇପାରିବ ବୋଲି କେନ୍ଦ୍ର ସରକାର ବିଚାର କରୁଛନ୍ତି । ଏହି ନଦୀ ସଂଯୋଗୀକରଣ ରେ ଭୁଟାନର ସଙ୍କୋଶ ନଦୀ ସହ ତିସ୍ତା, ମହାନନ୍ଦା, ସୁବର୍ଣ୍ଣରେଖା, ମହାନଦୀକୁ ସଂଯୋଗ କରି ଶେଷରେ ଆନ୍ଧ୍ରର ଗୋଦାବରୀ ନଦୀକୁ ସଂଯୋଗ କରାଯିବ । ଓଡ଼ିଶା ଏହି ଯୋଜନାରେ ବିପୁଳ ଭାବେ ଲାଭବାନ ହେବ । ଜଳସେଚନ, ପର୍ଯ୍ୟଟନ ଓ ଜଳ ପରିବହନରେ ଏହା ସାହାଯ୍ୟପ୍ରଦ ହେବ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଏହି ପ୍ରକଳ୍ପ ମୋଟ ୮ଶହ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ହେବ ଓ ଏଥିରେ ମୋଟ ୩୦ହଜାର କୋଟି ଟଙ୍କା ବ୍ୟୟ କରାଯିବ । ଓଡ଼ିଶାରେ ସମଗ୍ର ଦେଶର ୧୨ଶତାଂଶ ଜଳସମ୍ପଦ ରହିଚି । ଏହା ଯଦି ବାସ୍ତବ ରୂପ ପାଏ ତେବେ ବନ୍ୟା କ୍ଷୟକ୍ଷତିରୁ ରକ୍ଷାମିଳିବା ସହ ମରୁଡ଼ି ସମୟରେ ଆବଶ୍ୟକୀୟ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବ । ଏହା ଫଳରେ ରାଜ୍ୟରେ ମୁଣ୍ଡପିଛା ଆୟବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କୃଷିର ବିକାଶ ହେବ । କୃଷିର ବିକାଶ ହେଲେ ପର୍ଯ୍ୟଟନ, ପରିବହନ ଓ ପଶୁ ସଂପଦ କ୍ଷେତ୍ରରେ ଉନ୍ନତି ଘଟିବ । ତେବେ ଏହି ଯୋଜନାରେ ଓଡ଼ିଶାର ପାଖାପାଖି ୬୩ ହଜାର ହେକ୍ଟର (୯୫୨୦ହେକ୍ଟର ଜଙ୍ଗଲ ଜମି ସମେତ) ଜଳମଗ୍ନ ହେବା ସହ ୭୯ହଜାର ଲୋକ କ୍ଷତିଗ୍ରସ୍ତ ହେବେ । ଜାତୀୟ ଜଳ ବିକାଶ ସଂସ୍ଥା ବା ନ୍ୟାସନାଲ ୱାଟର ଡେଭ୍ଲପ୍‌ମେଣ୍ଟ ଏଜେନ୍ସି ଏହି ସଂଯୋଗୀ କରଣର କାର୍ଯ୍ୟନିର୍ବାହୀ ସଂସ୍ଥା । ଏହି ସଂସ୍ଥାର ରିପୋର୍ଟରେ କୁହାଯାଇଛି ଏହା କାର୍ଯ୍ୟକାରୀ ହେଲେ ଓଡ଼ିଶାରେ ୨୪୦ମେଗାୱେଟ୍ ଜଳବିଦ୍ୟୁତ୍ ଉତ୍ପାଦନ ହେବା ସହ ୫ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ ।

୧୯୬୦ ମସିହାରେ ଭାରତରେ ୧୦ଲକ୍ଷ ୨୦ହଜାର ନଳକୂପ ଥିବା ବେଳେ ୨୦୦୦ମସିହାରେ ଏହା ବୃଦ୍ଧି ପାଇ ୧.୯ କୋଟିରେ ପହଞ୍ଚିଛି । ଫଳରେ ଏହା ଭୂତଳ ଜଳ ଉପରେ ପ୍ରଭାବ ପକାଉଛି । ଲୋକସଭାରେ ଏହି ଜଳସଂକଟ ଉପରେ ଚର୍ଚ୍ଚା ହୋଇଛି । ଏହି ଆଲୋଚନାରେ ବିଭିନ୍ନ ସଦସ୍ୟ ଜଳ ସଂରକ୍ଷଣ ପ୍ରତି ଘୋର ଅବହେଳା, ବାରମ୍ବାର ନଦୀ, ନାଳ ଶୁଖିଯିବା ଏବଂ ଭୂତଳ ଜଳସ୍ତର କମିଯିବା, ଜଳ ସଂକଟର ସଙ୍କେତ ବୋଲି ମତ ଦେଇ ଏକ ଦୃଢ଼ ଜଳ ନିତୀ ଗ୍ରହଣ ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ । କେନ୍ଦ୍ର ଜଳସଂପଦ ବିଭାଗ ଏବେ ଓଡ଼ିଶାରେ ଜଳସଂପଦର ବିକାଶ ପାଇଁ ଏକ ଯୋଜନା କରିଛନ୍ତି ।

ଏବେ ଆସନ୍ତୁ ଦେଖିବା ଆମ ରାଜ୍ୟର ବିଭିନ୍ନ ନଦୀ, ସେମାନଙ୍କ ଉତ୍ପତ୍ତି ସ୍ଥଳ, ଅବବାହିକା ଅଞ୍ଚଳ ଏବଂ ଜଳଧାରଣ ଓ ନିର୍ଗମନର ସମସ୍ୟା । ଆମ ରାଜ୍ୟରେ ସବୁଠାରୁ ବୃହତ୍ତମ ନଦୀ ହେଲା ମହାନଦୀ । ଏହା ଛତିଶଗଡ଼ ରାୟପୁର ଜିଲ୍ଲାରୁ ଉତ୍ପତ୍ତି ହୋଇ ପାରାଦ୍ୱୀପ ନିକଟରେ ସମୁଦ୍ରରେ ପଡ଼ିଛି । ନଦୀ ତାଲିକା ରେ ଓଡ଼ିଶାରେ ଥିବା ମୋଟ ଦଶୋଟି ନଦୀର ଉତ୍ପତ୍ତିସ୍ଥଳ ଓ ଅନ୍ୟାନ୍ୟ ବିବରଣୀ ରହିଛି । ସମଗ୍ର ଦେଶରେ ଉତ୍ତରପ୍ରଦେଶ ପରେ ଓଡ଼ିଶା ସର୍ବାଧିକ ଜଳଧାରଣ କରିଥିବା ରାଜ୍ୟ । ସଂପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ଏକ ନଦୀଜଳ ପ୍ରକଳ୍ପ ପାଇଁ କରିବା ପାଇଁ ଘୋଷଣା କରିଛନ୍ତି । ଏହା ହେଲେ ଓଡ଼ିଶା ଆଉ ବଢ଼ିମରୁଡ଼ି ଅଞ୍ଚଳ ନ ହୋଇ ଏକ ସ୍ୱାଭାବିକ କୃଷି ପ୍ରଯୁକ୍ତିର ରାଜ୍ୟ ହେବ । ଏହା ଫଳରେ ରାଜ୍ୟର ସମଗ୍ର ଚାଷ ଜମି ଜଳସେଚିତ ହୋଇ ଫସଲ ଉତ୍ପାଦନ ବୃଦ୍ଧି ପାଇବ ।

## ଓଡ଼ିଶାର ନଦୀ

### ମହାନଦୀ

- ଛତିଶଗଡ଼ର ରାୟପୁର ଜିଲ୍ଲାରୁ ମହାନଦୀ ଉତ୍ପତି ହୋଇଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ ୧,୪୧,୫୮୯ ବର୍ଗ କି.ମି. ।
- ମହାନଦୀର ମୁଖ୍ୟ ଉପନଦୀଗୁଡ଼ିକ ହେଲା - ସିଓନାଥ, ଜୋଙ୍କ୍, ହାସଦେଓ, ମଣ୍ଡ, ଇବ୍, ଅଙ୍ଗ୍ ଏବଂ ତେଲ ।
- ମୁଖ୍ୟ ପ୍ରକଳ୍ପ - ହୀରାକୁଦ ସେତୁ, ସୁନ୍ଦରସେତୁ, ହାସଦେଓ ବାଙ୍ଗୋସେତୁ ଇତ୍ୟାଦି ।
- ହୀରାକୁଦର ମୁଖ୍ୟ ସମସ୍ୟାଗୁଡ଼ିକ ପ୍ରଦୂଷଣ, ଜଳବଣ୍ଟନ ଏବଂ ବନ୍ୟା ।

### ବୈତରଣୀ

- ବୈତରଣୀ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଗୋନାସିକା ପାର୍ବତ୍ୟାଂଚଳ ଗୁପ୍ତଗଙ୍ଗାରୁ ଉତ୍ପତି ଲାଭ କରିଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ ୧୪,୨୧୮ବର୍ଗ କି.ମି. ।
- ଏହାର ମୁଖ୍ୟ ଶାଖା ନଦୀଗୁଡ଼ିକ ହେଲା ଦେଓ, କଞ୍ଜାରୀ, କୁସେଇ, ସାଳନ୍ଦୀ ।
- ବୈତରଣୀର ୯୧ଭାଗ ଜଳକୁ କୃଷିରେ, ୩ଭାଗ ଜଳ ଶିଳ୍ପରେ ଓ ୬ଭାଗ ଜଳକୁ ଗୃହକାର୍ଯ୍ୟରେ ବ୍ୟବହାର କରାଯାଉଅଛି ।

- ବୈତରଣୀ, ବ୍ରାହ୍ମଣୀ ଓ ମହାନଦୀ ଗୋଟିଏ ତ୍ରିଭୁଜାକାର ଭୂ-ଭାଗ ସୃଷ୍ଟି କରିଛନ୍ତି । ବୈତରଣୀ ଆନନ୍ଦପୁରଠାରେ ସମତଳକୁ ଓହ୍ଲାଇଛି ଏବଂ ଆଖୁଆପଦାଠାରେ ଏହାର ତ୍ରିକୋଣ ଭୂମି ଅଂଚଳ ସୃଷ୍ଟି ହୋଇଛି ।
- ଏହାର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ, ବନ୍ୟା, ଶିଳ୍ପକୁ ଜଳ ଯୋଗାଣ ଓ ଜଳନିର୍ଗମନ ।

**ଇନ୍ଦ୍ରାବତୀ**

- ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ପୂର୍ବଘାଟରୁ ଇନ୍ଦ୍ରାବତୀ ନଦୀ ଉତ୍ପତି ଲାଭ କରିଅଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ ୪୧,୭୦୦ବର୍ଗ କି.ମି. ।
- ଏହାର ମୁଖ୍ୟ ନଦୀଗୁଡ଼ିକ ହେଲା - କାପୁର, ମୁରାନ, ତେଲେନଗିରି, ଜୌରା, ତୁରି, ଭାସ୍କେଲ ।
- ଉପର ଇନ୍ଦ୍ରାବତୀ ପ୍ରକଳ୍ପ ଏହାର ମୁଖ୍ୟ ଭାଗ ।
- ଇନ୍ଦ୍ରାବତୀର ପ୍ରମୁଖ ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ, ଅନ୍ତଃରାଜ୍ୟ ଦ୍ୱନ୍ଦ୍ୱ ଏବଂ ନିମ୍ନ ଅବବାହିକାରେ ଜଳାଭାବର ପ୍ରଭାବ ।

**କୋଲାବ**

- କୋଲାବ ନଦୀ କୋରାପୁଟ ଜିଲ୍ଲାର ସର୍ବତରୁ ଉତ୍ପତି ଲାଭ କରିଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ ୨୦,୪୨୭ ବର୍ଗ କି.ମି. ।
- ଏହାର ମୁଖ୍ୟ ଶାଖା ନଦୀଗୁଡ଼ିକ ହେଲା - କରାଣ୍ଡି, ପୋଟେରୁ, ସିଲେରୁ, ମାଛକୁଣ୍ଡ ।
- ଉପର କୋଲାବ ହେଉଛି ଏହାର ମୁଖ୍ୟ ପ୍ରକଳ୍ପ ।
- ଉପର କୋଲାବ ହେଉଛି ଏହାର ମୁଖ୍ୟ ପ୍ରକଳ୍ପ ।
- କୋଲାବ ନଦୀର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ, ଐତିହ୍ୟ ଅବକ୍ଷୟ, ଜଳାଶୟର ପରିଚାଳନା ।

**ସୁବର୍ଣ୍ଣରେଖା**

- ସୁବର୍ଣ୍ଣରେଖା ନଦୀ ଝାଡ଼ଖଣ୍ଡର ରାଂଚି ଜିଲ୍ଲାରେ ନାଗ୍ରୀ ଗ୍ରାମ ପାଖରୁ ଉତ୍ପତି ଲାଭ କରିଅଛି ।
- ଏହାର ରଅବବାହିକା ଅଂଚଳର କ୍ଷେତ୍ରଫଳ ୧୯,୨୭୭ ବର୍ଗ କି.ମି. ।
- ସୁବର୍ଣ୍ଣରେଖା ନଦୀ ଝାଡ଼ଖଣ୍ଡରୁ ବାହାରି ପଶ୍ଚିମବଙ୍ଗ ରାଜ୍ୟରେ ପଡ଼ିଛି ।
- ସୁବର୍ଣରେଖାର ମୁଖ୍ୟ ଶାଖା ନଦୀଗୁଡ଼ିକ ହେଲା - ଖରାଖାଇ, କାଂଚି, କରକାରି ।
- ଏହାର ସମସ୍ୟାଗୁଡ଼ିକ ହେଲା -ପ୍ରଦୂଷଣ, ଅନ୍ତଃରାଜ୍ୟ ଦ୍ୱନ୍ଦ୍ୱ, ବନ୍ୟା ।

**ନାଗାବଳୀ**

- କଳାହାଣ୍ଡି ଜିଲ୍ଲାର ପୂର୍ବଘାଟ ପର୍ବତମାଳାର ବିଜିପୁର ପର୍ବତରୁ ନାଗାବଳୀ ଉତ୍ପତି ଲାଭ କରିଅଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ - ୯,୨୭୫ ବର୍ଗ କି.ମି. ।
- ଏହାର ଶାଖାନଦୀଗୁଡ଼ିକ ହେଲା - ଝଞ୍ଜାବତି, ସାନ ନଦୀ, ବାରହାନଦୀ, ସିତୁଗୁଡ଼ା ।
- ଏହାର ମୁଖ୍ୟ ପ୍ରକଳ୍ପଗୁଡ଼ିକ ହେଲା - ଶ୍ରୀକାରକୁଲମ୍, ଝଞ୍ଜାବତି, ବେଗବତୀ ଆନିକଟ୍, ସୀଥାନଗରମ୍ ଆନିକଟ୍ ।
- ଏହାର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ, ଆନ୍ତଃରାଜ୍ୟ ଦ୍ୱନ୍ଦ୍ୱ ।

**ଋଷିକୂଲ୍ୟା**

- ଅଣବିଭାଜିତ ଫୁଲବାଣୀ ଜିଲ୍ଲାର ପୂର୍ବଘାଟର ଦିଗି ଗ୍ରାମରୁ ଋଷିକୂଲ୍ୟା ଉତ୍ପତି ଲାଭ କରିଅଛି ।
- ଏହାର ଅବବାହିକା ଅଂଚଳ ୮୦୨୪ ବର୍ଗ କି.ମି., ଫୁଲବାଣୀ - ୧୦୬୮ ବର୍ଗ କି.ମି., ପୁରୀ - ୧୭୯ ବର୍ଗ କି.ମି. ଏବଂ ଗଞ୍ଜାମ - ୬୭୭୭ ବର୍ଗ କି.ମି. ।
- ଏହାର ଶାଖା ନଦୀଗୁଡ଼ିକ ହେଲା - ପଦ୍ମା, ବଡ଼ନଦୀ, ବାଘୁଆ ଓ ଘୋଡ଼ାହାଡ ।
- ଏହାର ମୁଖ୍ୟ ସମସ୍ୟାଗୁଡ଼ିକ ହେଲା - ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ, ଗୃହ ନିର୍ଗତ ବର୍ଜ୍ୟବସ୍ତୁ ଓ ଅନ୍ୟାନ୍ୟ ପ୍ରଦୂଷଣ ।

**ବଂଶଧାରା**

- କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଗ୍ରାମରୁ ବଂଶଧାରା ନଦୀ ଉତ୍ପତି ଲାଭ କରିଅଛି । ଦୈର୍ଘ୍ୟ ୨୫୪କି.ମି. ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ - ୧୧,୩୭୭ ବର୍ଗ କି.ମି. ।

- ଏହାର ଶାଖା ନଦୀଗୁଡ଼ିକ ହେଲା - ବଡ଼ନାଳ, ହରଭଙ୍ଗୀ, ମହେନ୍ଦ୍ରତନୟା, ସାନ ନଦୀ ।
- ଏହାର ପ୍ରମୁଖ ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ, ଆନ୍ତଃରାଜ୍ୟ ଦ୍ୱନ୍ଦ୍ୱ, ନଦୀ ଅବକ୍ଷୟ ।

**ବୁଢ଼ାବାଳଙ୍ଗ**

- ମୟୂରଭଞ୍ଜ ଜିଲ୍ଲାରୁ ବୁଢ଼ାବାଳଙ୍ଗ ନଦୀ ଉତ୍ପତ୍ତି ଲାଭ କରିଅଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ ୬,୬୯୧ ବର୍ଗ କି.ମି. ।
- ଏହାର ଶାଖାନଦୀଗୁଡ଼ିକ ହେଲା - ଶୁନେଇ, କାଳ, କଟ୍ରା, ସାନ ।
- ଏହାର ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ ଓ ବନ୍ୟା ।

**ବ୍ରାହ୍ମଣୀ**

- ବ୍ରାହ୍ମଣୀ ନଦୀ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି ଜିଲ୍ଲାରୁ ଉତ୍ପତ୍ତି ଲାଭ କରିଅଛି ।
- ଏହାର ଅବବାହିକା ଅଂଚଳର କ୍ଷେତ୍ରଫଳ ୫୧,୮୨୨ ବର୍ଗ କି.ମି ।
- ଏହାର ଉପନଦୀଗୁଡ଼ିକ ହେଲା - କାରୋ, ଶଙ୍ଖ ଓ ଟିର୍କା ।
- ଏହାର ସମସ୍ୟାଗୁଡ଼ିକ ହେଲା - ପ୍ରଦୂଷଣ, ବନ୍ୟା । ●






ଲେଖକ ଜଣେ ବରିଷ୍ଠ ସ୍ତମ୍ଭକାର ।

# ଓଡ଼ିଶାର ମାଟି ଓ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ

ଡଃ ଅନ୍ତର୍ଯ୍ୟାମୀ ମିଶ୍ର

**ଗ**ତମାସ ୨୧ ତାରିଖ ଦିନ ବରଗଡ଼ଠାରେ ଆୟୋଜିତ ଏକ ବିରାଟ କୃଷକ ସମାରୋହରେ ଚାଷୀଭାଇମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଯେଉଁ କେତେଗୁଡ଼ିଏ କୃଷି ସମ୍ବନ୍ଧୀୟ କଥା ଉପରେ ଗୁରୁତ୍ୱ ଦେଇଥିଲେ, ସେଗୁଡ଼ିକ ହେଲା:- କୃଷି ବୀମା ଯୋଜନା, କୁଣ୍ଡାରୁ ତେଲ ଉତ୍ପାଦନ ପାଇଁ ପ୍ରକ୍ରିୟାକରଣ ଯନ୍ତ୍ର, କୁକୁଡ଼ା ଓ ଆନୁଷଙ୍ଗିକ ପଶୁ ଓ ପକ୍ଷୀ ପାଳନ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ । ଦେଶରେ ଦ୍ୱିତୀୟ ସବୁଜ ବିପ୍ଳବର ଆରମ୍ଭ ପାଇଁ ଉନ୍ନତ କୃଷି ପ୍ରଣାଳୀ ଅବଲମ୍ବନ କରିବା ସହିତ ଉପରୋକ୍ତ ଜିନିଷ ଗୁଡ଼ିକର କିପରି ଆବଶ୍ୟକତା ରହିଛି, ସେ ସମ୍ବନ୍ଧରେ ସେ ଚାଷୀଭାଇ ମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ତେବେ ଏହିସବୁ ଜିନିଷଗୁଡ଼ିକ ମଧ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନ୍ୟତମ ।

ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ କ'ଣ ଏବଂ ଚାଷୀଭାଇମାନଙ୍କ ପାଇଁ ଏହାର କି ଆବଶ୍ୟକତା ରହିଛି, ସେ ବିଷୟରେ ସମ୍ୟକ ଆଲୋଚନା କରିବା । ଆମେ ଜାଣୁ ଯେ, ସମ୍ପୂର୍ଣ୍ଣ ଜୀବଜଗତ ବଞ୍ଚିରହିବା ପାଇଁ ଖାଦ୍ୟ ଉପରେ ନିର୍ଭର କରେ ଏବଂ ଏହି ଖାଦ୍ୟ ବିଭିନ୍ନ ଫସଲ ଓ ଅନ୍ୟାନ୍ୟ ବୃକ୍ଷଲତାରୁ ଉପଲବ୍ଧ ହୋଇଥାଏ । ଯେଉଁମାନେ ମାଂସାସୀ ପ୍ରାଣୀ, ସେମାନେ ଯେଉଁ ପ୍ରାଣୀମାନଙ୍କର ମାଂସ ଖାଇ ବଞ୍ଚନ୍ତି, ସେହି ପ୍ରାଣୀଗୁଡ଼ିକ ମଧ୍ୟ ନିଜ ଜୀବନଧାରଣ ପାଇଁ ଅବଶେଷରେ ବୃକ୍ଷଲତାଗୁଡ଼ିକ ଉପରେ ନିର୍ଭର କରନ୍ତି । ଅନ୍ୟପକ୍ଷରେ ଉଦ୍ଭିଦ ଓ ବୃକ୍ଷଲତା ମାନେ ସେମାନଙ୍କ ସମସ୍ତ ଖାଦ୍ୟ ମାଟିରୁ ପାଇଥାଆନ୍ତି । ବୈଜ୍ଞାନିକମାନେ ଗବେଷଣାରୁ ଜାଣିପାରିଛନ୍ତି ଯେ, ଉଦ୍ଭିଦମାନେ ସେମାନଙ୍କର ଜୀବନଚକ୍ର ସମ୍ପୂର୍ଣ୍ଣ କରିବା ପାଇଁ ୧୬ଟି ମୌଳିକ ଖାଦ୍ୟ ଉପାଦାନ ଉପରେ ନିର୍ଭର କରନ୍ତି । ସେଗୁଡ଼ିକ ହେଲା:- କାର୍ବନ୍ (ଅଙ୍ଗାର), ଅକ୍ସିଜେନ୍ ବା ଅମ୍ଳଜାନ, ହାଇଡ୍ରୋଜେନ୍ ବା ଉଦ୍‌ଯାନ, ନାଇଟ୍ରୋଜେନ୍ ବା ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ, କ୍ୟାଲସିୟମ ବା ଚୂନ, ମାଗ୍ନେସିୟମ, ସଲ୍‌ଫର୍ ବା ଗନ୍ଧକ, ଆଇରନ୍ ବା ଲୌହ, ମାଙ୍ଗାନିଜ୍, କପର୍ ବା ତମ୍ବା, ଜିଙ୍କ୍, ମଲିବଡେନମ୍, ବୋରନ୍ ଏବଂ କ୍ଲୋରିନ୍ । ଏହି ୧୬ଟି ଆବଶ୍ୟକୀୟ ମୌଳିକ ଖାଦ୍ୟ ଉପାଦାନ ମଧ୍ୟରୁ ପ୍ରଥମ ୩ଟି ଅର୍ଥାତ୍ କାର୍ବନ୍, ଅକ୍ସିଜେନ୍ ଓ ହାଇଡ୍ରୋଜେନ୍ ଉଦ୍ଭିଦମାନେ ବାୟୁମଣ୍ଡଳରୁ ଏବଂ ଜଳରୁ ସଂଗ୍ରହ କରିପାରନ୍ତି । ଅବଶିଷ୍ଟ ୧୩ଟି ଆବଶ୍ୟକୀୟ ଖାଦ୍ୟ ଉପାଦାନ ପାଇଁ ସେମାନଙ୍କୁ ମାଟି ଉପରେ ହିଁ ନିର୍ଭର କରିବାକୁ ପଡ଼ିଥାଏ । ଅର୍ଥାତ୍ ମାଟି ହେଉଛି ଏହି ଉଦ୍ଭିଦ ଖାଦ୍ୟ ଉପାଦାନ ଗୁଡ଼ିକର ଗନ୍ତାଘର । ତେବେ ତାହା ଅସରନ୍ତି ନୁହେଁ । କ୍ରମାଗତ ଭାବରେ ଫସଲ ଉତ୍ପାଦନ ଦ୍ୱାରା ମାଟିରେ ଏଗୁଡ଼ିକର ପରିମାଣ ଧିରେ ଧିରେ କମିଯାଏ ଏବଂ ଫସଲରେ ଏଗୁଡ଼ିକର ଅଭାବ ଜନିତ ଲକ୍ଷଣମାନ ପ୍ରକାଶ ପାଏ । ଏହାଦ୍ୱାରା ଖାଦ୍ୟ ଉତ୍ପାଦନ ବାଧାପ୍ରାପ୍ତ ହୁଏ ଏବଂ ଫସଲ ଉତ୍ପାଦନ ଧୀରେ ଧୀରେ କମିଯାଏ । ଏହି ଅବସ୍ଥାକୁ ଚାଷୀଭାଇମାନେ ସାଧାରଣତଃ ମାଟି ରୋଗିଣା ହୋଇଗଲା ବୋଲି କହିଥା'ନ୍ତି । ମାଟିରେ ଏମାନଙ୍କ ଅଭାବ ପୂରଣ କରିବାପାଇଁ ବିଭିନ୍ନ ପ୍ରକାରର

**ବୈଜ୍ଞାନିକମାନେ ଗବେଷଣାରୁ ଜାଣିପାରିଛନ୍ତି ଯେ, ଉଦ୍ଭିଦମାନେ ସେମାନଙ୍କର ଜୀବନଚକ୍ର ସମ୍ପୂର୍ଣ୍ଣ କରିବା ପାଇଁ ୧୬ଟି ମୌଳିକ ଖାଦ୍ୟ ଉପାଦାନ ଉପରେ ନିର୍ଭର କରନ୍ତି । ସେଗୁଡ଼ିକ ହେଲା:- କାର୍ବନ୍ (ଅଙ୍ଗାର), ଅକ୍ସିଜେନ୍ ବା ଅମ୍ଳଜାନ, ହାଇଡ୍ରୋଜେନ୍ ବା ଉଦ୍‌ଯାନ, ନାଇଟ୍ରୋଜେନ୍ ବା ଯବକ୍ଷାରଜାନ, ଫସ୍‌ଫରସ୍, ପୋଟାସିୟମ, କ୍ୟାଲସିୟମ ବା ଚୂନ, ମାଗ୍ନେସିୟମ, ସଲ୍‌ଫର୍ ବା ଗନ୍ଧକ, ଆଇରନ୍ ବା ଲୌହ, ମାଙ୍ଗାନିଜ୍, କପର୍ ବା ତମ୍ବା, ଜିଙ୍କ୍, ମଲିବଡେନମ୍, ବୋରନ୍ ଏବଂ କ୍ଲୋରିନ୍ । ଏହି ୧୬ଟି ଆବଶ୍ୟକୀୟ ମୌଳିକ ଖାଦ୍ୟ ଉପାଦାନ ମଧ୍ୟରୁ ପ୍ରଥମ ୩ଟି ଅର୍ଥାତ୍ କାର୍ବନ୍, ଅକ୍ସିଜେନ୍ ଓ ହାଇଡ୍ରୋଜେନ୍ ଉଦ୍ଭିଦମାନେ ବାୟୁମଣ୍ଡଳରୁ ଏବଂ ଜଳରୁ ସଂଗ୍ରହ କରିପାରନ୍ତି ।**



Unfiled Notes Page 49

ଜୈବିକଖତ ଏବଂ ରାସାୟନିକ ସାର ବ୍ୟବହାର କରିବାକୁ ପଡ଼ିଥାଏ । ମାଟିରେ ଏହି ଖାଦ୍ୟ ଉପାଦାନ ଗୁଡ଼ିକର ପରିମାଣ ଜାଣିବା ପାଇଁ ଆମକୁ ମାଟି ପରୀକ୍ଷା କରିବାକୁ ପଡ଼ିଥାଏ । କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାରତ ବର୍ଷର ସମସ୍ତ ଚାଷୀଙ୍କ ମାଟି ପରୀକ୍ଷା ପାଇଁ ଲକ୍ଷ୍ୟ ରଖିଛନ୍ତି ଏବଂ ସେଥିପାଇଁ ଏବର୍ଷ ବଜେଟ୍‌ରେ ଏକ ହଜାର ପଚାଶ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ।

**ନମୁନାମାଟି ସଂଗ୍ରହ :** ମାଟି ପରୀକ୍ଷା ପାଇଁ ଜମିର ବିଭିନ୍ନ ସ୍ଥାନରୁ ନମୁନା ମାଟି ନେଇ ଭଲଭାବରେ ମିଶାଇ ନମୁନାମାଟି ରୂପରେ ପରୀକ୍ଷାଗାରକୁ ପଠାଯାଏ । ତେଣୁ ସେହି ନମୁନାମାଟି କେଉଁ ଜାଗାରୁ, କେଉଁ ସମୟରେ କିପରି ସଂଗ୍ରହ କରିବା ସମୟରେ କେଉଁସବୁ ସାବଧାନତା ଅବଲମ୍ବନ କରିବାକୁ ହେବ, ସେ ବିଷୟରେ ଆମେ ଜାଣିବା ଆବଶ୍ୟକ ।

**କ) ନମୁନା ସଂଗ୍ରହ ପାଇଁ ଆବଶ୍ୟକୀୟ ଉପକରଣ** :ନମୁନା ସଂଗ୍ରହ ପାଇଁ ଆବଶ୍ୟକୀୟ ଉପକରଣଗୁଡ଼ିକ ହେଉଛି : ୧) ଫାଉଡା, ୨) ଖୁରପି, ୩) ସ୍କେଲ୍, ୪) ବାଲ୍‌ଟି, ୫), ପଲିଥିନ୍ ବ୍ୟାଗ୍, ୬) ମାଟି ସଂଗ୍ରହ ନଳୀ, ୭) ମାଟି ସଂଗ୍ରହ ଭଅଁର, ୮) ବ୍ୟାଗ୍ ବାନ୍ଧିବା ପାଇଁ ସୁତୁଲି ବା ରବର, ୯) କଲମ ଓ କାଗଜ ।

**ଖ) ନମୁନା ଏକକ ନିରୂପଣ :** ଯେଉଁ ଜମିରୁ ନମୁନା ସଂଗ୍ରହ କରାଯିବ, ପ୍ରଥମେ ସେହି ଜମିକୁ ଭଲଭାବେ ନିରୀକ୍ଷଣ କରାଯିବା ଉଚିତ୍ । ଯଦି ଗୋଟିଏ ବଡ଼ ଜମି ଏକ ପ୍ରକାରର ହୋଇଥାଏ ଯଥା: ଉଚ୍ଚଜମି, ମଝିଆଲି ଜମି କିମ୍ବା ନିମ୍ନଜମି ହୋଇଥାଏ, ତେବେ ସେହି ଜମିକୁ ଗୋଟିଏ ନମୁନା ଏକକ ବୋଲି ବିବେଚନା କରାଯାଏ । କିନ୍ତୁ ସେହି ନମୁନା ଏକକର କ୍ଷେତ୍ରଫଳ ୫ ଏକର କିମ୍ବା ୨ ହେକ୍ଟରରୁ ଅଧିକ ହେବା ଉଚିତ୍ ନୁହେଁ । ଯଦି ନମୁନା ଏକକର କ୍ଷେତ୍ରଫଳ ୫ ଏକର କିମ୍ବା ୨ ହେକ୍ଟର ଭିତରେ ହୁଏ,ତେବେ ସମୁଦାୟ ଜମିର ୧୫ କିମ୍ବା ୨୦ଟି ସ୍ଥାନରୁ ନମୁନା ମାଟି ସଂଗ୍ରହ କରି ସେଗୁଡ଼ିକୁ ମିଶାଇ ମିଶ୍ରିତ ନମୁନା କରାଯାଏ । କିନ୍ତୁ, ଯଦି ନମୁନା ଏକକର କ୍ଷେତ୍ରଫଳ ଅଧା ଏକକରୁ କମ୍ ହୁଏ ତେବେ ଅତି କମ୍‌ରେ ତିନୋଟି ଜାଗାରୁ ନମୁନା ମାଟି ନେଇ ମିଶ୍ରିତ ନମୁନା ପ୍ରସ୍ତୁତ କରାଯାଏ । ଠିକ୍ ଭାବରେ ଜମିରେ ନମୁନା ଏକକ ନିରୂପଣ କରିବା, ୟୁନିଟ୍ ମଧ୍ୟରେ ନମୁନା ସଂଗ୍ରହ କରିବାର ସ୍ଥାନ ଠିକ୍ ଭାବରେ ଚିହ୍ନଟ କରିବା ଏବଂ ନମୁନା ସଂଗ୍ରହ ସମୟରେ ସମସ୍ତ ପ୍ରକାରର ସାବଧାନତା ଅବଲମ୍ବନ କରି ମାଟି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଲେ ମାଟି ପରୀକ୍ଷାର ସୁଫଳ ମିଳେ । କିନ୍ତୁ, ନମୁନା ସଂଗ୍ରହ ସମୟରେ ସତର୍କତା ଅବଲମ୍ବନ ନକଲେ ଚାଷୀଭାଇକୁ ମାଟି ପରୀକ୍ଷାର ସୁଫଳ ମିଳିନଥାଏ ଏବଂ ସେହି ଫଳାଫଳ ଅନୁସାରେ ଖତସାର ପ୍ରୟୋଗ କଲେ ମଧ୍ୟ ଆଶାନୁରୂପ ଫଳ ମିଳେ ନାହିଁ କିମ୍ବା ଅମଳ ମଧ୍ୟ ବଢ଼େନାହିଁ । ତେଣୁ ନମୁନା ସଂଗ୍ରହ କରିବା ସମୟରେ ଚାଷୀଭାଇମାନେ ସମସ୍ତ ପ୍ରକାରର ସାବଧାନତା ଅବଲମ୍ବନ କରିବା ଉଚିତ୍ ।

**ଗ) ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ ପ୍ରଣାଳୀ :** ଜମିର ଆକାର ଓ ଅବସ୍ଥିତି (ଉଚ୍ଚ ଜମି, ମଧ୍ୟମ ଜମି ବା ନିମ୍ନଜମି) ଦେଖି ନମୁନା ଏକକ ସ୍ଥିର କରି ସାରିବା ପରେ ଓ ଜମିର ପାଗ ଉତ୍ତମ ଥିବା ସମୟରେ ୟୁନିଟ୍‌ର ସମସ୍ତ ଅଞ୍ଚଳକୁ ଯାଇ ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ କରିବା ପାଇଁ ସ୍ଥାନ ନିରୂପଣ କରାଯାଏ । ନମୁନା ଏକକର ଚିହ୍ନିତ ପ୍ରତ୍ୟେକ ଜାଗାରେ ଉପରେ ବର୍ଣ୍ଣିତ ସମସ୍ତ ଉପକରଣ ସହିତ ପହଞ୍ଚି ସେହି ଜାଗାରେ ଉଠିଥିବା ଘାସ ଏବଂ ପଡିଥିବା ଡାଳ ପତ୍ରକୁ ଫାଉଡା ସାହାଯ୍ୟରେ ସଫା କରିନିଆଯାଏ । ଫାଉଡା ସାହାଯ୍ୟରେ ସେହି ସ୍ଥାନରେ ୧୫ ସେ.ମି. କିମ୍ବା ୬ରୁ ୭ ଇଞ୍ଚ୍ ଗଭୀରର 'V' ଆକୃତିର ଗାତ ଖୋଳି ଦିଆଯାଏ । ସେହି 'V' ଗାତର ଗୋଟିଏ ପଟ କାନ୍ଥରୁ ଖୁରୁପି ସାହାଯ୍ୟରେ ୧୫ ସେ.ମି. ଗଭୀରର ମାଟି ଛେଲା ସଂଗ୍ରହ କରାଯାଏ । ମାଟି ଶୁଖିଲା ଥିଲେ ଗୁଣ୍ଡମାଟି ବାହାରେ ଓ ଓଦାଥିଲେ ପାଉଁରୁଟି ଆକାରର ବାହାରିଥାଏ । ଏହି ଉପାୟରେ ସାଧାରଣ ଫସଲ ପାଇଁ ପ୍ରତ୍ୟେକ ଜାଗାରୁ ୭୫୦ ଗ୍ରାମ୍‌ରୁ ୧ କିଲୋଗ୍ରାମ୍ ଓଜନର ମାଟି ସଂଗ୍ରହ କରାଯାଏ । ଯଦି ଫଳ ବଗିଚାରୁ ମାଟି ସଂଗ୍ରହ କରିବାକୁ ହୁଏ, ତେବେ ସେହିପରି ନମୁନା ଏକକ (ୟୁନିଟ୍) ମଧ୍ୟରେ ସ୍ଥାନ ନିରୂପଣ କରି ମାଟି ସଂଗ୍ରହ ନଳୀ କିମ୍ବା ମାଟି ସଂଗ୍ରହ ଭଅଁର ସାହାଯ୍ୟରେ ୧ ମିଟର ଗଭୀରରୁ ନମୁନା ମାଟି ସଂଗ୍ରହ କରାଯାଏ । ପ୍ରତ୍ୟେକ ୧୫ ସେ.ମି. ଗଭୀରରୁ ଗୋଟିଏ ଲେଖାଏଁ ନମୁନା ସଂଗ୍ରହ କରାଯାଇପାରେ । ଏପରି ସ୍ଥଳେ ମାଟିରେ ଉପଯୁକ୍ତ ପାଗ ଥିଲେ ମାଟି ସଂଗ୍ରହ କରିବା ସହଜ ହୁଏ ।

**ଘ) ମିଶ୍ରିତ ନମୁନା ସଂଗ୍ରହ :**

ଗୋଟିଏ ନମୁନା ଏକକର ଚିହ୍ନିତ ବିଭିନ୍ନ ସ୍ଥାନ ମାନଙ୍କରୁ ଉପର ବର୍ଣ୍ଣିତ ପ୍ରଣାଳୀ ଅନୁସାରେ ୭୫୦ଗ୍ରାମ୍‌ରୁ ୧ କିଲୋଗ୍ରାମ୍ ଓଜନର ମାଟି ସଂଗ୍ରହ କରାଯାଇ ଗୋଟିଏ ବାଲତିରେ ରଖାଯାଏ ଏବଂ ସମସ୍ତ ଜାଗାରେ ମାଟିକୁ ଭଲଭାବେ ମିଶାଇ ଦିଆଯାଇ ପଲିଥିନ୍ ସିଟ୍ ଉପରେ ଛାଇରେ ଶୁଖାଇ ଦିଆଯାଏ । ତାହାକୁ ମିଶ୍ରିତ ନମୁନା କୁହାଯାଏ । କୌଣସି ଗୋଟିଏ ନମୁନା ଏକକର ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ମାଟିର ପରିମାଣ ଅଧିକ ହୋଇଗଲେ ତା'ର ପରିମାଣକୁ କମାଯାଇ ପରୀକ୍ଷାଗାରକୁ ପଠାଯାଏ ।

**(ଙ) ମିଶ୍ରିତ ନମୁନା ପରିମାଣକୁ କମାଇବା ପ୍ରଣାଳୀ :** ଗୋଟିଏ ନମୁନା ଏକକର ପ୍ରତ୍ୟେକ ଜାଗାରୁ ସଂଗୃହୀତ ହୋଇଥିବା ସମସ୍ତ ମାଟିକୁ ଭଲଭାବରେ ମିଶାଇ ଛାଇରେ ଶୁଖାଇ ଦିଆଯାଏ । ସେହି ମାଟି ଶୁଖିଗଲା ପରେ ପଲିଥିନ୍ ସିଟ୍ କିମ୍ବା ସିମେ[ ବାରଣ୍ଡା ଉପରେ ଗୋଲ୍ ଆକାରରେ ରଖି ତାକୁ ସମାନ ଚାରିଭାଗ କରିଦିଆଯାଏ । ବିପରୀତ ଦୁଇଭାଗର ମାଟିକୁ ରଖି ଅନ୍ୟ ବିପରୀତ ଦୁଇଭାଗ ମାଟିକୁ ଫୋପାଡ଼ି ଦିଆଯାଏ । ପୁଣି ସେହି ଦୁଇଭାଗର ମାଟିକୁ ଭଲଭାବରେ ମିଶାଇ ସେହିପରି ଗୋଲାକାର କରି ଚାରିଭାଗ କରିଦିଆଯାଏ ଏବଂ ବିପରୀତ ଦୁଇଭାଗର ମାଟିକୁ ଭଲଭାବରେ ମିଶାଇ ଗୋଲ୍ ଆକାରରେ ରଖି ଅନ୍ୟ

ଦୁଇଭାଗ ଫୋପାଡି ଦିଆଯାଏ । ଏହିପରି ପ୍ରକ୍ରିୟା ଚାଲୁରଖି ସଂଗ୍ରହ କରାଯାଇଥିବା ସମୁଦାୟ ମାଟିର ପରିମାଣକୁ କମାଇ ୭୫୦ ଗ୍ରାମ୍‌ରୁ ୧ କିଲୋଗ୍ରାମ୍‌କୁ ଅଣାଯାଏ । ଏହି ପ୍ରକ୍ରିୟା ସମୟରେ ନମୁନା ମାଟିରେ ଯେପରି ବାହାରର ଅଳିଆ, ପାଉଁଶ ମିଶି ନଯାଏ, ସେଥିପ୍ରତି ଯତ୍ନ ନେବାକୁ ହୁଏ । ଓଜନ କମାଇ ସାରିବା ପରେ ନମୁନାମାଟିକୁ ପଲିଥିନ୍ ମୁଣା କିମ୍ବା କନା ମୁଣାରେ ପୁରାଇ ନିମ୍ନରେ ଦିଆଯାଥିବା ସମସ୍ତ ବିବରଣୀ ସହିତ ପରୀକ୍ଷାଗାରକୁ ପଠାଇ ଦିଆଯାଏ । ଚାଷୀ ଏବଂ ଜମି ବିଷୟରେ ପଠାଯାଉଥିବା ସମସ୍ତ ବିବରଣୀର ଦୁଇଟି ନକଲ ତିଆରି କରାଯାଏ, ସେଥିରୁ ଗୋଟିଏ ନକଲ ଚାଷୀଭାଇ ପାଖରେ ରଖେ ଏବଂ ଅନ୍ୟଟିକୁ ମାଟି ସହିତ ପରୀକ୍ଷାଗାରକୁ ପଠାଇ ଦିଆଯାଏ ।

**ଚ) ବିବରଣୀରେ ସ୍ଥାନ ପାଉଥିବା ବିଷୟ:** ବିବରଣୀରେ ନିମ୍ନଲିଖିତ ବିଷୟରେ ସୂଚନା ଦେବା ଉଚିତ୍

୧) ନମୁନା କ୍ରମିକ ନମ୍ବର : ଚାଷୀ ଭାଇ ଯଦି ବେଶୀଗୁଡ଼ିଏ ନମୁନା ପଠାଯାଉଥାଏ କିମ୍ବା ଆଗରୁ କିଛି ନମୁନା ପଠାଇଥାଏ, ତେବେ ସେହି ଅନୁସାରେ ତା'ର ନମୁନାର କ୍ରମିକ ନମ୍ବର ଦେବା ଉଚିତ୍ ।

୨) ଚାଷୀର ନାମ

୩) ଗ୍ରାମର ନାମ

୪) ଜମିର କିସମ (ଉଚ୍ଚ ମଧ୍ୟମ ବା ନିମ୍ନ ଜମି)

୫) ବ୍ଲକ୍‌ର ନାମ

୬) ଜିଲ୍ଲାର ନାମ

୭) ସେ ଅଞ୍ଚଳର ମାଟିର ସ୍ଥାନୀୟ ନାମ

୮) ଜମିରେ ଜଳସେଚନର ସୁବିଧା ଅଛି କି ?

୯) ଯଦି ଅଛି,ତେବେ ପାଣି କେଉଁଠାରୁ ମିଳେ ?

୧୦) ଗତବର୍ଷ କେଉଁ ଫସଲ କରିଥିଲେ

୧୧) ଏହିବର୍ଷ କେଉଁ ଫସଲ ଚାଷ କରିବାକୁ ଇଚ୍ଛୁକ ?

**ଛ) ନମୁନା ମାଟି ସଂଗ୍ରହ କରିବା ସମୟରେ ଅବଲମ୍ବନ କରାଯାଉଥିବା ସାବଧାନତା :**

୧) ସାବଧାନତା ସହକାରେ ନମୁନା ଏକକ ନିରୂପଣ କରିବା ଏବଂ ସେହି ଏକକ କ୍ଷେତ୍ରରୁ କେତୋଟି ସ୍ଥାନରୁ ନମୁନା ମାଟି ସଂଗ୍ରହ କରିବା, ସେ ବିଷୟ ସ୍ଥିର କରିବା ।

୨) ହିଡ଼ ପାଖରୁ କିମ୍ବା ଗଛ ଛାଇ ଜାଗାରୁ ନମୁନା ମାଟି ସଂଗ୍ରହ କରିବା ଉଚିତ୍ ନୁହେଁ । ଅତିକମ୍‌ରେ ହିଡଠାରୁ ୨ ଫୁଟ ଛାଡି ମାଟି ସଂଗ୍ରହ କରିବା ଉଚିତ୍ ।

୩) ପୂର୍ବ ଫସଲ ଯଦି ଧାଡ଼ିରେ ବୁଣା ହୋଇଥାଏ ଏବଂ ରାସାୟନିକ ସାର ଧାଡ଼ିରେ ପ୍ରୟୋଗ କରାଯାଇଥାଏ, ତେବେ ଦୁଇଧାଡ଼ିର ମଧ୍ୟବର୍ତ୍ତୀ ସ୍ଥାନରୁ ମାଟି ସଂଗ୍ରହ କରିବା ଉଚିତ୍ ।

୪) ଜମିରେ ଖତ ଗଦା ହୋଇଥିବା ଏବଂ ରାସାୟନିକ ସାର ପ୍ରୟୋଗ ହୋଇଥିବା ସ୍ଥାନରୁ ଅଥବା ଖତ ତିଆରି ହେଉଥିବା ସ୍ଥାନରୁ ନମୁନା ମାଟି ସଂଗ୍ରହ କରିବା ଉଚିତ୍ ନୁହେଁ ।

୫) ନମୁନା ମାଟିକୁ ସାର ଥିବା ଘରେ କିମ୍ବା ସାର ବସ୍ତା ଉପରେ ଶୁଖାଇବା ଉଚିତ୍ ନୁହେଁ ।

୬) ନମୁନା ମାଟିର ପରିମାଣକୁ କମାଇବା ସମୟରେ ସେଥିରେ ଯେପରି ପାଉଁଶ ବା ଅଳିଆ ମିଶି ନଯାଏ, ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ।

୭) ନମୁନା ମାଟିକୁ ଗୁଣ୍ଡ କରିବା ପାଇଁ ଲୁହା ହାତୁଡି ବ୍ୟବହାର କରିବା ଉଚିତ୍ ନୁହେଁ ।

**ଜ) ପରୀକ୍ଷା ଫଳାଫଳ :**

ନମୁନା ମାଟିକୁ ପରୀକ୍ଷା କରି ବୈଜ୍ଞାନିକମାନେ ସେହି ନମୁନାମାଟିରେ ବିଭିନ୍ନ ପୋଷକତତ୍ତ୍ୱ ଓ ଅଣୁସାର କେତେ ପରିମାଣରେ ଅଛି, ତାହା ସୂଚନା ଦିଅନ୍ତି । ସେହି ଫଳାଫଳ ଅନୁସାରେ ଚାଷ କରିବାକୁ ଆଗ୍ରହୀ ଥିବା ଫସଲରେ କେତେ ଖତ ଓ ସାର ଦେବାକୁ ପଡ଼ିବ ସେ ବିଷୟରେ ମଧ୍ୟ ସୂଚନା ଦିଅନ୍ତି । ଏହି ସୂଚନା ଅନୁସାରେ ଖତ, ସାର ଓ ଅଣୁସାର ପ୍ରୟୋଗ କରିବା ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗେ ସଙ୍ଗେ ଚାଷୀଭାଇମାନେ ମଧ୍ୟ ଅଧିକ ଅମଳ ପାଇପାରିବେ ।

**ମୃତ୍ତିକା ପରୀକ୍ଷା ଆଧାରିତ ସାର ପ୍ରୟୋଗ:** ଯେଉଁ ପୋଷକତତ୍ତ୍ୱର ପରିମାଣ ନିମ୍ନ ବା ଅଳ୍ପ ରହିଥିବ, ସେହି ପୋଷକତତ୍ତ୍ୱ ଯୋଗାଉଥିବା ସାର ଅନୁମୋଦିତ ପରିମାଣରୁ ଶତକଡା ୨୫ ଭାଗ ଅଧିକ ଦେବାକୁ ହେବ । ଯେଉଁ ପୋଷକତତ୍ତ୍ୱର ପରିମାଣ ମଧ୍ୟମ ରହିଥିବ, ସେହି ପୋଷକତତ୍ତ୍ୱ ଯୋଗାଉଥିବା ସାର ଅନୁମୋଦିତ

### ମୃତ୍ତିକା ପରୀକ୍ଷା ଫଳର ଶ୍ରେଣୀକରଣ

| କ୍ରମାଙ୍କ | ମୃତ୍ତିକାର ଉପାଦାନ/ଗୁଣ | ନିମ୍ନ | ମଧ୍ୟମ | ଉଚ୍ଚ |
|---|---|---|---|---|
| ୧. | ମାଟିର ପି.ଏଚ୍ | ୬.୫ରୁ କମ୍ ହେଲେ ଅମ୍ଳୀୟ | ୬.୫ରୁ ୭.୪ | ୭.୫ରୁ ଅଧିକ ହେଲେ କ୍ଷାରୀୟ |
| ୨ | ଜୈବିକ ଅଙ୍ଗାର ପ୍ରତିଶତ(%) | ୦.୫ରୁ କମ୍ | ୦.୫ରୁ ୦.୭୫ | ୦.୭୫ରୁ ଅଧିକ |
| ୩ | ସହଜଲଭ୍ୟ ଯବକ୍ଷାରଜାନ | ୨୫୦କି.ଗ୍ରାରୁ ଅଧିକ | ୨୫୦ କି.ଗ୍ରାରୁ ୫୦୦ କି.ଗ୍ରା | ୫୦୦ କି.ଗ୍ରାରୁ ଅଧିକ |
| ୪ | ସହଜଲଭ୍ୟ ଫସ୍‌ଫରସ୍ | ୧୪ କି.ଗ୍ରାରୁ କମ୍ | ୧୪ କି.ଗ୍ରାରୁ ୪୦କି.ଗ୍ରା | ୪୦ କି.ଗ୍ରାରୁ ଅଧିକ |
| ୫ | ସହଜଲଭ୍ୟ ପୋଟାସ୍ | ୧୧୮ କି.ଗ୍ରାରୁ କମ୍ | ୧୧୮ କି.ଗ୍ରାରୁ ୨୮୦ କି.ଗ୍ରା | ୨୮୦ କି.ଗ୍ରାରୁ ଅଧିକ |

ପରିମାଣରେ ଦିଆଯିବ । ଯେଉଁ ପୋଷକତତ୍ତ୍ୱର ପରିମାଣ ଅଧିକ (ଉଚ୍ଚ) ରହିଥିବ, ସେହି ପୋଷକତତ୍ତ୍ୱ ଯୋଗାଉଥିବା ସାରକୁ ଶତକଡା ୨୫ ଭାଗ କମ୍ ଦିଆଯାଇପାରେ । ମାଟି ଅମ୍ଳୀୟ ହେଲେ ଏକର ପ୍ରତି ୨୦୦ କି.ଗ୍ରା କାଗଜକଳ ମଇଳା ପ୍ରତିବର୍ଷ ଦେବାକୁ ହେବ ।

ଆମ ରାଜ୍ୟ ଓଡ଼ିଶାର ଶତକଡା ୭୦ଭାଗ ଜମି ଅମ୍ଳୀୟ; ଶତକଡା ୨୫ଭାଗ ଜମି ନିରପେକ୍ଷ ଏବଂ ଅବଶିଷ୍ଟ ଶତକଡା ୫ ଭାଗ ଜମି, ଯାହାକି ସମୁଦ୍ର ଉପକୂଳ ଅଞ୍ଚଳରେ ଦେଖାଯାଏ, ତାହା କ୍ଷାରୀୟ ଅଟେ । ଓଡ଼ିଶାରେ ଏତେ ଅଧିକ ପରିମାଣରର ଜମି ଅମ୍ଳୀୟ ହୋଇଥିବାରୁ, ଚୂନ ଦ୍ୱାରା ବା କାଗଜ କଳ ମଇଳା ଦ୍ୱାରା ତାହାକୁ ଶୋଧନ କରିବା ପାଇଁ ଚାଷୀଭାଇ ମାନଙ୍କୁ ପରାମର୍ଶ ଦିଆଯାଇଥାଏ । ମାଟି ଶୋଧନ କରିବା ଦ୍ୱାରା ଅମ୍ଳୀୟତା ହ୍ରାସ ପାଇ ଉଦ୍ଭିଦର ପୋଷାକତତ୍ତ୍ୱର ମୂଳ ଉତ୍ସ ମାଟିରେ ଥିବା ସମୁଦାୟ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପୋଟାସ୍‌ର ଯେଉଁ ଅଂଶ ବା ମାତ୍ରା ଉଦ୍ଭିଦର ଗ୍ରହଣଯୋଗ୍ୟ ଅବସ୍ଥାରେ ଥାଏ, ତାହାକୁ ସହଜଲଭ୍ୟ ବୋଲି କୁହାଯାଇଥାଏ । ଗବେଷଣାରୁ ଜଣାଯାଇଛି ଯେ, ଆମ ପ୍ରଦେଶର ଶତକଡା ୬୦ଭାଗ ମାଟିରେ ଜୈବିକ ଅଙ୍ଗାର ମଧ୍ୟମ ପରିମାଣରେ ଏବଂ ୪୦ଭାଗ ମାଟିରେ ଜୈବିକ ଅଙ୍ଗାର କମ୍ ପରିମାଣରେ ରହିଛି । ପ୍ରାୟ ଶତକଡା ୮୦ଭାଗ ଜମିରେ ସହଜଲଭ୍ୟ ଯବକ୍ଷାରଜାନ କମ୍ ପରିମାଣରେ ରହିଛି । ଶତକଡା ୭୩ଭାଗ ଜମିରେ ସହଜଲଭ୍ୟ ଫସ୍‌ଫରସ୍ ମଧ୍ୟମ ପରିମାଣରେ ଏବଂ ଶତକଡା ୨୭ଭାଗ ଜମିରେ ସହଜଲଭ୍ୟ ଫସ୍‌ଫରସ୍ ନିମ୍ନ ପରିମାଣରେ ରହିଛି । ଓଡ଼ିଶାରେ ଶତକଡା ୭ଭାଗ ଜମିରେ ସହଜଲଭ୍ୟ ପୋଟାସିୟମ୍ ଅଧିକ ପରିମାଣରେ ରହିଛି; ଶତକଡା ୮୬ଭାଗ ଜମିରେ ସହଜଲଭ୍ୟ ପୋଟାସିୟମ ମଧ୍ୟମ ପରିମାଣରେ ରହିଛି ଏବଂ ଶତକଡା ୭ଭାଗ ଜମିରେ ଏହା ଅତ୍ୟନ୍ତ କମ୍ ପରିମାଣରେ ରହିଛି ।

ମୃତ୍ତିକା ପରୀକ୍ଷା କାର୍ଡରେ ପ୍ରତ୍ୟେକଟି ଚାଷୀର ଜମିରେ ଉପରୋକ୍ତ ମୁଖ୍ୟ ଖାଦ୍ୟ ଉପାଦାନ ଗୁଡ଼ିକର ପରିମାଣ ଦିଆଯିବା ସହିତ ଗୌଣ ଓ ଅଣୁଖାଦ୍ୟସାରର ପରିମାଣ ଯଥା: ସଲ୍‌ଫର, ଲୌହ, ମାଙ୍ଗାନିଜ୍, ତମ୍ବା, ଜିଙ୍କ୍, ବୋରନ୍, ମଲିବଡେନମ୍ ଏବଂ କ୍ଲୋରିନ୍‌ର ପରିମାଣ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥାଏ । ସମସ୍ତ ତୈଳବୀଜ ଜାତୀୟ ଫସଲ ପାଇଁ ସଲ୍‌ଫର୍ ଅତ୍ୟାବଶ୍ୟକ । ଓଡ଼ିଶାରେ ପ୍ରାୟ ଶତକଡା ୪୦ଭାଗ ଜମିରେ ସଲ୍‌ଫର୍‌ର ଅଭାବ ରହିଛି । ଠିକ୍ ସେହିପରି ୫୦-୫୫ଭାଗ ଜମିରେ ବୋରନ୍‌ର ଅଭାବ ରହିଛି ଏବଂ ଶତକଡା ୩୦ଭାଗ ଜମିରେ ଜିଙ୍କ୍‌ର ଅଭାବ ରହିଛି । ତେଣୁ, ଯେଉଁ ଚାଷୀଭାଇଙ୍କ ଜମିରେ ଏହି ଗୌଣ ଓ ଅଣୁଖାଦ୍ୟ ଉପାଦାନ ଗୁଡ଼ିକର ଅଭାବ ରହିଛି । ସେ ସମ୍ପର୍କରେ ମଧ୍ୟ ମୃତ୍ତିକା ପରୀକ୍ଷା କାର୍ଡରେ ସମ୍ୟକ୍ ସୂଚନା ଦିଆଯାଇଥାଏ ।

ବର୍ତ୍ତମାନ ଆମ ଦେଶରେ ସମୁଦାୟ ୬ଶହ ୪୫ଟି ମୃତ୍ତିକା ପରୀକ୍ଷାଗାର ରହିଛି ଏବଂ ପ୍ରତିବର୍ଷ ଏଗୁଡିକର ସଂଖ୍ୟା ବଢ଼ିବାରେ ଲାଗିଛି । ଏଥିରୁ ଆମେ ଏହା ଅନୁମାନ କରିପାରିବା ଯେ, ସବୁ ଚାଷୀଭାଇମାନଙ୍କ ମୃତ୍ତିକା ପରୀକ୍ଷା କରିବା ପାଇଁ ଏବଂ ପରୀକ୍ଷାଫଳକୁ ଏକ ରିପୋର୍ଟ ମାଧ୍ୟମରେ ଚାଷୀମାନଙ୍କୁ ଦେବା ପାଇଁ କେନ୍ଦ୍ର ସରକାର କେତେ ଆଗ୍ରହୀ । ଏହି ମୃତ୍ତିକା ପରୀକ୍ଷା ରିପୋର୍ଟକୁ ହିଁ ମାଟିର ସ୍ୱାସ୍ଥ୍ୟକାର୍ଡ ବୋଲି କୁହାଯାଏ । ଏହି ସ୍ୱାସ୍ଥ୍ୟକାର୍ଡରେ ମାଟିରେ ଥିବା ବିଭିନ୍ନ ଉଦ୍ଭିଦ ଖାଦ୍ୟପଦାର୍ଥର ପରିମାଣ, ଏହାର ଅଭାବ ବା ଏହାର ଆଧିକ୍ୟ ସମ୍ପର୍କରେ ଆଞ୍ଚଳିକ ଭାଷାରେ ଉଲ୍ଲେଖ କରାଯାଇଥାଏ । ତତ୍‌ସହିତ କେଉଁ ଫସଲ ପାଇଁ କେତେ ପରିମାଣର ବିଭିନ୍ନ ଖତ ଓ ସାର ପ୍ରୟୋଗ କରିବାକୁ ହେବ, ସେ ବିଷୟରେ ମଧ୍ୟ ଉଲ୍ଲେଖ ରହିଥାଏ । ଏଠାରେ ଚାଷୀଭାଇମାନେ ଜାଣିରଖିବା ଉଚିତ୍ ଯେ, ଜୈବିକ ଖତ ମାଟିର ସ୍ୱାସ୍ଥ୍ୟରକ୍ଷାରେ ସହାୟକ ହୋଇଥାଏ ଏବଂ ରାସାୟନିକ ସାର ତୁରନ୍ତ ଜମିରୁ ବିଭିନ୍ନ ଫସଲ ଅଧିକ ଉତ୍ପାଦନ କରିବାରେ ସାହାଯ୍ୟ କରିଥାଏ । ତେଣୁ ଆମକୁ ମାଟିର ସ୍ୱାସ୍ଥ୍ୟରକ୍ଷା କରିବା ସହିତ ଅଧିକରୁ ଅଧିକ ଫସଲ ଉତ୍ପାଦନ କରିବା ପାଇଁ ନମୁନା ମାଟି ସଂଗ୍ରହ କରି ପରୀକ୍ଷାଗାରରେ ପରୀକ୍ଷା କରାଇ ମାଟି ପରୀକ୍ଷା ଆଧାରିତ ଆବଶ୍ୟକୀୟ ପରିମାଣର ଉଭୟ ଜୈବିକ ଖତ ଓ ରାସାୟନିକ ସାର ଜମିରେ ପ୍ରୟୋଗ କରିବାକୁ ପଡିବ । ତେବେ ଯାଇ ଆମ ମାଟି ମାଆର ସ୍ୱାସ୍ଥ୍ୟ ଅତୁଟ ରହିବା ସହିତ ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରି ଆମେ ସ୍ୱାବଲମ୍ବୀ ହୋଇପାରିବା । ଏହି ଆଲୋଚନାରୁ ଆମେ ଜାଣିପାରିଲେ ଯେ, ଆମ ଦେଶର ଉନ୍ନତି ପାଇଁ ମାଟି ପରୀକ୍ଷା ଏବଂ ମାଟିର ସ୍ୱାସ୍ଥ୍ୟ କାର୍ଡର କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଆମ ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ କୃଷିବିଭାଗ ଅଧୀନରେ ୧୭ଟି ମୃତ୍ତିକା ପରୀକ୍ଷାଗାର ରହିଛି । ଏହାଛଡା କୃଷି ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ମଧ୍ୟରୁ ୧୧ଟି କୃଷିବିଭିନ୍ନ କେନ୍ଦ୍ରରେ ମୃତ୍ତିକା ପରୀକ୍ଷାଗାର ରହିଛି । ଏହାଛଡା କେତେଗୁଡ଼ିଏ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର କୃଷିବିଭାଗ ଅଧୀନରେ ଏବଂ ଓଡ଼ିଶାରେ ବିଭିନ୍ନ ସାର ଉତ୍ପାଦନ କରୁଥିବା କମ୍ପାନୀ ଗୁଡ଼ିକ ଦ୍ୱାରା ନିରନ୍ତର ପରିଚାଳିତ ହେଉଛି । ତେଣୁ ଆମର ଚାଷୀଭାଇମାନେ ଏହାର ସୁଯୋଗ ନେଇ ନିଜ ଜମିରୁ ନମୁନାଟି ସଂଗ୍ରହ କରି ତାଙ୍କର ନିକଟସ୍ଥ ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରାଇ ନେବା ବାଞ୍ଛନୀୟ । ଏହିପରି ଭାବରେ ଆମେ ଦେଶକୁ ସମୃଦ୍ଧିଶାଳୀ କରିବାରେ ସାହାଯ୍ୟ କରିପାରିବା । ●

**ଲେଖକ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ସହ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ।**



Unfiled Notes Page 52

## ସାଂପ୍ରତିକୀ

ଡ଼କ୍ଟର ଗିରିଶ ଚନ୍ଦ୍ର ଦାଶ

### ଓଡ଼ିଶା ବଜେଟ୍ - ୨୦୧୬-୧୭

ଗତ ମାର୍ଚ୍ଚ ୧୮ ତାରିଖ ଦିନ, ରାଜ୍ୟ ସରକାର ବିଧାନସଭାରେ ୨୦୧୬-୧୭ ପାଇଁ ୯୪,୦୫୨କୋଟି ୬୫ଲକ୍ଷ ଟଙ୍କାର ବଜେଟ୍ ଆକଳନ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ପ୍ରସ୍ତୁତି ପାଇଁ ସରକାରଙ୍କୁ ମୋଟ୍ ୧୬୬୬ଟି ପରାମର୍ଶ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ମିଳିଥିଲା । ଗତବର୍ଷ ଅପେକ୍ଷା, ଚଳିତବର୍ଷ ବଜେଟ୍ ଆକଳନ ପ୍ରାୟ ୧୧.୩୨ ପ୍ରତିଶତ ବୃଦ୍ଧି ପାଇଛି । ଅଣଯୋଜନା ଅଟକଳ ୯.୪୨ ପ୍ରତିଶତ ଓ ରାଜ୍ୟ ଯୋଜନା ଅଟକଳ ୧୩.୫୭ ପ୍ରତିଶତ ବୃଦ୍ଧି ପାଇଛି । ଗତ ଆର୍ଥିକ ବର୍ଷର ମୋଟ ବଜେଟ୍ ଆକଳନ ୮୪,୪୮୭ କୋଟି ୭୭ଲକ୍ଷ ଟଙ୍କା ଥିଲା । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ଉପସ୍ଥାପିତ ସ୍ୱତନ୍ତ୍ର ବଜେଟ୍‌ର ପରିମାଣ ଚଳିତବର୍ଷ ପାଇଁ ୧୩୨୦୨ କୋଟି ଟଙ୍କା ହୋଇଥିବାବେଳେ, ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୨୦.୮୯ ପ୍ରତିଶତ ଅଭିବୃଦ୍ଧି ବୋଲି ଜଣାପଡ଼ିଛି । ବଜେଟ ଅଟକଳରେ ବ୍ୟୟବରାଦ ୯୪୦୫୨ କୋଟି ୬୫ଲକ୍ଷ ଟଙ୍କା ହୋଇଥିବାବେଳେ, ଏଥିରେ ଋଣ ପରିଶୋଧ ମଧ ଅନ୍ତର୍ଭୁକ୍ତ । ବଜେଟ୍‌ରେ ମୋଟ୍ ବ୍ୟୟ ଅଟକଳ ୯୮୪୧୬କୋଟି ୯୩ଲକ୍ଷ ଟଙ୍କା ରଖାଯାଇଛି । ନୂତନ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ଘରୋଇ ଉତ୍ପାଦର ୩.୭୯ ପ୍ରତିଶତ ଧାର୍ଯ୍ୟ କରାଯାଇଛି । ସେହିଭଳି ପୁଞ୍ଜି ବ୍ୟୟକୁ ୧୬୭୪୯କୋଟି ୭୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାର ପ୍ରସ୍ତାବ ଅଛି, ଯାହା ସାମଗ୍ରିକ ଘରୋଇ ଉତ୍ପାଦନର ପ୍ରାୟ ୪.୩୭ପ୍ରତିଶତ ଅଟେ । ଋଣ ପରିଶୋଧକୁ ବାଦ୍ ଦେଲେ, ମୋଟ୍ ଖର୍ଚ୍ଚରୁ ଉନ୍ନୟନମୂଳକ ଖର୍ଚ୍ଚର ଅଂଶ ୨୦୧୬-୧୭ ଆର୍ଥିକ ବର୍ଷରେ ୭୪.୮୯ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି ।

### ଚତୁର୍ଥପାଇଁ ଓଡ଼ିଶାକୁ ମିଳିଲା କୃଷି କର୍ମଣ ପୁରସ୍କାର

ଓଡ଼ିଶାକୁ ଚତୁର୍ଥଥର ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କୃଷି କର୍ମଣ ପୁରସ୍କାର ମିଳିଛି । ଗତ ମାର୍ଚ୍ଚ ୧୯ ତାରିଖ ଦିନ, ନୂଆଦିଲ୍ଲୀଠାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ରାଜ୍ୟ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ, ରାଜ୍ୟ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଠାରୁ ୫ କୋଟି ଟଙ୍କା ସମେତ ଏହି ପୁରସ୍କାର ଗ୍ରହଣ କରିଛନ୍ତି । କୃଷି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ଯୋଗୁଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସୂଚନାଯୋଗ୍ୟ ଯେ, ୨୦୧୪-୧୫ ଆର୍ଥିକ ବର୍ଷରେ ଓଡ଼ିଶାରେ ୧୧୮ଲକ୍ଷ ୨୪ହଜାର ଟନ୍ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି ।

ଏହି ଅବସରରେ ରାଜ୍ୟର ଦୁଇଜଣ ଚାଷୀଙ୍କୁ ମଧ କେନ୍ଦ୍ର କୃଷି ମନ୍ତ୍ରୀ କୃଷି କର୍ମଣ ପୁରସ୍କାର ପ୍ରଦାନ କରିଛନ୍ତି । ପୁରୀ ଜିଲ୍ଲା ନିମାପଡ଼ା ବ୍ଲକର ରେସିଙ୍ଗା ଗ୍ରାମର ଦିଲ୍ଲୀପ କୁମାର ବରାଳଙ୍କୁ ପ୍ରଗତିଶୀଳ ଚାଷୀ ଭାବେ ଏବଂ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକର ଖଇରାଟିକ୍ରି ଗ୍ରାମର ଅନୀତା ପଟେଲଙ୍କୁ ରେକର୍ଡ ପରିମାଣ ଧାନ ଉତ୍ପାଦନ ପାଇଁ ପୁରସ୍କୃତ କରାଯାଇଛି । ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ୨ଲକ୍ଷ ଲେଖାଏଁ ଟଙ୍କା ମିଳିଛି । ଶ୍ରୀ ବରାଳ, ଗୋଟିଏ ହେକ୍ଟର ଜମିରେ ୨୧ କ୍ୱିଣ୍ଟାଲ ମୁଗ ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଥିବାବେଳେ, ଶ୍ରୀମତୀ ପଟେଲ ହେକ୍ଟର ପିଛା ୧୦୬ କ୍ୱିଣ୍ଟାଲ ଧାନ ଉତ୍ପାଦନ କରି ଅନ୍ୟ ଏକ ରେକର୍ଡ ସୃଷ୍ଟି କରିଛନ୍ତି । ସୂଚନାଯୋଗ୍ୟ ଯେ ଜଣେ ଚାଷୀ ସାଧାରଣ ଭାବେ ହେକ୍ଟର ପିଛା ୫ କ୍ୱିଣ୍ଟାଲ ମୁଗ ଓ ଅନ୍ୟପକ୍ଷରେ ୩୬ କ୍ୱିଣ୍ଟାଲ ଧାନ ଉତ୍ପାଦନ କରିଥାଏ ।

### ଓଡ଼ିଶା ଜୀବିକା ମିଶନ : ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ଗତ ମାର୍ଚ୍ଚ ମାସ ୧୮ ତାରିଖ ଦିନ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ, ସୁଦର୍ଶନ ଭଗତ, ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ମିଶନ ଜରିଆରେ ରାଜ୍ୟରେ ଏପର୍ଯ୍ୟନ୍ତ ୨.୯୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି), ୧୦୬୬୨ ସି.ଏଲ୍.ଏଫ୍ ଏବଂ ୧୪୯୪ ଜି.ପି.ଏଲ୍.ଏଫ୍

ଗଠନ କରାଯାଇ ସାରିଛି । ଏହି ମିଶନର କାର୍ଯ୍ୟକୁ ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲାର ୧୦୭ଟି ବ୍ଲକର ୩୪୩ ଗ୍ରାମ ପଞ୍ଚାୟତକୁ ସମ୍ପ୍ରସାରଣ କରିବାର ଲକ୍ଷ୍ୟ ରଖାଯାଇଛି ।

## ଭାରତୀୟ ଡ଼ାକ ବିଭାଗରେ ବ୍ୟାଙ୍କିଙ୍ଗ ସୁବିଧା

ଡାକ କାର୍ଯ୍ୟାଳୟରେ ସଞ୍ଚୟ ଖାତା ଖୋଲିଥିବା ଗ୍ରାହକମାନେ ଏଣିକି, ସମଗ୍ର ଦେଶରେ ୨୦ ହଜାରରୁ ଊର୍ଦ୍ଧ୍ୱ ଡାକବିଭାଗର ଶାଖାଗୁଡ଼ିକରୁ ମଧ୍ୟ ନିଜ ଖାତା ପରିଚାଳନା କରିପାରିବେ । ଏ ସମ୍ପର୍କରେ ସୂଚନା ଦେଇ ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ ଦେଶର ୨୦ ହଜାରରୁ ଊର୍ଦ୍ଧ୍ୱ ଡାକ ଶାଖା ଗୁଡ଼ିକୁ କୋର୍ ବ୍ୟାଙ୍କିଙ୍ଗ ଫାସିଲିଟି ସହିତ ଯୋଡ଼ାଯାଉଛି । ଏକ ଟ୍ୱିଟ୍ ମାଧ୍ୟମରେ ସେ କହିଛନ୍ତି ଯେ ୨୦୧୪ ମସିହା ମେ ମାସ ସୁଦ୍ଧା ଏଭଳି ପ୍ରାୟ ୩୦ଟି ଶାଖାରେ ହିଁ ଏହି ସୁବିଧା ଥିଲା । ସୂଚନାଯୋଗ୍ୟ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଡାକ ବିଭାଗକୁ ଗତବର୍ଷ ସେପ୍ଟେମ୍ବର ମାସରେ, ପେମେଣ୍ଟ ବ୍ୟାଙ୍କ ସ୍ଥାପନ କରବାପାଇଁ ନିତୀଗତ ଅନୁମତି ଦେଇ ସାରିଛନ୍ତି । ଏପର୍ଯ୍ୟନ୍ତ ଡାକ ବିଭାଗ ତରଫରୁ ସମଗ୍ର ଦେଶରେ ୫୭୬ଟି ଏଟିଏମ୍ ମଧ୍ୟ ସ୍ଥାପନ କରାଯାଇ ସାରିଛି ।

## ଅନୂସୂଚିତ ଜାତି ଆଦେଶ ସମ୍ବିଧାନ ସଂଶୋଧନ ବିଧେୟକ-୨୦୧୬

ଅନୁସୂଚିତ ଜାତି ଆଦେଶ ୧୯୫୦ର ସଂଶୋଧନ ପାଇଁ ଆଗତ ଏକ ସମ୍ବିଧାନ ସଂଶୋଧନ ବିଧେୟକକୁ ଗତ ମାର୍ଚ୍ଚ ମାସ ୧୫ ତାରିଖ ଦିନ ଲୋକସଭାରେ ପାରିତ କରାଯାଇଛି । ଏହାଦ୍ୱାରା ଓଡ଼ିଶା ସମେତ ଅନ୍ୟ କେତେକ ରାଜ୍ୟ କରିଆସୁଥିବା ଦାବି ପୂରଣ ହୋଇପାରିବ । ଛତିଶଗଡ଼, ହରିଆନା, କେରଳ, ପଶ୍ଚିମବଙ୍ଗ ଓ ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଅନୁସୂଚିତ ଜାତି ସୂଚୀରେ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ●



# New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards



YOJANA (Odia) : Monthly APRIL 2016 RNI No. 57203/93
ISSN 0971-8346 Total Number of Pages (56) ₹ 22.00


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the "Director, Publications Division, Ministry of Information & Broadcasting, New Delhi**


Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhawan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -I, New Delhi -110020
Editor : Dr Girish Chandra Dash